ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧/୨୦୨୫ (୧୮ ପୃଷ୍ଠା) | Bhubaneswar, Tuesday, Arpil 1/2025 | Page 18 | ₹ 7.00 | SAMBALPUR

୫୧ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 126 | ମୂଲ୍ୟ ₹୭/-

DADLS-04

सत्यमेव जयते

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି ।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ । ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି । ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ । ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି ।

(ଦ୍ରୌପଦୀ ମୁର୍ମୁ)

सत्यमेव जयते

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା ।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି । ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି ।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି ।

ଜୟ ହିନ୍ଦ୍ । ଜୟ ଓଡ଼ିଶା ।

Jagdeep Dhankhar

(ଜଗଦୀପ ଧନଖଡ଼୍)

OIPR-15001/13/0478/2425

DADLS-01

सत्यमेव जयते



## ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

ଓଡ଼ିଶା ଶାସନ

## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0468/2425

DADLS-06



ସ୍ୱର୍ଣ୍ଣିମ ସକାଳର ସୂର୍ଯ୍ୟୋଦୟ

# ସମୃଦ୍ଧି ପଥେ ଆମ ଓଡ଼ିଶା



## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- **'ସୁଭଦ୍ରା'**ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝରର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍‌ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- **'ଆମେ ପଢିବା ଆମ ଭାଷାରେ'** ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- **'ଆମ ଶିମିଳିପାଳ ଯୋଜନା'** ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

ବିକଶିତ ଓଡ଼ିଶା ବିକଶିତ ଭାରତ

VISION DOCUMENT 2036 | 2047














ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0490/2425

ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧/୨୦୨୫ | Bhubaneswar, Tuesday, April 1/2025 | ପୃଷ୍ଠା-୧



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୋମବାର ଶ୍ରଦ୍ଧାଳୁମାନେ ପ୍ରବଳ ଖରାରେ ଅପେକ୍ଷା କରିଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଜାତୀୟ ଐତିହ୍ୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା

**ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)**

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଐତିହ୍ୟ ତାଲିକାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସ୍ଥାନ ପାଇଛି। ଏଥିସହ ଦେଶର ବୃହତ୍ ବାଣିଜ୍ୟିକ ମେଳା କଟକ ବାଲିଯାତ୍ରାକୁ ମଧ୍ୟ ଏଥିରେ ସ୍ଥାନିତ କରାଯାଇଛି। ଏନେଇ ସୋମବାର ସୋସିଆଲ ମିଡିଆ 'ଏକ୍ସ'ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ରଥଯାତ୍ରାକୁ ଏହି ତାଲିକାରେ ସାମିଲ କରାଯିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବକୁ ଏକାଡେମୀ ପକ୍ଷରୁ ଗ୍ରହଣ କରାଯାଇ ସ୍ୱୀକୃତି ପ୍ରଦାନ କରାଯାଇଛି।

ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସିବ୍ୟକ୍ତ କରିବା ସହ ନିଜ ଏକ୍ସ

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଆକାଉଣ୍ଟରେ ପୋଷ୍ଟ କରି ଲେଖିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟର ମାନ୍ୟତା ପ୍ରଦାନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାର ପ୍ରଥମ ସୋପାନରେ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଐତିହ୍ୟ ତାଲିକାରେ ରଥଯାତ୍ରା ସାମିଲ ହୋଇଥିବା ଖବର ଜାଣି ମୁଁ ବିଶେଷ ଆନନ୍ଦିତ। ଏହି ଅବସରରେ ମହାପ୍ରଭୁଙ୍କ ସେବକଗଣ, ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତ ତଥା ଶ୍ରୀମନ୍ଦିର ପ୍ରଶାସନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମହାପ୍ରଭୁଙ୍କ ରଥଯାତ୍ରା ନିଶ୍ଚିତ ଭାବେ ୟୁନେସ୍କୋ ☞ପୃଷ୍ଠା-୨

## ନିଧି ତିୱାରୀ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ



**ନୂଆଦିଲ୍ଲୀ, ୩୧।୩**

ଇଣ୍ଡିଆନ୍ ଫରେନ୍ ସର୍ଭିସ୍ (ଆଇଏଫ୍ଏସ୍) ଅଧିକାରୀ ନିଧି ତିୱାରୀଙ୍କୁ ସୋମବାର ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଆଣ୍ଡ୍ ଟ୍ରେନିଂ ପକ୍ଷରୁ ଘୋଷଣା କରାଯାଇଛି। ୨୦୧୪ ବ୍ୟାଚ୍‌ର ଆଇଏଫ୍ଏସ୍ ଅଧିକାରୀ ନିଧି ୨୦୨୨ ନଭେମ୍ବରରୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଡେପୁଟି ସେକ୍ରେଟାରି ଭାବେ କାର୍ଯ୍ୟ କରୁଥିଲେ। ଏହାପୂର୍ବରୁ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ଡିସ୍‌ଆର୍ମାମେଣ୍ଟ ଆଣ୍ଡ୍ ଇଣ୍ଟରନ୍ୟାଶନାଲ ସିକ୍ୟୁରିଟି ଆଫେୟାର୍ସ ଡିଭିଜନରେ ସେକ୍ରେଟାରି ଭାବେ କାର୍ଯ୍ୟ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନମଣ୍ଡଳୀ ବାରାଣସୀ ଅନ୍ତର୍ଗତ ମହମୁର୍‌ଗଞ୍ଜର ନିବାସୀ ହେଉଛନ୍ତି ନିଧି। ଆଇଏଫ୍ଏସ୍‌ରେ ଯୋଗଦାନ ପୂର୍ବରୁ ସେ କିଛିଦିନ ପାଇଁ ବାରାଣସୀର ଆସିଷ୍ଟାଣ୍ଟ କମିଶନର(କମର୍ସିଆଲ ଟାକ୍ସ) ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୧୩ ସିଭିଲ ସର୍ଭିସ୍ ପରୀକ୍ଷାରେ ସେ ୯୬ତମ ର୍ୟାଙ୍କ ପାଇଥିଲେ।

## ପଦବୀ ପୂରଣ ହେଉନି, କେନ୍ଦ୍ରରୁ ଫେରୁନାହାନ୍ତି

**ରାଜ୍ୟରେ ଶାସନ ବ୍ୟବସ୍ଥା, ସରକାରୀ ଯୋଜନାଗୁଡ଼ିକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରିବା, ଜଙ୍ଗଲ, ବନ୍ୟପ୍ରାଣୀ ସମେତ ସମସ୍ତ ପ୍ରାକୃତିକ ସମ୍ପଦର ସୁରକ୍ଷା, ଆଇନଶୃଙ୍ଖଳା ବଜାୟ ରଖିବା, ଲୋକଙ୍କ ସମସ୍ୟାଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା, ସରକାରୀ ଆର୍ଥିକ କାରବାର ଓ ହିସାବନିକାଶ ବିଧିବ୍ୟବସ୍ଥା ମଧ୍ୟରେ କରିବା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍, ଓଏଏସ୍, ଓପିଏସ୍, ଓଆର୍‌ଏସ୍ ଆଦି ଅଧିକାରୀ ନିଯୁକ୍ତ ହୋଇଥାନ୍ତି। ହେଲେ ଓଡ଼ିଶାରେ ଏହି ଅଧିକାରୀମାନଙ୍କ ଅଭାବ ଦେଖିବାକୁ ମିଳୁଛି। ସମ୍ପ୍ରତି ପ୍ରାୟ ୩୬% ଆଇଏଏସ୍, ୪୮% ଆଇପିଏସ୍, ୪୯% ଆଇଏଫ୍ଏସ୍ ଅଫିସର ପଦବୀ ଖାଲି ରହିଛି। ଏଥିମଧ୍ୟରେ କେନ୍ଦ୍ରକୁ ଡେପୁଟେଶନରେ ଯାଇ ଫେରି ନ ଥିବା ଅଧିକାରୀମାନେ ମଧ୍ୟ ରହିଛନ୍ତି। ଏହି ପ୍ରଶାସନିକ ସଙ୍କଟ ଯୋଗୁଁ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ କେବଳ ବଡ଼ ବ୍ୟବଧାନ ସୃଷ୍ଟି ହୋଇନାହିଁ, ଅନେକ ସରକାରୀ ଯୋଜନା କାର୍ଯ୍ୟକାରିତାରେ କ୍ଲିଷ୍ଟତା ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ୨୪ ବର୍ଷର ବିଜେଡି ଶାସନର ଅନ୍ତ ଘଟାଇ ୨୦୨୪ ଜୁନ୍‌ରୁ ରାଜ୍ୟରେ ଶାସନ କରୁଥିବା ଭାଜପା ସରକାର ପାଇଁ ତା'ର ପ୍ରତିଶ୍ରୁତି ପାଳନ କରିବାରେ ଅଫିସର ଅଭାବ ବଡ଼ ବାଧକ ବୋଲି ଅନେକେ ମତ ଦେଉଛନ୍ତି।**

### ଓଡ଼ିଶାରେ ୩୬% ଆଇଏଏସ୍, ୪୮% ଆଇପିଏସ୍ ଅଫିସର ପଦବୀ ଖାଲି

**ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)**

ରାଜ୍ୟରେ ଯେତିକି ମଞ୍ଜୁରୀପ୍ରାପ୍ତ ଉଚ୍ଚପଦସ୍ଥ ସରକାରୀ ପଦପଦବୀ ରହିଛି ତାହା ପୂରଣ ହେଉନାହିଁ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍)ଠାରୁ ଆରମ୍ଭ କରି ଭାରତୀୟ ବନ ସେବା (ଆଇଏଫ୍ଏସ୍), ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ପୋଲିସ ସେବା (ଓପିଏସ୍), ଓଡ଼ିଶା ଅର୍ଥ ସେବା, ଓଡ଼ିଶା ବନ ସେବା ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆର୍‌ଏସ୍)ର ମଞ୍ଜୁରୀପ୍ରାପ୍ତ ପଦବୀ ସମ୍ପୂର୍ଣ୍ଣ ପୂରଣ ହୋଇନାହିଁ। ସେହିପରି ଆଇଏଏସ୍ ଏବଂ ଆଇପିଏସ୍ ମଞ୍ଜୁରୀପ୍ରାପ୍ତ ଅଫିସର ପଦବୀ ଅନେକାଂଶରେ ଖାଲି ପଡ଼ିଥିବାବେଳେ ବହୁ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଓଡ଼ିଶା ଛାଡ଼ି କେନ୍ଦ୍ରୀୟ ଡେପୁଟେଶନରେ ଚାଲିଯାଉଛନ୍ତି। ଗତ ୨ ବର୍ଷ ଭିତରେ ୬ ଜଣ ଆଇଏଏସ୍ ଏବଂ ୧୦ ଜଣ ଆଇପିଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ଗତ ୮ ବର୍ଷରେ ମୋଟ୍ ୨୨ ଜଣ ଆଇଏଏସ୍ ଏବଂ ଗତ ୯ ବର୍ଷରେ ୨୨ ଜଣ ଆଇପିଏସ୍‌ରେ ଡେପୁଟେଶନରେ ଯାଇଛନ୍ତି। ଏପରିକି ୨୦୧୭ରୁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ଅନେକ ଅଫିସର ଓଡ଼ିଶା ଫେରିନାହାନ୍ତି। ଏଭଳି ଆଇପିଏସ୍‌ମାନଙ୍କ କ୍ଷେତ୍ରରେ ୧୯୯୮ ଏବଂ ୨୦୧୬ରୁ ଡେପୁଟେଶନରେ ଯାଇଥିବା ବହୁ ଅଧିକାରୀ ଓଡ଼ିଶା ଫେରିନାହାନ୍ତି। ଏପରି ଦେଖିଲେ ଏବେ ରାଜ୍ୟରୁ ମୋଟ୍ ୨୨ ଜଣ ଆଇଏଏସ୍ ଏବଂ ୨୪ ଜଣ ଆଇପିଏସ୍ ଅଫିସର ଡେପୁଟେଶନରେ ଅଛନ୍ତି। ସରକାରଙ୍କ ତଥ୍ୟ ଉପରେ ନଜର ପକାଇଲେ ଓଡ଼ିଶାରେ ବହୁ ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଫିସର ପଦବୀ ଖାଲିପଡ଼ିଛି।

ରାଜ୍ୟରେ ୨୪୮ଟି ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ପଦବୀ ରହିଛି। ସେଥିମଧ୍ୟରୁ ୧୮୦ଟି ପଦବୀ ପୂରଣ ହୋଇଛି। ହେଲେ ପୂରଣ ହୋଇଥିବା ପଦବୀ ମଧ୍ୟରୁ ୨୨ ଜଣ କେନ୍ଦ୍ରୀୟ ଡେପୁଟେଶନରେ ପଳାଇଥିବା ବେଳେ ୬୭ଟି ଆସନ ଖାଲିପଡ଼ିଛି। ଅର୍ଥାତ୍ ଗତ ମାର୍ଚ୍ଚ ୧୭ ତାରିଖ ସୁଦ୍ଧା ରାଜ୍ୟରେ ମୋଟ୍ ୧୫୯ ଜଣ ☞ପୃଷ୍ଠା-୨

## ଏନ୍‌କାଉଣ୍ଟରରେ ବରିଷ୍ଠ ମାଓବାଦୀ ରେଣୁକା ନିହତ

**ଦାନ୍ତେୱାଡ଼ା,୩୧।୩(ପି.ଟି.)**

ଛତିଶଗଡ଼ର ବସ୍ତର ଅଞ୍ଚଳରେ ସୋମବାର ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ଜଣେ ବରିଷ୍ଠ ମହିଳା ମାଓବାଦୀ ନିହତ ହୋଇଛନ୍ତି। ଗୁମ୍ମାଡିଭେଲି ରେଣୁକା ନାମ୍ନୀ ଏହି ଉଚ୍ଚଶିକ୍ଷିତା କ୍ୟାଡର ମାଓବାଦୀ ୧୯୯୬ରୁ ବେଆଇନ ସିପିଆଇ(ମାଓବାଦୀ) ସଂଗଠନରେ ସକ୍ରିୟ ରହିଥିଲେ। ତାଙ୍କୁ ଧରାଇଦେଲେ ୨୫ ଲକ୍ଷ ଟଙ୍କା ଦିଆଯିବ ବୋଲି ଛତିଶଗଡ଼ ସରକାର ଘୋଷଣା କରିଥିବାବେଳେ ତେଲଙ୍ଗାନା ମଧ୍ୟ ୨୦ ଲକ୍ଷ ଟଙ୍କାର ପୁରସ୍କାର ରଖିଥିଲା।

ମାଓବାଦୀ ନିରୋଧୀ ଅଭିଯାନରେ ବାହାରିଥିବା ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ବସ୍ତର ଅଞ୍ଚଳରେ ପହଞ୍ଚିବା ପରେ ସକାଳ ୯ଟାରେ ଦାନ୍ତେୱାଡ଼ା ଏବଂ ବିଜାପୁର ଜିଲା ସୀମାବର୍ତ୍ତୀ ଜଙ୍ଗଲରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ନାଲଗୋଣ୍ଡା, ଇକେଲି ଏବଂ ବେଲନାର ପାହାଡ଼ିଆ ଗ୍ରାମରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବର ମିଳିବା ପରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା ବୋଲି ଦାନ୍ତେୱାଡ଼ା ଏସ୍‌ପି ଗୌରବ ରାୟ କହିଛନ୍ତି। ୨ ଘଣ୍ଟାର ଗୁଳି ବିନିମୟ ପରେ ପୋଲିସ ଗୁମ୍ମାଡିଭେଲି ରେଣୁକା ଓରଫ ଭାନୁ ଓରଫ ସରସ୍ୱତୀ ଓରଫ ଦମୟନ୍ତୀଙ୍କ ମୃତଦେହ ପାଇଥିଲା। ତାଙ୍କ ଘର ତେଲଙ୍ଗାନାର ୱାରାଙ୍ଗଲ ଅନ୍ତର୍ଗତ କାଡଭାଏନ୍ଦି ଗ୍ରାମରେ। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଇନ୍‌ସାସ୍ ରାଇଫଲ, ବିସ୍ଫୋରକ ସାମଗ୍ରୀ, ଲାପ୍‌ଟପ୍ ଏବଂ ମାଓବାଦୀମାନଙ୍କ ଲିଫ୍‌ଲେଟ୍ ଆଦି ଜବତ ହୋଇଛି। ଆଇନରେ ସ୍ନାତକ କରିଥିବା ରେଣୁକା ଦାନ୍ତେୱାଡ଼ା ସ୍ପେଶାଲ ଜୋନାଲ କମିଟିର ସଦସ୍ୟ। ସେ ମାଓବାଦୀଙ୍କ କେନ୍ଦ୍ରୀୟ ଆଞ୍ଚଳିକ ବ୍ୟୁରୋ (ସିଆର୍‌ବି) ପ୍ରେସ୍ ଟିମ୍ ଦାୟିତ୍ୱରେ ଥିଲେ ବୋଲି ବସ୍ତର ରେଞ୍ଜ୍ ଆଇଜି ସୁନ୍ଦରରାଜ ପି କହିଛନ୍ତି। ୧୯୯୬ରେ ମାଓବାଦୀ ସଂଗଠନରେ ସାମିଲ ହେବା ପରେ ରେଣୁକା ୨୦୦୩ରେ ଡିଭିଜନାଲ କମିଟି ସଦସ୍ୟ ଏବଂ ୨୦୨୦ରେ ସ୍ୱତନ୍ତ୍ର ଜୋନାଲ କମିଟି (ଏସ୍‌ଜେଡ୍‌ସି) ସଦସ୍ୟ ଭାବେ ପଦୋନ୍ନତି ପାଇଥିଲେ।

## ୧୫ରୁ ୨୦ ଦିନ ଭିତରେ ଆସିବ ନୂଆ ଅବକାରୀ ନୀତି

**ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)**

ଖୁବ୍‌ଶୀଘ୍ର ରାଜ୍ୟରେ ନୂଆ ଅବକାରୀ ନୀତି ଲାଗୁହେବାକୁ ଯାଉଛି। ୧୫ରୁ ୨୦ ଦିନ ଭିତରେ ଏହି ନୂଆ ନୀତି ଆସିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ନୂଆ ଅବକାରୀ ନୀତି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ପୁରୁଣା ଅବକାରୀ ନୀତିର ଅବଧିକୁ ଗୋଟିଏ ମାସ ପାଇଁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନୂଆ ଅବକାରୀ ନୀତିକୁ ଅନୁମୋଦନ ଦେବା ପରେ ଏହା ଲାଗୁହେବ ବୋଲି ପୃଥ୍ୱୀରାଜ କହିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲରେ ନୂଆ ଅବକାରୀ ନୀତି ଲାଗୁହେବାର ଥିଲା। ହେଲେ ରାଜ୍ୟ ସରକାରଙ୍କ ବଜେଟ ଅଧିବେଶନ ଚାଲିଥିବା ଯୋଗୁ ଏଥିରେ ସାମାନ୍ୟ ବିଳମ୍ବ ହୋଇଛି। ଏଥର ଅବକାରୀ ନୀତିରେ ରାଜ୍ୟ ସରକାର ଅନେକ କିଛି ପରିବର୍ତ୍ତନ କରୁଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ଭୁବନେଶ୍ୱର ବିମାନ ବନ୍ଦରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶହୀଦ ଯବାନ ରାଜକିଶୋରଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**କେନ୍ଦୁଝର,୩୧।୩ (ଦୀପକ ମିଶ୍ର/ନରେଶ ପଟ୍ଟନାୟକ)**

ବିହାର ରେଜିମେଣ୍ଟ ଷଷ୍ଠ ବାଟାଲିୟନର ହାବିଲଦାର କେନ୍ଦୁଝର ସଦର ବ୍ଲକ୍ ନୂଆଗାଁର ରାଜକିଶୋର ମୁଣ୍ଡାଙ୍କ ଶେଷକୃତ୍ୟ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ପୈତୃକ ଗ୍ରାମରେ ମରଶରୀର ପହଞ୍ଚିବା ପରେ ଜିଲା ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମରଶରୀର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅପରାହ୍ଣରେ ମରଶରୀର କେନ୍ଦୁଝରରେ ପହଞ୍ଚି ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ଅବସରପ୍ରାପ୍ତ ସେନା କର୍ମଚାରୀ, ଜିଲା ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଶହୀଦଙ୍କ ମରଶରୀରକୁ ପୈତୃକ ଗ୍ରାମ ନୂଆଗାଁକୁ ଶେଷକୃତ୍ୟ ନିମନ୍ତେ ନିଆଯାଇଥିଲା। ଶହୀଦ ରାଜକିଶୋର ଅମର ରହେ ଧ୍ୱନିରେ ଚତୁଃଦିଗ ପ୍ରକମ୍ପିତ ହୋଇଉଠିଥିଲା। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ଏଟିଏମ୍ ଯିବ

## ଏପ୍ରିଲରୁ ଜୁନ୍ ପ୍ରବଳ ତାତି

### ଆଜିଠୁ ବିଭିନ୍ନ ଜିଲାରେ ଝଡ଼ବର୍ଷା

**ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)**

ଆସନ୍ତା କିଛିଦିନ ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ସେହିପରି ଏପ୍ରିଲରୁ ଜୁନ୍ ମଧ୍ୟରେ ପୂର୍ବଭାରତ, ଉତ୍ତର-ପଶ୍ଚିମ ଭାରତ ସହ ଅନ୍ୟାନ୍ୟ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଅନୁଭୂତ ହୋଇପାରେ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଭାରତରେ ସର୍ବୋଚ୍ଚ ତାପମାତ୍ରା ଏପ୍ରିଲ ୨ ସୁଦ୍ଧା ୩ରୁ ୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ, ଯାହା ଫଳରେ ଗ୍ରୀଷ୍ମପ୍ରବାହ ଆହୁରି ତୀବ୍ର ହେବ। ମାତ୍ର ଆସନ୍ତା ୪ରୁ ୫ ଦିନ ମଧ୍ୟରେ ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାରେ ବର୍ଷା ସହ କୁଆପଥର ବର୍ଷା ହୋଇପାରେ।



ସେହିପରି ଗୁଜରାଟର ସୌରାଷ୍ଟ୍ର ଏବଂ କଚ୍ଛରେ ଗ୍ରୀଷ୍ମପ୍ରବାହ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗର ହଠାତ୍ ପରିବର୍ତ୍ତନ ଯୋଗୁ ଫସଲ ସହ ଜନଜୀବନ ଗୁରୁତର ପ୍ରଭାବିତ ହେବାକୁ ଥିବାରୁ ଲୋକେ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ।

ଏପଟେ ରାଜ୍ୟରେ ସୋମବାର ୭ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଦିନ ତାପମାତ୍ରା ବୌଦ୍ଧରେ ସର୍ବାଧିକ ୪୨.୧ ଡିଗ୍ରୀ ଓ ଏହା ତଳକୁ ଝାରସୁଗୁଡ଼ାରେ ୪୨ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା ଆଦି ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ଓ ବିଜୁଳି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଝଡ଼ବର୍ଷା ଲାଗି ରହିବ। ଏହାସତ୍ତ୍ୱେ ଚଳିତ ମାସରେ ମାତ୍ରାଧିକ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

## ଆଣ୍ଟିଡିପ୍ରେସାଣ୍ଟ ଔଷଧ ବଢ଼ାଉଛି ହୃଦ୍‌ଘାତ

**ଭିଏନା, ୩୧।୩**

ଆଣ୍ଟିଡିପ୍ରେସାଣ୍ଟ (ଅବସାଦ ନିରୋଧୀ ଔଷଧ)କୁ ଲମ୍ବା ସମୟ ଧରି ସେବନ କରିବା ଦ୍ୱାରା ଆକସ୍ମିକ ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଥାଏ। ଅଷ୍ଟ୍ରିଆର ରାଜଧାନୀ ୟୁରୋପିଆନ ସୋସାଇଟି ଅଫ୍ କାର୍ଡିଓଲୋଜି ପକ୍ଷରୁ କରାଯାଇଥିବା 'ଇଏଚ୍‌ଆର୍‌ଏ ୨୦୨୫ କଂଗ୍ରେସ' କାର୍ଯ୍ୟକ୍ରମରେ ଏନେଇ ଏକ ଅଧ୍ୟୟନକୁ ପ୍ରଦର୍ଶିତ କରାଯାଇଛି। ଡେନ୍‌ମାର୍କର କେତେଜଣ ବୈଜ୍ଞାନିକ ଏହି ଅଧ୍ୟୟନକୁ ପ୍ରସ୍ତୁତ କରିଛନ୍ତି। ଉକ୍ତ ଅଧ୍ୟୟନରେ ବୈଜ୍ଞାନିକମାନେ ୧୮ରୁ ୯୦ ବର୍ଷ ବୟସର ବ୍ୟକ୍ତିଙ୍କ ମୃତ୍ୟୁର ବିଶ୍ଳେଷଣ କରିଥିଲେ। ସେମାନେ ମୃତ୍ୟୁ ପ୍ରମାଣପତ୍ର ଏବଂ ବ୍ୟବଚ୍ଛେଦ ରିପୋର୍ଟକୁ




ମଧ୍ୟ ସମୀକ୍ଷା କରିଥିଲେ। ଏହି ଅଧ୍ୟୟନରେ ଆଣ୍ଟିଡିପ୍ରେସାଣ୍ଟ ନେଉଥିବା ୬ ଲକ୍ଷ ୪୩ ହଜାର ୯୯୯ ଲୋକଙ୍କ ସହ ସାଧାରଣ ଜନସଂଖ୍ୟାର ୪୩ ଲକ୍ଷ ଲୋକଙ୍କ ସହ ତୁଳନା କରାଯାଇଥିଲା। ଆଣ୍ଟିଡିପ୍ରେସାଣ୍ଟ ନେଇଥିବା ଲୋକଙ୍କ ମଧ୍ୟରୁ ୧,୯୮୧ ଜଣଙ୍କର ହୃଦ୍‌ଘାତରେ ଆକସ୍ମିକ ଭାବେ ମୃତ୍ୟୁ ହୋଇଥିଲା। ଆଣ୍ଟିଡିପ୍ରେସାଣ୍ଟ ଔଷଧ ସେବନ କରୁ ନ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ସଂଖ୍ୟା ୪,୦୨୧ ରହିଛି। ଉକ୍ତ ଅଧ୍ୟୟନରେ କୁହାଯାଇଛି, ଯେଉଁମାନେ ଲମ୍ବା ସମୟ ଧରି ଆଣ୍ଟିଡିପ୍ରେସାଣ୍ଟ ବ୍ୟବହାର କରୁଛନ୍ତି, ସେମାନଙ୍କୁ ନିଜ ହୃଦୟର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏଥିପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ସୁସ୍ଥ ଜୀବନ ଶୈଳୀ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଆଦିର ଆବଶ୍ୟକତା ରହିଛି, ଯାହାଫଳରେ ହୃଦ୍‌ଘାତର ସମ୍ଭାବନାକୁ କମ୍ କରାଯାଇପାରିବ। ସେହିପରି ଏହି ଅଧ୍ୟୟନ ଅନୁଯାୟୀ, ୧ରୁ ୫ ବର୍ଷ ଧରି ଆଣ୍ଟିଡିପ୍ରେସାଣ୍ଟ ଔଷଧ ସେବନ କରୁଥିବା ଲୋକଙ୍କ ନିକଟରେ ସାଧାରଣ ଜନସଂଖ୍ୟାଠାରୁ ୫୬% ଅଧିକ ହୃଦ୍‌ଘାତର ଆଶଙ୍କା ରହିଛି। ୬ ବର୍ଷରୁ ଅଧିକ ସମୟ ☞ପୃଷ୍ଠା-୨



ଇଦ୍ ଅବସରରେ ସୋମବାର ଭୁବନେଶ୍ୱର ଝାରପଡ଼ାସ୍ଥିତ ନୁରାନି କ୍ଲବ୍ ହବିବ୍‌ଠାରେ ମୁସଲିମ୍ ଭାଇମାନେ ସମୂହ ପ୍ରାର୍ଥନା କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଚୈତ୍ର ଶୁକ୍ଳପକ୍ଷ ଦ୍ୱିତୀୟ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ଶେଷ କରିଛନ୍ତି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ନୀତି ଆରମ୍ଭ ହୋଇଥିଲା। ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟସେଜ ଘରକୁ ବିଜେ କରିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଖସାପଡା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଅପରାହ୍ନ ୫ଟା ୩୦ରେ ନୀତି ଆରମ୍ଭ ହୋଇଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ଶ୍ରୀମନ୍ଦିର ଗର୍ଭଗୃହରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହଙ୍କ ଶ୍ରୀପୟର ସୁରକ୍ଷା ନିମନ୍ତେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ବର୍ଷକୁ ୨ରୁ ୩ଥର ମହାପ୍ରଭୁଙ୍କ ଏହି ଖସାପଡ଼ା ନୀତି ସମ୍ପାଦନ କରାଯାଇଥାଏ।

# ଦ୍ୱିତୀୟ ଚିଲିକାରେ ଇକୋ ଟୁରିଜମ ପାର୍କ

**ପାଲଲହଡ଼ା,୩୧।୩ (ଦିବ୍ୟଜ୍ୟୋତି ଦାଶ)**



ଇକୋ ଟୁରିଜମ୍ ପାର୍କକୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ଜିଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ପାଲଲହଡ଼ା ଉପଖଣ୍ଡ କରଡ଼ାପାଳ ପଞ୍ଚାୟତ ମାହାଳସରୁଆ ଠାରେ ଥିବା ରେଙ୍ଗାଳି ଜଳଭଣ୍ଡାର ନିକଟସ୍ଥ ଦ୍ୱିତୀୟ ଚିଲିକାରେ ଇକୋ ଟୁରିଜମ୍ ପାର୍କ ସୋମବାରଠାରୁ ଆରମ୍ଭ ହୋଇଛି। ବନବିଭାଗ ଦ୍ୱାରା ଅୟୋଜିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ତଥା ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଡିଏଫଓ ମଗର ଧନଜୀ ରାଓସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପାଲଲହଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜଙ୍ଗଲ ସୁରକ୍ଷା ସଚେତନତା ସଭା ସହିତ ବିଭିନ୍ନ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଡିଏଫଓ ଦେବଗଡ଼ ଯୋଗଦେଇ ଜଙ୍ଗଲ ସୁରକ୍ଷା ସଚେତନତା ସଭା ସହିତ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ।

# ରଷିକୁଲ୍ୟା ମୁହାଣରେ ଗଣ ଅଣ୍ଡାଦାନ ପର୍ବ ଶେଷ



ସାମୁଦ୍ରିକ କଇଁଛଙ୍କ ସାମୁହିକ ଅଣ୍ଡାଦାନ।

**ଗଞ୍ଜାମ,୩୧।୩ (ବିଦ୍ୟାଧର ସାହୁ)**

**ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ୫ ହଜାର ୭୯୯ କଇଁଛଙ୍କ ସାମୂହିକ ଅଣ୍ଡାଦାନ**

ରଷିକୁଲ୍ୟା ମୁହାଣରେ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ପ୍ରକ୍ରିୟା ଶେଷ ହୋଇଛି। ୬ ଦିନରେ ୨ ଲକ୍ଷ ୫ ହଜାର ୭୯୯ଟି ମା’ କଇଁଛ ଗଣ ଅଣ୍ଡାଦାନ କରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୯୮ ହଜାର ୭୧୮ ସାମୁହିକ ଗଣ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଉପରୋକ୍ତ ପରିମାଣର ଅଣ୍ଡାଦାନ କରିଛନ୍ତି। ଏହି ଦୁଇ ପର୍ଯ୍ୟାୟରେ ସାମୁଦ୍ରକ କଇଁଛମାନେ ମୋଟ ୯ ଲକ୍ଷ ୪ ହଜାର ୫୧୭ ଅଣ୍ଡାଦାନ କରିଥିବା ବନ ବିଭାଗ ଅଧିକାରୀ ଦିବ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି। ଚଳିତ ବର୍ଷ ଗଣ ଅଣ୍ଡାଦାନକୁ ନେଇ ବନ ବିଭାଗ, ପର୍ଯ୍ୟଟକ, ପରିବେଶବିତ୍ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଡିଏଫ୍‌ଓ ସନି ଖୋଖରଙ୍କ ନିର୍ଦ୍ଦେଶରେ ବନ ବିଭାଗ ପକ୍ଷରୁ ସାମୁଦ୍ରିକ କଇଁଚ ସୁରକ୍ଷାକୁ କଡାକଡ଼ି କରାଯାଇଛି। ବିଶେଷକରି ମୁହାଣର ଉଭୟ ପାର୍ଶ୍ୱରେ ଗଣ ଅଣ୍ଡାଦାନ ହୋଇଛି। ପୁରୁଣାବନ୍ଧ ମା ଗଙ୍ଗାଦେବୀ ସମ୍ମୁଖ ବେଳାଭୂମି ଠାରୁ ପ୍ରୟାଗିର ଅଳେଶ୍ୱର ବେଳାଭୂମି ପର୍ଯ୍ୟନ୍ତ ସାମୁହିକ ଗଣ ଅଣ୍ଡାଦାନ ହୋଇଥିବା ଲକ୍ଷ୍ୟ କରାଯାଇଛି।

# ସାଢ଼େ ୬ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ ରହିଛି: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)**

୨୦୨୫-୨୬ ଆର୍ଥିକ ବର୍ଷରେ ସାଢେ ୬ ହଜାର କି.ମି.ର ରାସ୍ତା ରାଜ୍ୟ ସରକାର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ଆସନ୍ତା ୩ ବର୍ଷରେ ସରକାର ୧୫ ହଜାର କି.ମି. ରାସ୍ତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ବିଧାନସଭାରେ ପାରିତହେବା ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଯିବ। ତେଣୁ ଏହା ପୂର୍ବରୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୩ ବର୍ଷରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚହୋଇ ୧୫ ହଜାର କି.ମି. ରାସ୍ତା ନିର୍ମାଣ କରାଯିବ। ୨ରୁ ୩ ଦିନ ପରେ ବିଧାନସଭାରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍, ୨୦୨୫ ଆସିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଏହି ବିଲ୍ ଗୃହରେ କିଛିଦିନ ତଳେ ଆଗତ କରାଯାଇଥିବା ବେଳେ ବାଚସ୍ପତି ଏହାକୁ ପରାମର୍ଶଦାତା କମିଟିକୁ ପଠାଇଦେଇଛନ୍ତି। ଏହି ବିଲ୍ ପାରିତ ହେବା ପରେ ରାଜ୍ୟରେ ପ୍ରାୟ ୭୫ ହଜାର କି.ମି. ରାସ୍ତା କାମ ହେବ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ। ଏଥିରେ ବିଶ୍ୱସ୍ତରୀୟ ରାସ୍ତା ହେବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ବକ୍ତୃତା ପ୍ରତିଯୋଗିତା

## ଶୁଭଶ୍ରୀ ପ୍ରଥମ, ତେଜ୍ ତନ୍ମୟ ଦ୍ୱିତୀୟ, ସଂଗ୍ରାମ ତୃତୀୟ

**ଭୁବନେଶ୍ୱର,୩୧।୩ (ସୁଚିସ୍ମିତା ସାହୁ)**

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ବିଭାଗୀୟ ପ୍ରେକ୍ଷାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଭାଗନେଇଥିଲେ। କଟକ ସେକେଣ୍ଡାରି ବୋର୍ଡ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ଶତପଥୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ କେନ୍ଦ୍ରାପଡ଼ା ଜିଲା ସେଣ୍ଟ ଜାଭିୟର୍ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ତେଜ୍ ତନ୍ମୟ ଦ୍ୱିତୀୟ ଏବଂ ଖୋର୍ଦ୍ଧା ଜିଲା ବିଜେବି ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ସଂଗ୍ରାମ ପୁହାଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧ ତାରିଖ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ହେବାକୁଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଏହି ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ପ୍ରାଧାପିକା ଡ. ବାସନ୍ତୀ ମହାନ୍ତି, ସାହିତ୍ୟିକ ତଥା ନାବାର୍ଡର ପୂର୍ବତନ ଅଧିକାରୀ ଶଙ୍କର ନାରାୟଣ ମଲ୍ଲିକ ଓ ସାହିତ୍ୟିକ କୃଷ୍ଣ ନାଏକ ବିଚାରକ ଭାବେ ଯୋଗଦେଇଥିଲେ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ସୂଚନା ଅଧିକାରୀ ଜିତେନ୍ଦ୍ରୀୟ ଜେନା, ପ୍ରମୋଦିନୀ ଟେଟେ ପ୍ରମୁଖ ସହଯୋଗ କରିଥିଲେ।




# ୨୦ ଘଣ୍ଟା ପରେ ରେଳ ଚଳାଚଳ ସ୍ୱାଭାବିକ

**ମଙ୍ଗୁଳି-ଜଗତପୁର, ୩୧।୩(ମାନସ ସାମଲ)**

**କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ଘଟଣା**

କଟକ ଜିଲା ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟରେ ବେଙ୍ଗାଲୁରୁରୁ କାମାକ୍ଷା ଅଭିମୁଖେ ଯାଉଥିବା କାମାକ୍ଷା ଏକ୍ସପ୍ରେସ୍ ରବିବାର ପୂର୍ବାହ୍ନରେ ଲାଇନଚ୍ୟୁତ ହୋଇ ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ବାହାରି ଯାଇଥିଲା। ରେଳ ବିଭାଗ କର୍ମଚାରୀ ପ୍ରାୟ ୨୦ ଘଣ୍ଟା ଧରି ରେଳଧାରଣାର ମରାମତି ପରେ ସୋମବାର ସକାଳ ୭ଟା ୪୫ ମିନିଟ୍‌ରେ କାର୍ଯ୍ୟ ଶେଷ ହୋଇଥିଲା। ସେହି ଟ୍ରାକ୍‌ରେ ପ୍ରଥମେ ସକାଳ ୯ଟା ୩୦ରେ ଏକ ମାଲବାହୀ ଟ୍ରେନ୍ ଚାଲିଥିଲା। ପରେ ଆଉ ୩ଟି ମାଲବାହୀ ଟ୍ରେନ୍ ଚାଲିବା ପରେ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ସୁପରଫାଷ୍ଟ ଏକ୍ସପ୍ରେସ୍ (ତେଜସ୍) ସ୍ୱାଭାବିକ ଭାବେ ଟ୍ରାକ୍‌ରେ ଚାଲିଥିଲା।

# ୨ ହଜାର କୋଟି କମିଲା ରାଜସ୍ୱ

**ଯୋଡ଼ା,୩୧।୩ (ମାନସ ମହାନ୍ତି)**

**ଯୋଡ଼ା ଖଣି ମଣ୍ଡଳ**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ୨ ହଜାର କୋଟି ରାଜସ୍ୱ ଆଦାୟ କମିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୯ ହଜାର କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୩-୨୪ ବର୍ଷରେ ୨୧ ହଜାର ଆଦାୟ ହୋଇଥିଲା। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଦିନକୁ ଦିନ ଖଣି ବନ୍ଦ ଓ ଲୁହାପଥର ପରିବହନ ହ୍ରାସ ଯୋଗୁ ଖଣି ରାଜସ୍ୱ ଗତ ବର୍ଷ ତୁଳନାରେ ୨ ହଜାର କୋଟି ଟଙ୍କା ହ୍ରାସ ପାଇଛି।

# ମାଙ୍କ ଆଗରେ ପାଣିରେ ବୁଡ଼ି ଭାଣିଜୀଙ୍କ ମୃତ୍ୟୁ

**ନୀଳଗିରି, ୩୧।୩ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ଭୋଗଦିଆ ଗ୍ରାମରେ ମାଇଁ ଆଖି ସାମ୍ନାରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି ୨୦ବର୍ଷୀୟା ଭାଣିଜୀ। ଏଭଳି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବାଲେଶ୍ୱର ସଦର ଥାନା ଅଧୀନ ସିନ୍ଧିଆ ଗ୍ରାମର ବନ୍ଦିତା ମହାନ୍ତି ଭୋଗଦିଆସ୍ଥିତ ମାମୁ ଘରକୁ ବୁଲିବା ପାଇଁ ଆସିଥିଲେ। ସୋମବାର ସକାଳେ ଘର ନିକଟସ୍ଥ ପୋଖରୀକୁ ମାଇଁଙ୍କ ସହ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ବନ୍ଦିତା ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ମହିଳାମାନେ ପାଣିରୁ ଉଦ୍ଧାର ପାଇଁ ଅନେକ ପ୍ରୟାସ କରିଥିଲେ ବି ପାଣି ଅଧିକ ଥିବା କାରଣରୁ ଉଦ୍ଧାର କରିପାରି ନ ଥିଲେ। ସ୍ଥାନୀୟ ଲୋକମାନେ ବନ୍ଦିତାଙ୍କୁ ପାଣିରୁ ଉଦ୍ଧାର କରି ବରହମପୁର ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରହମପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।









କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭ୍ରାନ୍ତମାନୀ ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ



# ଏଟିଏମ୍ ଯିବ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅଟୋମେଟେଡ୍ ଟେଲର ମେଶିନ (ଏଟିଏମ୍)ରୁ ଅର୍ଥ ଉଠାଣ ଉପରେ ଆସନ୍ତା ମେ' ପହିଲାରୁ ଫି' ବୃଦ୍ଧି ହେବା ନେଇ ଘୋଷଣା କରିଛି। ଏଣିକି ଗ୍ରାହକମାନେ ଖାତା ଥିବା ନିଜ ବ୍ୟାଙ୍କରୁ ମାସକୁ ମାଗଣାରେ ୫ ଥର ଟଙ୍କା ଉଠାଣ ପରେ ପରବର୍ତ୍ତୀ ଛେକ ପ୍ରତି ୨୩ ଟଙ୍କା ଦେବାକୁ ପଡ଼ିବ। ଏବେ ଏହା ୨୧ ଟଙ୍କା ରହିଛି। ସେହିପରି ଯଦି ଜଣେ ଗ୍ରାହକ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଅର୍ଥ ଉଠାଣ କରୁଛନ୍ତି, ତେବେ ମେଟ୍ରୋ ଅଞ୍ଚଳରେ ୩ ଥର ଓ ଅଣ-ମେଟ୍ରୋ ଅଞ୍ଚଳରେ ୫ ଥର ବିନା ମୂଲ୍ୟରେ ଟଙ୍କା ଉଠାଇବା ପରେ ଆରବିଆଇ ସ୍ଥିରୀକୃତ ଫି' ଦେବାକୁ ପଡ଼ିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆରବିଆଇ ପକ୍ଷରୁ କୁହାଯାଉଛି ଯେ ଏଟିଏମ୍ ପରିଚାଳନା ଲାଗି ଫି' ବଢ଼ାଯାଇଛି। ଏମିତି ଦେଖିଲେ ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ନ ରଖିଲେ ଗ୍ରାହକଙ୍କ ଆକାଉଣ୍ଟରୁ ଅର୍ଥ କାଟି ନିଆଯାଉଛି। ଗୋଟିଏ ପଟେ ଡିଜିଟାଲ କାରବାରକୁ ଗୁରୁତ୍ୱ ଦିଆଯାଉଥିବା ବିଷୟ ଉଠାଯାଇ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ବେଳେ ଅନ୍ୟପଟେ କେତେକ କୋଟିପତି ଶିଳ୍ପପତିଙ୍କ ଋଣ ଛାଡ଼ କରିଦିଆଯିବା ବିଡ଼ମ୍ବନାର ବିଷୟ। ଏପରିକି ସିନେମା ତାରକା ପ୍ରତି ଜିଣ୍ଡିଙ୍କ ଦ୍ୱାରା ନିଆଯାଉଥିବା ଲୋନ୍‌କୁ ମଧ୍ୟ ସରକାର ଛାଡ଼ କରିଦେଉଛନ୍ତି। କିନ୍ତୁ ଗରିବ ବ୍ୟାଙ୍କରେ ବାଲାନ୍ସ କମିଗଲେ ସେଥିପାଇଁ ତାଙ୍କୁ ଜରିମାନା ଦେବାକୁ ପଡ଼ୁଛି।

ଏଟିଏମ୍‌ଗୁଡ଼ିକ ଉପରେ ଯେତେବେଳେ ବଡ଼ ଆକାରର ବୋଝ ଲଦି ଦିଆଯିବ, ସେତେବେଳେ ସାଧାରଣ ନାଗରିକ ତା'ର ବ୍ୟବହାର ହ୍ରାସ କରିବେ। ଖୁବ୍ ଶୀଘ୍ର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷଣା କରାଯିବ ଯେ ବ୍ୟବହାର ନ ହୋଇ ପଡ଼ିରହିଥିବା ହେତୁ ଏଟିଏମ୍ ପିଛା ଖର୍ଚ୍ଚ ବହନ କରିବା ପାଇଁ ସେଗୁଡ଼ିକୁ ବନ୍ଦ କରିଦିଆଯିବ। ଅର୍ଥାତ୍ ବ୍ୟାଙ୍କ ତରଫରୁ ସବୁ ପ୍ରକାରର ଜନହିତକର ସୁବିଧା ବନ୍ଦ ହୋଇଯିବ। ଏହା ପରେ ଭାରତରେ ବ୍ୟାଙ୍କ ଆକାଉଣ୍ଟଧାରୀମାନେ ବାଧ୍ୟହୋଇ ପେଟିଏମ୍, ଫୋନ୍‌ପେ ଭଳି ଘରୋଇ ସଂସ୍ଥାଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଯିବେ। ଏବେ ତାଙ୍କ କରୁ ନ ଥିବା ଏହି କମ୍ପାନୀଗୁଡ଼ିକ ସେତେବେଳେ ଡମ୍ପାସ ରୂପ ଦେଖାଇବେ, ଯାହାକୁ ସାଧାରଣ ନାଗରିକ ମୁଣ୍ଡପାତି ସହିବାକୁ ବାଧ୍ୟ ହେବେ। ଏହିପରି ସ୍ଥିତି ଭାରତର ବିମାନଯାତ୍ରା ଓ ଟେଲିକମ୍ କ୍ଷେତ୍ରରେ ଦେଖାଯିବାକୁ ଆରମ୍ଭ କଲାଣି।

ସରକାର ବ୍ୟାଙ୍କଗୁଡ଼ିକୁ ଗ୍ରାହକଙ୍କଠାରୁ ଟଙ୍କା ଆଦାୟର ଏକ ମାଧ୍ୟମ କରିଦେଲେଣି। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ଦୁଇଟି ବୃହତ୍ ନୋଟ୍‌କୁ ବିମୁଦ୍ରୀକରଣ କରିବା ବେଳେ ଲୋକେ କିଭଳି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାହା ସମସ୍ତଙ୍କର ମନେଥିବ। ନିଜ ଟଙ୍କା ବଦଳାଇବା ଲାଗି ଲୋକମାନେ ଦିନ ଦିନ ଧାଡ଼ିରେ ଠିଆ ହୋଇ ରହିଥିଲେ। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ସେହି ବିମୁଦ୍ରୀକରଣ ପଛରେ ଦେଶବାସୀଙ୍କ ମଙ୍ଗଳ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଫାଇଦା ଥିଲା ମୂଳ ଲକ୍ଷ୍ୟ। ସରକାର ପ୍ରଯୁକ୍ତି କୌଶଳ ବ୍ୟବହାର କରି ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବା କହୁଛନ୍ତି। ସବୁ ଆର୍ଥିକ କାରବାରରେ ପାନ୍ କାର୍ଡ ସହ ଆଧାରକୁ ସଂଯୁକ୍ତ କରି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ନେବାରେ ଲାଗିଛନ୍ତି। ସେହି ତଥ୍ୟ ମଧ୍ୟ ବିଭିନ୍ନ କର୍ପୋରେଟ୍ ସଂସ୍ଥାକୁ ବିକ୍ରି ହୋଇଯାଉଥିବା ଅସଂଖ୍ୟ ଖବର ପଦାକୁ ଆସୁଛି ଏବଂ ଆଧାର ସଂଯୋଗ ହୋଇଥିବା ଆକାଉଣ୍ଟଗୁଡ଼ିକରୁ ଅର୍ଥ ଚାଲିଯାଉଥିବା ଖବର ପ୍ରାୟ ପ୍ରତ୍ୟେକ ଦିନ ଶୁଣିବାକୁ ମିଳୁଛି। ସରକାର ଏକ ବଳିଷ୍ଠ ଡିଜିଟାଲ ବେସ୍ ସୃଷ୍ଟି କରିପାରି ନ ଥିବା ହେତୁ ସାଇବର ଠକେଇ ଅସଂଖ୍ୟ ବଢ଼ିଚାଲିଛି। ଉଦାହରଣସ୍ୱରୂପ, ଆପଣଙ୍କ ପାଖରେ କିଛି ନଗଦ ଅର୍ଥ ଥିଲେ ତାହାକୁ କାରଯାଦ କରି ଠକମାନେ ନେବା କଷ୍ଟକର। କିନ୍ତୁ ଅନ୍‌ଲାଇନ କାରବାରର ସବୁ ଦିଗ ପ୍ରତି ଜଣେ ଅଭ୍ୟସ୍ତ ନ ଥିଲେ ଠକେଇର ଶିକାର ହେବା ଥୟ। ଭାରତ ଭଳି ବିଶାଳ ଜନସଂଖ୍ୟାବହୁଳ ରାଷ୍ଟ୍ରରେ ଆର୍ଥିକ କାରବାରକୁ ସମ୍ପୂର୍ଣ୍ଣ ଡିଜିଟାଲ କରିବା ପାଇଁ ଯୋଜନା ଚାଲିଛି। ଅଥଚ ଏହାର ଲୋକମାନଙ୍କୁ ଆଶା ଅନୁଯାୟୀ ଡିଜିଟାଲ ସାକ୍ଷର କରାଯାଇପାରୁ ନାହିଁ। ଯେଉଁ ବ୍ୟକ୍ତି ବ୍ୟାଙ୍କକୁ ଯାଇଥାଆନ୍ତି ତାଙ୍କ ଅର୍ଥ କିଭଳି ସୁରକ୍ଷିତ ରହିବ ଓ ସେ ଭଲ ଭାବେ କାରବାର କରିପାରିବେ। କିନ୍ତୁ ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ନ ଥିଲେ, ବେଶି ଥର ଅର୍ଥ ଉଠାଣ କଲେ, ଋଣ ଆଣି ଠିକ୍ ସମୟରେ ଅର୍ଥ ପଇଠ କରୁଥିଲେ ମଧ୍ୟ ପ୍ରିକ୍ଲୋଜର ଚାର୍ଜ ଭଳି ଅବାଞ୍ଛିତ ଅର୍ଥ ଦେଇ ଗ୍ରାହକ ନୟାନ୍ତ ହେଉଛନ୍ତି। ନୋ ୟୋର କଷ୍ଟମର (କେୱାଇସି) ଏବେ ନୂଆ ଭେଲିକିରେ ପରିଣତ ହୋଇଛି। ସେଥିରେ କିଛି ତଥ୍ୟ ଅମେଳ ହେଲେ ବା ଆପଣଙ୍କ ଦସ୍ତଖତ ଯଦି ବଦଳିଯାଉଛି, ସେଥିପାଇଁ ଫି' ଦେବାକୁ ପଡୁଛି। ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ପାଇଁ ଫି' କଷିଦିଆଯାଉଥିବା ବେଳେ ଏସ୍ଏମ୍ଏସ୍ ବାବଦକୁ ଆକାଉଣ୍ଟରୁ ଅର୍ଥ କାଟି ନିଆଯାଉଛି। ଅନେକେ ଭାବିପାରନ୍ତି ଯେ ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ ଭଳି ତଥ୍ୟ ପାଇବା ପାଇଁ ମୋବାଇଲ ଯଥେଷ୍ଟ। କିନ୍ତୁ ସେଥିରେ ମଧ୍ୟ ଖଇଚା କରୁଛନ୍ତି। ଉଦାହରଣସ୍ୱରୂପ, ଷ୍ଟେଟ୍‌ବ୍ୟାଙ୍କ୍‌ର 'ୟୋନୋ ଆପ୍' ବ୍ୟବହାର କରିବାକୁ ହେଲେ ଉନ୍ନତମାନର ସ୍ମାର୍ଟ ଫୋନ୍ ଏବଂ ୫ଜିର ଆବଶ୍ୟକତା ସୃଷ୍ଟି କରାଇ ଦିଆଗଲାଣି। ଏଥିରୁ ଧାରଣା କରିହେବ ଯେ ଏହା ଏକ ଚକ୍ରବ୍ୟୂହ, ଯେଉଁଥିରେ କରଦାତାମାନଙ୍କୁ ପକାଇ ଦିଆଯାଉଛି। କହିବାକୁ ଗଲେ ଗ୍ରାହକଙ୍କୁ ମାହାଳିଆ ବୋଲି ଧରି ନିଆଯାଉଛି। ଏସବୁ ଫନ୍ଦିଫିକର ପଛରେ ଅର୍ଥ ମନ୍ତ୍ରଣାଳୟର ସିଧାସଳଖ ହାତ ରହିଥିବା ସ୍ପଷ୍ଟ ବୁଝାପଡୁଛି।

ଦେଶରେ ଏବେ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ଘଟିଥିବା ବେଳେ ନିଯୁକ୍ତି ସଙ୍କୋଚନ ଦେଖାଦେଇଛି। ଗୋଟିଏ ଦିନ ପରେ ଆମେରିକା ଟାରିଫ୍ ପ୍ରତିଶତ ବୃଦ୍ଧି କରିବ। ସେହି ଦିଗରେ ଭାରତର ପରବର୍ତ୍ତୀ ଆର୍ଥିକ ନୀତି କେଉଁଆଡ଼କୁ ଯିବ ସେଥିପ୍ରତି ସରକାର ଚିନ୍ତା କରିବା ଅପେକ୍ଷା ସାଧାରଣ ଲୋକଙ୍କଠାରୁ କିଭଳି ଓ କେଉଁଭଳି ଭାବେ ଅର୍ଥ ଉଠାଯାଇପାରିବ ସେ କଥା ଭାବୁଛନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ବ୍ୟାଙ୍କ ବ୍ୟବସ୍ଥା ଜରିଆରେ ଲୋକଙ୍କୁ ସୁବିଧା ଦେବା ଲାଗି ସରକାର ପ୍ରୟାସ କରିବା କଥା। କିନ୍ତୁ ଧନିକ ବର୍ଗଙ୍କୁ ସୁହାଇଲା ଭଳି ପଦକ୍ଷେପ ନେଇ ସାଧାରଣ ଶ୍ରେଣୀ ଉପରେ ଚାପ ପକାଇଲେ ଦେଶର ଆର୍ଥିକ ସ୍ଥିତି ନିଶ୍ଚିତ ଅଧିକ ଦୁର୍ବଳ ହେବ। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ବ୍ୟବସାୟିକ ସହଯୋଗୀ ଏଲନ୍ ମସ୍କଙ୍କୁ ନେଇ ସେ ଦେଶରେ କିଭଳି ସାଧାରଣରେ କ୍ରୋଧ ପ୍ରକାଶ ପାଇଛି, ତାହା ଏବେ ଆଲୋଚ୍ୟର ବିଷୟବସ୍ତୁ ପାଲଟିଛି। ନିର୍ବାଚନରେ ନ ଜିତି ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି(ଡିଓଜିଇ)ର ମୁଖ୍ୟ ଭାବେ ମସ୍କଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ସେଠାରେ ଅସ୍ୱାଭାବିକ ସ୍ଥିତି ଉପୁଜିଛି। ସରକାରୀ ବ୍ୟବସ୍ଥା ସହ ବ୍ୟବସାୟିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହି ଯେତେବେଳେ ଅର୍ଥନୈତିକ ବ୍ୟବସ୍ଥା ଗତି କରେ ସେତେବେଳେ ତାହାକୁ 'କ୍ରୋନି କ୍ୟାପିଟାଲିଜମ୍' କୁହାଯାଏ। ଏହି ବ୍ୟବସ୍ଥାରେ ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକ ଗୋଟେ ଦେଶ ପାଇଁ ଶୁଭଙ୍କର ହୋଇ ନ ଥାଏ। ଏହି ପ୍ରଚ୍ଛଦପଟରେ ଭାରତ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରପ୍ରାଧାନ୍ୟ ଦେବା ପରିବର୍ତ୍ତେ ଭିନ୍ନ ଲକ୍ଷ୍ୟ ରଖି କାର୍ଯ୍ୟ କଲେ ତାହା ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବ। ଜନସାଧାରଣଙ୍କୁ ଆର୍ଥିକ ଭାବେ ଶୋଷଣ କଲେ ତାହା ଶାସନ ବ୍ୟବସ୍ଥା ଉପରେ ପ୍ରତିଫଳିତ ହେବା ସ୍ୱାଭାବିକ।

# ଆମ ଦୃଷ୍ଟିକୋଣ ଆମ ଜୀବନ



ଡ. ଶରତ ଚନ୍ଦ୍ର ପରିଡ଼ା

ଆଖି ରୂପବାନକୁ ଦେଖିଲାବେଳେ ମନ ରୂପହୀନକୁ ଦେଖିଥାଏ। ବୁଦ୍ଧି ଅରୂପ ବିଷୟରେ ବିଚାର କରିଥାଏ। ଦୃଷ୍ଟିକୋଣ ହେଉଛି ''ଏକ ସୁଶିକ୍ଷିତ ପ୍ରବୃତ୍ତି, ଯାହା ଏକ ନିର୍ଦ୍ଦିଷ୍ଟ ମାର୍ଗରେ; ମଣିଷ, ଘଟଣା, ପ୍ରସଙ୍ଗ, ପଦାର୍ଥ, ସଂଗଠନ, ନୀତି ଆଦିକୁ ଦେଖେ ଓ ମତ, ଆବେଗ, ବିଶ୍ୱାସ, ପ୍ରତ୍ୟାଶା, ମୂଲ୍ୟବୋଧ ଓ ଉଦ୍ଦେଶ୍ୟ ଆଧାରରେ ତା'ର ମୂଲ୍ୟାୟନ କରେ।'' ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଘଟଣା ପ୍ରସଙ୍ଗକୁ ବିଭିନ୍ନ କୋଣ ଅନୁକୋଣରୁ ବିଚାର କରି ଦେଖିବାକୁ ଦୃଷ୍ଟିକୋଣ କୁହାଯାଏ। ବ୍ୟକ୍ତିଗତ ଦୃଷ୍ଟି, ସାମାଜିକ ଦୃଷ୍ଟି, ରାଜନୈତିକ ଦୃଷ୍ଟି, ଆଧ୍ୟାତ୍ମିକ ଦୃଷ୍ଟି-ଏହିପରି ନାନା ଦିଗରୁ ଗୋଟିଏ ପ୍ରସଙ୍ଗର ପର୍ଯ୍ୟାଲୋଚନା କରାଯାଇଥାଏ। ଏହା ଏକ ମନସ୍ତାତ୍ତ୍ୱିକ ପ୍ରକ୍ରିୟା। ଏହା ଏକ ଆଲୋକ, ଯାହା ଆତ୍ମବୋଧର ପଥକୁ ଆଲୋକିତ କରେ। ଅନ୍ତର୍ଦୃଷ୍ଟି ଓ ଦୂରଦୃଷ୍ଟି ଦୃଷ୍ଟିକୋଣରେ ସନ୍ନିହିତ। ଜୀବନର ମୂଲ୍ୟବୋଧ,ଅଭିଜ୍ଞତା, ଅନୁଭୂତି ଅନୁସାରେ ଦୃଷ୍ଟିକୋଣ ତିଆରି ହୋଇଥାଏ। ଏହା ବ୍ୟବହାରରେ ବାସ୍ତବ ଓ ସ୍ଥାୟୀ ପରିବର୍ତ୍ତନ ଆଣି ନିଜକୁ ବଦଳାଇ ଦେଇପାରେ। ନିଜ ଭିତରେ ନୂଆ ସାମ୍ରାଜ୍ୟ ଖୋଜି ବାହାର କରେ। ଏହା କେବଳ ବୌଦ୍ଧିକ ନୁହେଁ, ଭାବଗତ ଦୁନିଆକୁ ପୁନର୍ଗଠିତ କରେ। ଲୋକେ ନିଜ ଦୃଷ୍ଟିକୋଣ ଅନୁସାରେ ନିଜକୁ ଓ ନିଜ ଜୀବନକୁ ପରିଚାଳିତ କରିଥା'ନ୍ତି।

ଲୋକଙ୍କର ଦୃଷ୍ଟିକୋଣ ଆକାଶ ପରି ଉଚ୍ଚ, ସାଗର ପରି ଗଭୀର ଓ ଧରିତ୍ରୀ ପରି ସହିଷ୍ଣୁ ହେବା ଆବଶ୍ୟକ। ସ୍ୱାର୍ଥଦୃଷ୍ଟିରୁ ନୁହେଁ, ମାନବିକ-ସାମାଜିକ ମୂଲ୍ୟବୋଧ ତଥା ରାଷ୍ଟ୍ରୀୟ-ଆଧ୍ୟାତ୍ମିକ ଚେତନା ଆଧାରିତ ହେବା ଜରୁରୀ। ଦୃଷ୍ଟିକୋଣ ସମ୍ପ୍ରସାରିତ ହେଲେ ଜୀବନର ଛୋଟ ଛୋଟ ପ୍ରସଙ୍ଗ ଗୁରୁତ୍ୱ ହରାନ୍ତି। ମଣିଷ ପାଖରେ ଧନ ଓ ଜୀବନ ସବୁଦିନ ରହେ ନାହିଁ। ମଣିଷ ଅସ୍ଥାୟୀ ଧନରେ ଧନସର୍ବସ୍ୱ ତଥା ରୋଗକାରକ ଭୋଗରେ ଭୋଗସର୍ବସ୍ୱ ନ ହୋଇ ପର ପାଇଁ କିଛି ତ୍ୟାଗ କରିବାର ମନୋବୃତ୍ତି ପୋଷଣ କରିବା ବାଞ୍ଛନୀୟ। ଧନ ଉପାର୍ଜନ କରିବା ସହିତ ଜ୍ଞାନ ସଂଗ୍ରହ ପାଇଁ ଚେଷ୍ଟା ରହିଲେ ମଣିଷ ଆଗକୁ ବଢ଼େ। ଥରେ ଭାବିବା ଉଚିତ-ଆମେ ଯଦି ଆଜି ଦୁଃସ୍ଥ ପୀଡ଼ିତଙ୍କ ଅବସ୍ଥାରେ ଥା'ନ୍ତେ ତାହାହେଲେ ଆମର ମାନସିକ ସ୍ଥିତି କ'ଣ ହୋଇଥା'ନ୍ତା! ଆମେ ଲୋକମାନଙ୍କଠାରୁ ଜ୍ଞାତରେ ବା ଅଜ୍ଞାତରେ ନାନା ଉପକାର ପାଇ ସମାଜ ପାଖରେ ଋଣୀ। ଜନସେବା କରିବା ଦ୍ୱାରା ଆମେ ଋଣମୁକ୍ତ ହୋଇଥାଉ। ତୃଷା



ନୁହେଁ ତୃପ୍ତି ସଂସାରୀ ଜନର ନୀତି। ଆତ୍ମସେବାର ଶାନ୍ତିଠାରୁ ପରସେବାରେ ମିଳୁଥିବା ଶାନ୍ତି ଅଧିକ। ସ୍ୱାର୍ଥ ପରିତ୍ୟାଗ କରି ପରହିତ ସାଧନ କଲେ ଲୋକେ ସତ୍‌ପୁରୁଷ; ସ୍ୱାର୍ଥକୁ ବିରୋଧ ନ କରି ପର ଉପକାର କଲେ ସାଧାରଣ ପୁରୁଷ; ସ୍ୱାର୍ଥ ପାଇଁ ପରହିତରେ ବିଘ୍ନ ସୃଷ୍ଟି କଲେ ମନୁଷ୍ୟରୂପୀ ରାକ୍ଷସ ପୁରୁଷ ଆଉ ସ୍ୱାର୍ଥ ନ ଥାଇ ପରହିତରେ ହାନି ପହଞ୍ଚାଇଲେ ପୁରୁଷକୁ କ'ଣ କୁହାଯାଏ, ତାହା କେହି ଜାଣନ୍ତି ନାହିଁ। ରୂପ, ସାମାଜିକ ପଦମର୍ଯ୍ୟାଦା, ଆର୍ଥିକ ସ୍ଥିତିକୁ ଦେଖି କାହାକୁ ବଡ଼ ବା କାହାକୁ ହୀନ ଦୃଷ୍ଟିରେ ଦେଖିବା ଏକ ଭ୍ରମ। କାହାକୁ ପୂର୍ଣ୍ଣତଃ ନ ଜାଣି କିଛି ମତ ଦେବା ବିଜ୍ଞତା ନୁହେଁ। ନିଜକୁ ଅନ୍ୟମାନେ ହୀନ ବୋଲି ଭାବିଲାବେଳେ କେମିତି ଅନୁଭବ ହୁଏ? ଆତ୍ମା ସମସ୍ତଙ୍କଠାରେ ସମାନ ଭାବରେ ବିଦ୍ୟମାନ। ଭଗବତ ଚେତନାରେ ଯାହାର ମନ, ପ୍ରାଣ, ହୃଦୟ ପରିଷ୍କୃତ/ପବିତ୍ର/ସମର୍ପିତ/ପରିଶୁଦ୍ଧ/ଉଦାର; ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି। ସମଗ୍ର ବିଶ୍ୱକୁ ନିଜର ପରିବାର ବୋଲି ଭାବନ୍ତି। ମହାଭାରତ ଦୃଷ୍ଟିରେ ଯେଉଁ କାର୍ଯ୍ୟସବୁ ନିଜର ଅନୁକୂଳ ନୁହେଁ, ସେପରି କାର୍ଯ୍ୟ ପର ପାଇଁ ଆଚରଣ କରିବ ନାହିଁ।

ଗୋଟିଏ ସକାରାତ୍ମକ ଦୃଷ୍ଟିକୋଣ ସମାଜ ପାଇଁ ବରଦାନ। ଜଳରେ ଗୋଟିଏ ନିର୍ମଳା ଫଳ ପକାଇଲେ ଜଳ ଶୁଦ୍ଧ ହୋଇଗଲା ପରି ସମାଜରେ ଗୋଟିଏ ସକାରାତ୍ମକ ଦୃଷ୍ଟିକୋଣ ସମଗ୍ର ସମାଜକୁ ପରିମାର୍ଜିତ, ସଂସ୍କୃତି କରିଥାଏ। ସାମାଜିକ ପରିବର୍ତ୍ତନ ପାଇଁ ଏହା ଏକ ଶକ୍ତିଶାଳୀ ଅସ୍ତ୍ର। ସକାରାତ୍ମକ ବ୍ୟକ୍ତିଙ୍କଠାରୁ ଉକୁଟୁଥିବା ଜ୍ୟୋତିରେ ସମାଜ ଉଜ୍ଜ୍ୱଳ ହୋଇ ଉଠେ। ଜୀବନର ଉତ୍କର୍ଷ ପାଇଁ ଏକ ଚାବିକାଠି। ସକାରାତ୍ମକ ଚିନ୍ତା ଜୀବନକୁ ସ୍ୱାଭାବିକ, ସୁସ୍ଥ ଓ ପରିପୂର୍ଣ୍ଣ କରେ। ବ୍ୟକ୍ତି ହସି ହସି ଶାରୀରିକ ଓ ମାନସିକ ଉତ୍ତେଜନାର ସାମ୍ନା କରେ। ବିପଦରେ ବିଚଳିତ ହୁଏ ନାହିଁ କି ଭାଙ୍ଗି ପଡ଼େ ନାହିଁ। ପ୍ରତିକୂଳ ପରିସ୍ଥିତିକୁ ଥଣ୍ଡା ମସ୍ତିଷ୍କରେ ସାମ୍ନା କରେ। ତାଙ୍କୁ ଉତ୍କଣ୍ଠା କଣ୍ଠାଗ୍ରତ କରିପାରେ ନାହିଁ। ବ୍ୟକ୍ତି ଆଶାବାଦୀ ଓ ଉତ୍ସାହୀ ହୁଏ। ଜୀବନର ଯଥାର୍ଥବୋଧ ଜାତ ହୁଏ। ନିୟନ୍ତ୍ରଣ ଆସେ। ବ୍ୟକ୍ତିକୁ ଚାପଗ୍ରସ୍ତ ହେବାକୁ ଦିଏ ନାହିଁ। ଦୈନନ୍ଦିନ ଜୀବନର୍ଯ୍ୟାରେ ହେଉ ଅବା ବୃତ୍ତି କ୍ଷେତ୍ରରେ ହେଉ ଆନନ୍ଦମୟ ପରିବେଶ ସୃଷ୍ଟି କରେ। ପାରିବାରିକ, ସାମାଜିକ ଓ ଜନସମ୍ପର୍କରେ ସୁଧାର ଆଣେ। କୃତ୍ରିମତ୍ତା ହଟାଏ। ସତ୍ୟର ନିକଟବର୍ତ୍ତୀ କରାଏ। ମଣିଷକୁ କୃତଜ୍ଞ କରେ। ସକାରାତ୍ମକ ଚିନ୍ତା ସୃଜନଶୀଳତାର ଜନନୀ। ମୁକ୍ତଚିନ୍ତନର ଦ୍ୱାର ଖୋଲେ। ବିଜ୍ଞ-ନିଷ୍ପତ୍ତି ନେବାର ସାମର୍ଥ୍ୟ ଉପୁଜାଏ। ଆର୍ଥିକ ଅଭିବୃଦ୍ଧିକୁ ପ୍ରଭାବିତ କରେ। ଜୀବନର ପସନ୍ଦ ଓ ଲକ୍ଷ୍ୟକୁ ସ୍ପଷ୍ଟ କରେ। ବ୍ୟକ୍ତିକୁ ସାହସୀ କରେ। ମସ୍ତିଷ୍କକୁ ତାଲିମ ଦିଏ। ଜୀବନଯାତ୍ରା ଉନ୍ନତ, ସମୁଜ୍ଜ୍ୱଳ, ସନ୍ତୁଳିତ ଓ ସଫଳ ହୁଏ। ଶାନ୍ତି ଓ ସନ୍ତୋଷର ରାଜତ୍ୱ ଜାରି ରହେ। କୁପ୍ରବୃତ୍ତି ଓ ଉଦ୍‌ବେଗ ପ୍ରଶାନ୍ତ ହୁଏ। ଆବେଗିକ ଯନ୍ତ୍ରଣାରୁ ମୁକ୍ତି ମିଳେ। ଭାବ ପ୍ରଭାବିତ ଓ ନିର୍ମଳ ହେଲେ ହୃଦୟ ସ୍ୱାସ୍ଥ୍ୟବାନ ହୁଏ। ମନୋବୃତ୍ତି ସକାରାତ୍ମକ ହେଲେ ଶରୀରରେ ସ୍ୱାଭାବିକ ଭାବରେ ଏଣ୍ଡୋଫିନସ୍ ନାମକ ଏକ ରସାୟନ କ୍ଷରଣ ହୁଏ, ଯାହା ଶରୀରରେ ଉତ୍ପନ୍ନ ପ୍ରାକୃତିକ ଯନ୍ତ୍ରଣାର ଉପଶମ କରିଥାଏ। ଜୀବନ ଦୀର୍ଘାୟୁ ହୁଏ: ଜୀବେମ ଶରଦଂ ଶତଂ... ।।

ଲୋକଙ୍କ ଦୃଷ୍ଟିକୋଣରେ ଭିନ୍ନତା ପଛରେ ବଂଶଗତ, ଲିଙ୍ଗ, ବୟସ, ବ୍ୟକ୍ତିଗତ ପ୍ରବୃତ୍ତି, ଆବେଗ, ଆଗ୍ରହ, ରୁଚି, ପସନ୍ଦ, ସ୍ୱଭାବ, ଆର୍ଥିକ ଅବସ୍ଥା, ସାମାଜିକ ପ୍ରଥା, ପରମ୍ପରା ପ୍ରତି ବିଭିନ୍ନ ଧାରଣା, ସଂସ୍କାର, ଜ୍ଞାନ, ବିଜ୍ଞାନ, ଚିନ୍ତା , ଚେତନା ଓ ସାଧନାସ୍ତର-ଆଦିର ନିର୍ଣ୍ଣାୟକ ଭୂମିକା ରହିଛି। ପାଉଥିବା ଶିକ୍ଷା, ରହୁଥିବା ପରିବେଶ, ଚଳୁଥିବା ସମାଜ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ। ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଅଲଗା ଅଲଗା ଦେଖାଯାଏ। କଥାରେ ଅଛି: 'ଯେ ପକ୍ଷୀ ଉଡ଼େ ଯେତେ ଦୂର ସେ ଜାଣେ ତାହାର ବେଭାର।' ଲୋକଙ୍କ ସ୍ତରଭେଦ ବ୍ୟତୀତ ସତ୍ତ୍ୱ, ରଜ ଓ ତମ -ଏହି ତ୍ରିଗୁଣର ତାରତମ୍ୟରେ ଲୋକେ ଭିନ୍ନ ଭିନ୍ନ ମନୋବୃତ୍ତିର ଦେଖାଯା'ନ୍ତି। ସାମର୍ଥ୍ୟ, ସଫଳତା, ଜାତି, ଜାତୀୟତା, ଆର୍ଥିକ-ସାମାଜିକ ସ୍ଥିତି, ଧର୍ମ-ଦର୍ଶନ-ସଂସ୍କୃତି, ରାଜନୀତି-ଖେଳକୁଦ, ବୁଦ୍ଧିମାନ-ଜଡ଼ତାକୁ ନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅନେକ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ। ଲୋକଙ୍କ ଭିନ୍ନ ଭିନ୍ନ ଅନ୍ତର୍ଦୃଷ୍ଟି, ଦୂରଦୃଷ୍ଟି ହେତୁ ବିଭିନ୍ନ ଲୋକ, ସଂଗଠନ ଓ କର୍ତ୍ତୃପକ୍ଷଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଭିନ୍ନଭିନ୍ନ ରହିଥାଏ। ମାନବବାଦ, ସମାଜବାଦ, ଆଦର୍ଶବାଦ, ରାଷ୍ଟ୍ରବାଦ ଆଉ ଆଧ୍ୟାତ୍ମବାଦ ଚିନ୍ତାରେ ପାର୍ଥକ୍ୟ ହେତୁ ଦୃଷ୍ଟିକୋଣ ପୃଥକ୍ ହୋଇଥାଏ। ବ୍ୟକ୍ତି ନିଜର ସ୍ୱଭାବ,ପ୍ରକୃତି, ଅନୁଭୂତି ଅନୁସାରେ ଦୃଷ୍ଟିଭଙ୍ଗୀ ତିଆରି କରିଥାଏ।

ବ୍ୟକ୍ତିର ଜୀବନ ହେଉଛି ନିଜ ଦୃଷ୍ଟିର ସମ୍ପ୍ରସାରଣ। ଦୃଷ୍ଟିକୋଣ ଏକତରଫା ଥିଲେ ତାହା ଅପୂର୍ଣ୍ଣତା, ଅଶାନ୍ତି, ଅସନ୍ତୋଷ ଖଣ୍ଡିତ ଚେତନାର ସୂଚନା ଦିଏ। ନକାରାତ୍ମକ ଦୃଷ୍ଟିକୁ ଅଭ୍ୟାସବଳରେ ସକାରାତ୍ମକ କରିପାରିଲେ ଜୀବନ ସାର୍ଥକ ଓ ସଫଳ ହୁଏ : ଯଥା ଦୃଷ୍ଟିଃ ତଥା ସୃଷ୍ଟିଃ ।।

**ଅବସରପ୍ରାପ୍ତ ଉପାଧ୍ୟକ୍ଷ, ପଟିଆ, ଭୁବନେଶ୍ୱର, ମୋ: ୯୪୩୭୭୭୬୯୦୮**

# ଅଜ୍ଞାନତା ଦୁଃଖର କାରଣ



ନିରାକାର ଦାସ

ଶିକ୍ଷା ମଣିଷକୁ ପଶୁତ୍ୱରୁ ମାନବତ୍ୱକୁ ଉନ୍ନୀତ କରେ। ଆମେରିକାର ଦାର୍ଶନିକ ଜନ୍ ଡୁୱେ କହିଲେ, ''ଶିକ୍ଷା ଜୀବନର ପ୍ରସ୍ତୁତି ନୁହେଁ, ଶିକ୍ଷା ହେଉଛି ଜୀବନ।'' ଶିକ୍ଷାର ଯେତିକି ବିକାଶ ଘଟିଛି ସେହି ଅନୁପାତରେ ହିଁ ମାନବତ୍ୱର କ୍ରମବିକାଶ ଘଟିଛି ଏବଂ ଘଟୁଥିବ ମଧ୍ୟ। ଏକ ସୁସ୍ଥ ଏବଂ ସାମ୍ୟମୈତ୍ରୀର ସମାଜ ଗଠନ ନିମନ୍ତେ ଉପଯୁକ୍ତ ଶିକ୍ଷାର ପ୍ରସାର ଏକାନ୍ତ ଆବଶ୍ୟକ। ଯେଉଁ ଦେଶ ଯେତେ ଶିକ୍ଷିତ ଓ ସଂସ୍କୃତିସମ୍ପନ୍ନ ସେ ଦେଶ ସେତିକି ସମୃଦ୍ଧ ଓ ଶକ୍ତିଶାଳୀ। ସେଥିପାଇଁ ଜ୍ୟୋତିରାଓ ଫୁଲେ କହିଥିଲେ, ''ଶିକ୍ଷା ଏକ ଶକ୍ତିଶାଳୀ ଅସ୍ତ୍ର ଯାହାକୁ ପୃଥିବୀର ପରିବର୍ତ୍ତନ ପାଇଁ ବ୍ୟବହାର କରିପାର।'' ଶିକ୍ଷା ନ ଥାଇ ଯଦି ଆର୍ଥିକ ବିକାଶ କରାଯାଏ ତେବେ ସେ ଅର୍ଥ କେବଳ ବ୍ୟର୍ଥ ହେବନି ବରଂ ବହୁଳ ଭାବେ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିବ। ଯେମିତି ''ମାଙ୍କଡ଼ ବେକରେ ମୁକ୍ତା ମାଳ।'' ଉଦାହରଣ ସ୍ୱରୂପ - ଜଣେ ପାଠଶାଠ ପଢ଼ି ନ ଥିବା ଲୋକକୁ ଋଣ ମିଳିଲେ, ସେ ଯେମିତି ସେ ପଇସାକୁ ଖଟେଇ ପଇସା ରୋଜଗାର କରିବା ପରିବର୍ତ୍ତେ ନିଜ ଅୟସ ଆରାମରେ ଲଗେଇ ଦିଏ କିମ୍ବା ବେପାର କୌଶଳ ନ ଜାଣି ଭୁଲ୍‌ଭାଲ୍ ବିନିଯୋଗ କରି ପରେ ବରବାଦ ହୁଏ। କାରଣ ଲକ୍ଷ ଲକ୍ଷ ଟଙ୍କାକୁ ଉପଯୁକ୍ତ ବାଟରେ ଖର୍ଚ୍ଚ କରିବା ପାଇଁ ଜ୍ଞାନର ଆବଶ୍ୟକ ଥାଏ, ସେ ଜ୍ଞାନ ହିଁ ଶିକ୍ଷାରୁ ଆସିଥାଏ। ସେଇଥିପାଇଁ ଆମର ଅଧିକାଂଶ ସରକାରୀ ଯୋଜନା ବିଫଳ ହେଉଛି। ୭୬ ବର୍ଷ ସ୍ୱାଧୀନତା ପରେ ବି ଦେଶରେ ୭୦ ଭାଗ ଲୋକ ଶିକ୍ଷିତ ହେଲେ ନାହିଁ। କେବଳ ନାମ ଦସ୍ତଖତ କରିଦେଲେ ନିରକ୍ଷରତା ଦୂର ହୁଏନା କି ମଣିଷଟିଏ ଶିକ୍ଷିତ ହୁଏନା। ଏଥିପାଇଁ ଲୋଡ଼ା ସମ୍ପୂର୍ଣ୍ଣ ଶିକ୍ଷା। ଶିକ୍ଷା ମଣିଷ ଜ୍ଞାନର ବିକାଶ ଘଟାଇବା ସହ ଅନ୍ଧତ୍ୱ ଦୂର କରେ। ସେଇଥିପାଇଁ ବୈଷୟିକ ବିକାଶ ସହ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ଜରୁରୀ। ସବୁ ମଣିଷ ଯଦି ଉପଯୁକ୍ତ ବିଜ୍ଞାନଭିତ୍ତିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧସମ୍ପନ୍ନ ଉଚ୍ଚଶିକ୍ଷା ଲାଭ କରିବେ ତେବେ ଜ୍ଞାନର ବୈପ୍ଳବିକ ବିକାଶ ଘଟିବ ଏବଂ ଜ୍ଞାନର ବିକାଶ ହିଁ ଶାନ୍ତି ଓ ସଦ୍‌ଭାବନାର ଦ୍ୱାର ଉନ୍ମୁକ୍ତ କରେ। ତେଣୁ ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୬ରେ ସତ୍ୟବାଦୀରେ ଲେଖିଥିଲେ - ''ଶିକ୍ଷାପଥରେ ମାନବ ଯେତେ ଅଗ୍ରସର ହେଉଥିବ, ତା'ର ଶକ୍ତି ଏବଂ ଐଶ୍ୱର୍ଯ୍ୟ ସେତେ ବିକଶିତ ହେବ।'' ଶିକ୍ଷାର ପ୍ରସାର ନ ଘଟିଲେ ଅଜ୍ଞାନତା ରୂପକ ସୈତାନ କବଳରୁ ମଣିଷ ମୁକ୍ତି ପାଇବ ନାହିଁ। ତେଣୁ ମଣିଷକୁ ବାଧ୍ୟତାମୂଳକ ଶିକ୍ଷା ଦେବା ହେଉଛି ଆମ ଦେଶ ମୁଖିଆମାନଙ୍କର ନୈତିକ ଦାୟିତ୍ୱ। ସେଥିପାଇଁ ଶିକ୍ଷା ନିମନ୍ତେ ସବୁଠୁ ଅଧିକ ବ୍ୟୟ ବରାଦ ହେବା ଉଚିତ।

ଅଜ୍ଞାନତାରୁ ଅପସଂସ୍କୃତିର ଜନ୍ମ ନିଏ ଏବଂ ଅନ୍ଧବିଶ୍ୱାସର ଶିକାର ହୋଇ ଜୀବନ ସାରା ପେଷିହୁଏ। ଅସ୍ପୃଶ୍ୟମାନଙ୍କ ମଧ୍ୟରେ ମଧ୍ୟ ଶିକ୍ଷାର



ବୈପ୍ଳବିକ ପ୍ରସାର ଘଟୁନି, ଏବେ ବି ଅସ୍ପୃଶ୍ୟମାନେ ସମାଜରେ ଘୃଣିତ। ଆଜିଯାଏ ଅସ୍ପୃଶ୍ୟତା ଦୂର ହେଲାନି କି ଅସ୍ପୃଶ୍ୟମାନଙ୍କ ମଧ୍ୟରେ ଜାତିଭେଦ ଦୂର ହୋଇନି। ଶିକ୍ଷାର ମନ୍ଥର ପ୍ରସାର। ଶିକ୍ଷାର ପ୍ରସାର ଯେତିକି ହେଉଛି ଆମ ଭିତରେ ଥିବା ବୈଷମ୍ୟତା ସେତିକି ଦୂର ହେଉଛି। ଯଦି ସାମାଜିକ ବୈଷମ୍ୟତାର ବୈପ୍ଳବିକ ପରିବର୍ତ୍ତନ ଆବଶ୍ୟକ, ତେବେ ଶିକ୍ଷାର ବୈପ୍ଳବିକ ପ୍ରସାର ଲୋଡ଼ା। ନଚେତ୍ ଆହୁରି ଶତାବ୍ଦୀ ଶତାବ୍ଦୀ ବିତିଗଲେ ବି ସମାଜର ସାମାଗ୍ରିକ ବିକାଶ ସମ୍ଭବ ହୋଇପାରିବ ନାହିଁ କି ଜାତିପ୍ରଥା ଦୂର ହୋଇପାରିବ ନାହିଁ।

ଏଠାରେ ପ୍ରଶ୍ନ ଆସେ, ବାସ୍ତବରେ ଶିକ୍ଷା ଲାଭ କରିଥିବା ବ୍ୟକ୍ତିମାନେ କ'ଣ ଜ୍ଞାନୀ ହୋଇଯାଆନ୍ତି, ଯଦି ତାହା ହେଉଥାଆନ୍ତା ତେବେ ଦେଶରେ ଲକ୍ଷ ଲକ୍ଷ ଶିକ୍ଷିତ ଅଛନ୍ତି, ସେମାନଙ୍କର କ'ଣ ଅଜ୍ଞତା ଦୂର ହୋଇଯାଇଛି ? ସେମାନେ କ'ଣ କୁସଂସ୍କାର ଓ ଅନ୍ଧବିଶ୍ୱାସୀ ନୁହନ୍ତି ? ସେମାନେ କ'ଣ ମୂର୍ଖ ଅପାଠୁଆଙ୍କ ଭଳି ଭୁଲ୍ କରି ଦୁଃଖ ପାଉନାହାନ୍ତି ? ସେମାନେ କ'ଣ ଏକ ସୁସ୍ଥ ସମାଜ ଗଠନର ଅନୁଗାମୀ ? ଯଦି ଏମିତି ହେଉଛି, ତେବେ ଶିକ୍ଷା ଲାଭ କରି ମୂଲ୍ୟ କ'ଣ ? ଶିକ୍ଷା ପାଇ କ'ଣ ଲାଭ ? ପିଲାଙ୍କୁ ପାଠ ପଢ଼େଇ କି ଲାଭ ବୋଲି ଅଭିଭାବକମାନେ କୁହନ୍ତି ? ବାସ୍ତବରେ ଏ ସବୁ ପ୍ରଶ୍ନର ଉତ୍ତର ଆମ ମୁଖିଆମାନଙ୍କ ଭିତରେ ଥିଲେ, ସେମାନେ ଶିକ୍ଷାର ଏପରି ଦୟନୀୟ ଅବସ୍ଥା କରି ରଖି ନ ଥାନ୍ତେ। ଶିକ୍ଷା ଜ୍ଞାନ ଆହରଣର ମୂଳଦୁଆ। ଶିକ୍ଷା ମଣିଷକୁ ଜ୍ଞାନ ପିପାସୁ କରାଏ ଏବଂ ଜ୍ଞାନ ପ୍ରାପ୍ତିର ରାସ୍ତା ଦେଖାଏ। ଶିକ୍ଷା ରୂପକ ଏହି ମୂଳଦୁଆ ପଡ଼ିଗଲେ, ମଣିଷର ଆଖି ଖୋଲିଯାଏ, ସେ ନିଜ ଚରିତ୍ର ଗଠନ ପାଇଁ ଉପାଦାନ ପାଇ ପାରିବ। ଶିକ୍ଷିତ ବ୍ୟକ୍ତିଟିର ଆଚରଣ ଓ ଆବେଦନ ଅପାଠୁଆ ସହ ସମାନ ହେବନି। ମୂର୍ଖତା/ଅଜ୍ଞାନତା ମଣିଷକୁ ନିଷ୍ଠୁର କରିଥାଏ। ଜଣେ ଶିକ୍ଷିତ ଚାଷୀ ଓ ଜଣେ ଅପାଠୁଆ ଚାଷୀ ମଧ୍ୟରେ ଫରକ, ଜଣେ ଶିକ୍ଷିତ ବ୍ୟବସାୟୀ ଜଣେ ଅଶିକ୍ଷିତ ବ୍ୟବସାୟୀ ମଧ୍ୟରେ ଫରକ ଆମେ ସମସ୍ତେ ଜାଣୁ। ତେଣୁ ପ୍ରତ୍ୟେକଟି ମଣିଷକୁ ଶିକ୍ଷା ଦିଅ, ତା' ପରେ ତା' କର୍ମ ସେ ନିଜେ ବାଛିବ। ଶିକ୍ଷା ହେଉଛି କୃଷକର କ୍ଷେତ ଏବଂ ଜ୍ଞାନ ହେଉଛି ଫସଲ। କ୍ଷେତକୁ ଯେମିତି ପ୍ରସ୍ତୁତ କରିବେ ଫସଲ ସେମିତି ଫଳିବ। ସେମିତି ଶିକ୍ଷାକୁ ଯେତେ ବିଜ୍ଞାନଭିତ୍ତିକ, ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ, ଧର୍ମ ନିରପେକ୍ଷ ଓ ସମାଜ ଉପଯୋଗୀ କରିବେ ସେତେ ପ୍ରଗତିଶୀଳ ଓ ତାତ୍ପର୍ଯ୍ୟପୂର୍ଣ୍ଣ ସମାଜ ଗଠନ ହୋଇପାରିବ। ଯେଉଁ ରାଷ୍ଟ୍ର ଶିକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଏ ଓ ସଂସ୍କୃତିକୁ ସମୃଦ୍ଧ କରେ ସେ ଦେଶ ସବୁଠୁ ସୁଖୀ ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇଥାଏ। ଯେଉଁ ରାଷ୍ଟ୍ରରେ ଶିକ୍ଷା ଅବହେଳିତ ସେ ଏକ ବିଚରା ଦେଶ।

**ଭୁବନେଶ୍ୱର, ମୋ: ୯୪୩୭୦୧୩୧୩୯**

## ଏଇ ଭାରତରେ

ହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ମୃତ୍ୟୁପରେ ଶ୍ରାଦ୍ଧ ତର୍ପଣ ଆଦି କାମ କରାଯାଇଥାଏ। କିନ୍ତୁ ବଞ୍ଚିଥିବା ଲୋକଙ୍କ ପାଇଁ ଶ୍ରାଦ୍ଧ ଦିଆଯିବା କଥା କେବେ ଶୁଣିଛନ୍ତି! ଏଭଳି ଏକ କଥା ଅତି ଅପ୍ରାସଙ୍ଗିକ ତଥା ଅବାନ୍ତର ମନେ ହୋଇପାରେ। ହେଲେ ବିହାରର ମୁଜାଫରପୁରର ସାହେବଗଞ୍ଜ ଅଞ୍ଚଳରେ ଏବେ ଏମିତି ଏକ ଘଟଣାକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ଏହି ଅଞ୍ଚଳର ୮୫ ବର୍ଷୀୟ ବିଶ୍ୱନାଥ ରାୟ ୬ ମାସ ତଳେ ତାଙ୍କ ପତ୍ନୀଙ୍କ ସହିତ ନିଜର ମଧ୍ୟ ଶ୍ରାଦ୍ଧ କର୍ମ ସାରି ଦେଇଥିଲେ। କାରଣ ତାଙ୍କର କୌଣସି ସନ୍ତାନ ନାହାନ୍ତି। ତେଣୁ ମୃତ୍ୟୁ ପରେ କେହି ତାଙ୍କର ଶ୍ରାଦ୍ଧ କାମ କରିବେ ନାହିଁ ବୋଲି ସେ ଭଲଭାବେ ଜାଣିଥିଲେ। ସେଥିପାଇଁ ବ୍ରାହ୍ମଣ ଡକାଇ ନିଜର ଶ୍ରାଦ୍ଧ କର୍ମ ନିଜେ କରିଥିଲେ। ମୃତ୍ୟୁ ପରେ ଯେଉଁଭଳି ଶ୍ରାଦ୍ଧ କରାଯାଏ ଅନୁରୂପଭାବେ ସେସବୁ କରି ଗାଁ ଲୋକଙ୍କୁ ମଧ୍ୟ ଭୋଜନ କରାଇଥିଲେ। ତାଙ୍କର ବିଶ୍ୱାସ ଥିଲା କି ଶ୍ରାଦ୍ଧ ତର୍ପଣ ନ ହେଲେ ତାଙ୍କ ଜୀବନ ନିରର୍ଥକ ହୋଇଯିବ ଓ ସେ ମୋକ୍ଷ ହୋଇପାରିବେ ନାହିଁ। ତେବେ ଶ୍ରାଦ୍ଧ କରାଇବାର ୬ ମାସ ପରେ ବିଶ୍ୱନାଥଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କର କେହି ଆତ୍ମୀୟ ନ ଥିବାରୁ ଗାଁ ଲୋକେ ଶବ ସତ୍କାର କରାଇଛନ୍ତି। ହେଲେ କୌଣସି ପ୍ରକାରର ଶ୍ରାଦ୍ଧ କର୍ମ କରାଯାଉ ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୭୬

- କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୬୭୨ କୋଟି ୮୦ ଲକ୍ଷ ଟଙ୍କାର ବାର୍ଷିକ ବ୍ୟୟ ଦାବି ଲୋକସଭାରେ ଉପସ୍ଥାପିତ।
- ଦୁର୍ଘଟଣାଜନିତ ବୀମା ପଲିସି ଯୋଗାଇଦେବା ପାଇଁ ସାଧାରଣ ବୀମା ଯୋଜନା କର୍ପୋରେସନ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି।
- ରାଜ୍ୟ ସଭା ସଦସ୍ୟ ସି.ଡି. ନଟରାଜନ ଡିଏମ୍‌କେରୁ ଇସ୍ତଫା ଦେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 6 | 1 | | | |
| | 9 | | | | | | 7 | 1 |
| 4 | | | | | 5 | 3 | | |
| | | | | | 6 | | 4 | |
| 1 | 8 | 4 | | | 9 | | | |
| | | | | 3 | | | | |
| | | 8 | | | 4 | | | |
| 3 | 1 | | | 2 | | 8 | | |
| | | 2 | | | | 5 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 2 | 6 | 5 | 7 | 9 | 1 | 8 |
| 7 | 5 | 9 | 1 | 8 | 3 | 2 | 4 | 6 |
| 1 | 6 | 8 | 4 | 2 | 9 | 5 | 3 | 7 |
| 8 | 3 | 1 | 5 | 7 | 4 | 6 | 9 | 2 |
| 6 | 9 | 7 | 2 | 3 | 1 | 8 | 5 | 4 |
| 5 | 2 | 4 | 9 | 6 | 8 | 3 | 7 | 1 |
| 9 | 7 | 6 | 3 | 1 | 2 | 4 | 8 | 5 |
| 4 | 8 | 5 | 7 | 9 | 6 | 1 | 2 | 3 |
| 2 | 1 | 3 | 8 | 4 | 5 | 7 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ପୁନଃ ବିଚାର କରନ୍ତୁ

ମହାଶୟ,

ଓଡ଼ିଶା ସରକାରଙ୍କ ପକ୍ଷରୁ ପି.ଏମ. ପୋଷଣ ଯୋଜନା ଅନ୍ତର୍ଗତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରେ ଅତିରିକ୍ତ ଗୋଟିଏ ଅଣ୍ଡା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଅର୍ଥାତ୍ ଏଣିକି ସପ୍ତାହକୁ ଦୁଇଦିନ ବଦଳରେ ତିନି ଦିନ ଅଣ୍ଡା ଦିଆଯିବ । ପିଲାଙ୍କୁ ଅଧିକ ପୁଷ୍ଟିସାର ଜାତୀୟ ଖାଦ୍ୟ ଯୋଗାଇବା ଦୃଷ୍ଟିରୁ ଏହା ସ୍ୱାଗତଯୋଗ୍ୟ। ଅତିରିକ୍ତ ଅଣ୍ଡା ବଣ୍ଟନ କରିବା ଫଳରେ ରାଜ୍ୟରେ ଆହୁରି ଅଣ୍ଡାର ଚାହିଦା ବଢିବା ସହିତ ଅତିରିକ୍ତ ବହୁତ ଅଣ୍ଡା ଆବଶ୍ୟକ ହେବ। ଯାହା ଫଳରେ ଅସାଧୁ ବ୍ୟବସାୟୀ ଅସାଧୁ ଉପାୟରେ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ପାଇଁ ଚେଷ୍ଟା କରିବେ । ସେହି ଅଣ୍ଡାଗୁଡିକର ଗୁଣବତ୍ତା ଓ ଉତ୍ତମ ମାନ ନିଶ୍ଚିତ କରିବା ଚ୍ୟାଲେଞ୍ଜ ହେବ । ବଜାରରେ ଅଣ୍ଡାର ମୂଲ୍ୟକୁ ବିଚାରକୁ ନେଲେ, ଅତିରିକ୍ତ ଅଣ୍ଡା ପ୍ରଦାନ ମଧ୍ୟାହ୍ନଭୋଜନ ରନ୍ଧନ ଖର୍ଚ୍ଚ ଉପରେ ଆର୍ଥିକ ବୋଝ ପଡିବ । ପୁଣି ଅନେକ ବିଦ୍ୟାଳୟରେ ଅଣ୍ଡା ଗଚ୍ଛିତ ରଖିବାର ସୁବିଧା ନ ଥିବାରୁ, ଖରାଦିନେ ଅଣ୍ଡା ପଚି ନଷ୍ଟ ହେବାର ସମ୍ଭାବନା ଅଛ। ବିଶେଷକରି ସହରଠାରୁ ଦୂରରେ ଥିବା ବିଦ୍ୟାଳୟକୁ ଅଣ୍ଡା ସପ୍ଲାଏ କରିବା କଷ୍ଟକର ହେବ । ପୁଣି ଶିକ୍ଷକଙ୍କୁ ଏଥିପାଇଁ ଅତିରିକ୍ତ ସମୟ ଦେବାକୁ ପଡିବ, ଯାହାକି ପାଠପଢାରେ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ଅଛି । ପୁଣି ସରକାର କହିଛନ୍ତି ଯେ ସୋମବାର ଦିନ ଅଣ୍ଡା ଦିଆଯିବ। କିନ୍ତୁ ଧାର୍ମିକ ଭାବନା ଦୃଷ୍ଟିରୁ ଅନେକ ଛାତ୍ରୀଛାତ୍ର ସୋମବାରରେ ଅଣ୍ଡା ଖାଇବାକୁ ନାପସନ୍ଦ କରନ୍ତି । ସରକାର ଅତିରିକ୍ତ ଅଣ୍ଡା ବଦଳରେ ପୁଷ୍ଟିସାର ଯୁକ୍ତ ସ୍ଥାନୀୟ ପରିବା, ଚଣା ଆଦି ବିକଳ୍ପ ଭାବରେ ଦେବାର ବ୍ୟବସ୍ଥା କରିବା ଉଚିତ। ସୋମବାର ବଦଳରେ ଅନ୍ୟ ଦିନ ଅଣ୍ଡା ଦେବା ଉପରେ ପୁନଃ ବିଚାର କରିବା ଆବଶ୍ୟକ ।

**-ରମାକାନ୍ତ ସେଠ, ଶିକ୍ଷକ, ନୂଆପଡ଼ା**

## ଚିରନ୍ତନୀ

ଆମ୍ର ବନ ବିଛାଏ ଛାୟା
ତାହାରି ତଳେ ଆସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏମାନଙ୍କ ମତରେ...

### ମାତୃଭାଷା ଓଡ଼ିଆ ହେଉଛି ଆମ ପରିଚୟ, ସ୍ୱାଭିମାନ ଓ ସଂସ୍କୃତି



ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଆମ ରାଜ୍ୟ ଓଡ଼ିଶା ବା ତତ୍କାଳୀନ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଓଡିଆ କେବଳ ଆମର ମାତୃଭାଷା ନୁହେଁ, ଏହା ଆମର ପରିଚୟ, ସ୍ୱାଭିମାନ ଓ ସଂସ୍କୃତି। କିନ୍ତୁ ବର୍ତ୍ତମାନ ଓଡିଆ ଭାଷା ଆଜି ସଙ୍କଟରେ। ଆମ ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ପ୍ରଥମେ ମାତୃଭାଷାର ସୁରକ୍ଷା ଆବଶ୍ୟକ। ଏଥିପାଇଁ ଚଳିତବର୍ଷ ଓଡ଼ିଶା ଦିବସର ବାର୍ତ୍ତା ରଖାଯାଇଛି 'ଭାଷା ସୁରକ୍ଷା, ସଂସ୍କୃତି ରକ୍ଷା'। ତିନୋଟି ସ୍ଥାନରେ ଯଥା ସରକାରୀ କାର୍ଯ୍ୟାଳୟ, ବିଚ୍ଛିନ୍ନାଞ୍ଚଳ ଓ ବିଦ୍ୟାଳୟରେ ମାତୃ ଭାଷାକୁ ସୁରକ୍ଷା ଦେବାର ସମୟ ଆସିଛି। ଜାତୀୟ ଶିକ୍ଷା ନୀତି ଅନୁସାରେ ନିଜ ମାତୃଭାଷାରେ ଶିକ୍ଷାଦାନ ବାଧ ହୋଇଥିଲେ ମଧ ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆଜିପର୍ଯ୍ୟନ୍ତ ଲାଗୁ ହୋଇପାରିନାହିଁ। ସେହିଭଳି ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟତଃ ଇଂଲିଶ ମାଧମ ବିଦ୍ୟାଳୟରେ ଓଡିଆ ଭାଷାକୁ ପ୍ରାଧାନ୍ୟ ଦେବାର ସମୟ ଆସିଛି ।

-ଦିଲୀପ ଦାସଶର୍ମା, ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀ

### ଓଡ଼ିଆ ଭାଷା, ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପ ନେବା



ପ୍ରାଚୀନ ଓ ପୂର୍ଣ୍ଣାଙ୍ଗ ଓଡ଼ିଆ ଭାଷା ଆଧାରରେ ଆଜିର ଦିବସରେ ଗଠନ ହୋଇଥିଲା ଭାଷାଭିତ୍ତିକ ପ୍ରଥମ ଭୌଗୋଳିକ ଭୂଖଣ୍ଡ। ବର୍ତ୍ତମାନ ଓଡ଼ିଆ ଭାଷା ସମୃଦ୍ଧ ଓ ଶାସ୍ତ୍ରୀୟ ଭାଷା ଭାବେ ଭାରତବର୍ଷରେ ପ୍ରତିଷ୍ଠିତ। ଆଜି ଓଡ଼ିଶା ଦିବସ ଅବସରରେ ଆମେ ଆମ ଅସ୍ମିତାର ପରିଚାୟକ ଆମ ଭାଷା ଓ ସଂସ୍କୃତିର ସୁରକ୍ଷା ସଂରକ୍ଷଣ ଦିଗରେ କାର୍ଯ୍ୟକରିବା ପାଇଁ ସଂକଳ୍ପ ନେବା। ଆମକୁ ମନେ ରଖିବାକୁ ହେବ ଯେ, ଓଡ଼ିଆ ଭାଷାକୁ ନେଇ ଓଡ଼ିଶା, ଆଉ ଓଡ଼ିଆ ଭାଷା ପାଇଁ ହିଁ ଆମର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ହେଉଛି ଆମ ସମ୍ମାନ ଓ ସ୍ୱାଭିମାନର ପରିଚୟ। ବନ୍ଦେ ଉତ୍କଳ ଜନନୀ। ଆମ ଭାଷା, ଆମ ଭୂଖଣ୍ଡର ଜୟହେଉ।

-ଡ. ଦେବାଶିଷ ମହାପାତ୍ର, ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ

### ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରକୃତ ପ୍ରଚାର ପ୍ରସାର ହେଉ



କୁହାଯାଏ, କଳାରେ କୋଣାର୍କ, କବିତାରେ ଭଞ୍ଜ, ଦର୍ଶନରେ ଜଗନ୍ନାଥ-ଏସବୁର ଉଦ୍ଭବ ଉତ୍କଳ ମାଟିରୁ। ପ୍ରତିବର୍ଷ ଓଡ଼ିଶା ଦିବସ କେବଳ ଉତ୍ସବ ଓ ଭାଷଣରେ ସୀମିତ ରହିଯାଉଛି। ଗତ ଅନେକ ବର୍ଷ ଧରି ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯାଇନାହିଁ। ଏଭଳି ସ୍ଥିତିରେ ଆମ ଭାଷା ସାହିତ୍ୟକୁ କିଭଳି ପ୍ରୋତ୍ସାହନ ମିଳିପାରିବ? ଯେଉଁ ଦକ୍ଷିଣ ଓଡ଼ିଶାର ମିଶ୍ରଣ ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅକ୍ଳାନ୍ତ ଚେଷ୍ଟା କରିଥିଲେ, ସେହି ଅଞ୍ଚଳର ଅନେକ ଐତିହ୍ୟ, ମନ୍ଦିର କୀର୍ତ୍ତିରାଜି, ହସ୍ତକଳା, ପ୍ରାକୃତିକ ବିଭବ ଅବହେଳିତ ରହିଛି। କଳା, ସାହିତ୍ୟ, ବିଜ୍ଞାନ, କାରିଗରି, ବାଣିଜ୍ୟ, ସମାଜ ସେବା, ସ୍ୱାଧୀନତା ସଂଗ୍ରାମ ଆଦି ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଲୁକ୍କାୟିତ ଓଡ଼ିଆ ବ୍ୟକ୍ତିବିଶେଷଙ୍କୁ ନେଇ ଅନୁସନ୍ଧାନ ହେଉ। ଓଡ଼ିଶାର ପର୍ଯ୍ୟଟନ, ଭାଷା ସାହିତ୍ୟ, କଳା ଓ ସଂସ୍କୃତି, ଖାଦ୍ୟପେୟ ପ୍ରଚାର ପ୍ରସାରରେ ହିଁ ଓଡ଼ିଶା ଦିବସ ପାଳନର ପ୍ରକୃତ ଯଥାର୍ଥତା ନିହିତ।

-ସତ୍ୟବ୍ରତ ପାଣିଗ୍ରାହୀ, ଯୁବ ଲେଖକ

# ଓଡ଼ିଆ ସ୍ୱାଭିମାନର ପର୍ବ



କଳା, ସଂସ୍କୃତି ଓ ବାଣିଜ୍ୟର ଏକ ପୀଠସ୍ଥଳୀ ହେଉଛି ଉତ୍କଳ(ଓଡ଼ିଶା)। ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ପୁଣ୍ୟଭୂମି। ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସାହିତ୍ୟ, ସଂସ୍କୃତି ଓ ନୃତ୍ୟ ସାରା ବିଶ୍ୱରେ ଓଡ଼ିଶାକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ପ୍ରାଚୀନ କାଳରେ ଓଡ଼ିଶା କଳିଙ୍ଗ, ଉଡ୍ର, ଉତ୍କଳ ରୂପେ ଭାରତବର୍ଷରେ ସମୃଦ୍ଧିଶାଳୀ ରାଜ୍ୟରୂପେ ସୁବିଦିତ ଥିଲା। ୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ମୋଗଲ ଓ ମରହଟ୍ଟାମାନଙ୍କ ଶାସନ ନିୟନ୍ତ୍ରଣରେ ଓଡ଼ିଶା ଶାସିତ ହେଲା। ବ୍ରିଟିଶମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେବାପରେ ଏହାର ଚରମ ଦୁର୍ଦ୍ଦିନ ଘୋଟି ଆସିଲା। ସମ୍ବଲପୁର ମଧ୍ୟପ୍ରଦେଶ ସହ ମିଶିଥିବା ବେଳେ ବାଲେଶ୍ୱରରେ ବଙ୍ଗଳାର ପ୍ରଭାବ ଏବଂ ଗଞ୍ଜାମ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ରହିଥିଲା। ଖଣ୍ଡ ବିଖଣ୍ଡିତ ହୋଇ ବିକ୍ଷିପ୍ତ ଅବସ୍ଥାରେ ଥିବା ଓଡ଼ିଶା ଏହାର ପରିଚୟ ସମ୍ପୂର୍ଣ୍ଣ ହରାଇବାକୁ ବସିଥିଲା। ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ପଡ଼ୋଶୀ ରାଜ୍ୟମାନଙ୍କରେ ମିଶିଗଲା। ଓଡ଼ିଶାର ଅସ୍ତିତ୍ୱ ଲୋପ ପାଇଲା। ଏହା ସହିତ ଓଡ଼ିଆ ଭାଷା ବିପନ୍ନ ହେଲା। ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡ଼ିଶାକୁ ଏକ ଅଲଗା ରାଜ୍ୟ କରିବା ପାଇଁ ଯେଉଁ ମହାପୁରୁଷମାନେ ଜାତିର ସ୍ୱାଭିମାନ ଓ ଅସ୍ମିତା ପାଇଁ ଲଢ଼େଇ କରିଥିଲେ ସେମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସାର୍ ବାସୁଦେବ ସୁଧଳଦେବ, ରାଧାନାଥ ରାୟ, ଭୁବନାନନ୍ଦ ଦାସ ଅନ୍ୟତମ। ଏହି ବୀରପୁତ୍ରମାନଙ୍କ ଉଦ୍ୟମରେ ପ୍ରଥମେ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା। ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନଗୁଡ଼ିକରେ ଓଡ଼ିଶା ପ୍ରଦେଶ ଗଠନ ଦାବି ଦୃଢ଼ତର କରାଯାଇଥିଲା। ସମ୍ମିଳନୀ ମାଧ୍ୟମରେ ବ୍ରିଟିଶ ସରକାରଙ୍କ ନିକଟରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ସହିତ ଓଡ଼ିଆ ଜାତୀୟତାର ପ୍ରସାର କରାଯାଇଥିଲା। ତତ୍କାଳୀନ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଏବଂ ପ୍ରଚେଷ୍ଟାରେ ପ୍ରଥମେ ୬ଟି ଜିଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମକୁ ନେଇ ଓଡ଼ିଶା ରାଜ୍ୟ ଗଠନ ହେଲା। ୧୯୫୦ ଜାନୁଆରୀରେ ଓଡ଼ିଶାରେ ଆଉ ୭ଟି ଜିଲା ଯୋଗ ହୋଇ ମୋଟ ୧୩ଟି ଜିଲା ହେଲା। ଏହାପରେ ୧୯୯୨ରେ ଓଡ଼ିଶାର ୧୩ଟି ଜିଲାକୁ ପୁନର୍ବିଭାଜନ କରି ୩୦ଟି ଜିଲାରେ ବିଭକ୍ତ କରାଗଲା। ବହୁଦିନର ଖଣ୍ଡବିଖଣ୍ଡିତ ଉତ୍କଳ ଜନନୀ ତା'ର ବରପୁତ୍ରମାନଙ୍କର ସେବା ଓ ବଳିଦାନ ଯୋଗୁ ସମ୍ପୂର୍ଣ୍ଣ ହୋଇପାରିଥିଲା।

୧୯୩୬ ଏପ୍ରିଲ ୧ ତାରିଖ ଓଡ଼ିଶା ପାଇଁ ଏକ ଅବିସ୍ମରଣୀୟ ଦିନ। ଆଜିର ଦିନ ହେଉଛି ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ବିଦିତ ଏକ ଅବିସ୍ମରଣୀୟ ଦିନ। ଓଡ଼ିଆ ଜାତିର ଅସ୍ମିତାର ସୁରକ୍ଷା। ନେଇ ସଂଗ୍ରାମର କାହାଣୀ କୁହେ ଏହି ଦିନ; ଯାହାକୁ ନେଇ ପ୍ରତି ଓଡ଼ିଆ ଗର୍ବ କରନ୍ତି। ଭାଷା ଭିତ୍ତିରେ ଆମ 'ଓଡ଼ିଶା'କୁ ମିଳିଥିଲା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା। ୧୯୩୬ ଆଜିର ଦିନରେ ନୂଆ ପରିଚୟ ପାଇଥିଲା ଓଡ଼ିଶା। ଏହି ଦିନକୁ ନେଇ ସାରା ରାଜ୍ୟବାସୀ ଉତ୍ସାହିତ ଥିବାବେଳେ ଗର୍ବର ସହ ଓଡ଼ିଶା ଦିବସ ପାଳନ କରନ୍ତି। ପ୍ରତିଟି ଓଡ଼ିଆ ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ କରନ୍ତି। ଆଜି ଦିନଟିରେ ପ୍ରତି ଓଡ଼ିଆ ଏହି ଜାତିର ଅସ୍ମିତା ଓ ସ୍ୱାଭିମାନକୁ ବଜାୟ ରଖିବାର ସଂକଳ୍ପ ନେବା ସହ ଓଡ଼ିଶା ଦିବସ ପାଳନ କରିଥାଏ। ଆଉ ଗର୍ବରେ କହିଥାଏ ମୁଁ ଓଡ଼ିଆ। ଆଜି ହେଉଛି ଓଡ଼ିଆମାନଙ୍କର ଆଶା ଭରସା ଓ ସ୍ୱପ୍ନର ଦିବସ। ଆଜି ଉଜ୍ଜୀବିତ ହେଉଛି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ମୃତି। ସୀମାହୀନ, ଭାଷାହୀନ ଭାବେ ରହିବା ପରେ ଏହି ଦିନ ଏକତ୍ରିକ ହୋଇ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ଓଡ଼ିଶା। ନବ ଗଠିତ ରାଜ୍ୟ ଭାବେ ଓଡ଼ିଶା ମାନଚିତ୍ରରେ ଶୋଭାମଣ୍ଡନ କରିଥିଲା ଉତ୍କଳ। ତେବେ ଏହି ଦିବସ ଅବସରରେ ଓଡ଼ିଶା ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରିବାକୁ ଆମେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ସଂକଳ୍ପ ନେବା। ଆମେ ଓଡ଼ିଆ ବୋଲି କହିବାକୁ କୁଣ୍ଠାବୋଧ କରିବା ନାହିଁ। ଗର୍ବର ସହ କହିବା ଏ ପୁଣ୍ୟଭୂମି ଓଡ଼ିଶା, ଏ ଜାତି ଓଡ଼ିଆ ସବୁଠୁ ବଢ଼ିଆ।

–ଚିତ୍ତରଞ୍ଜନ ପୃଷ୍ଟି, ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧






# କାଠରେ ବରପୁତ୍ରଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି



କାଠରେ ନିର୍ମିତ ପ୍ରତିମୂର୍ତ୍ତି ପ୍ରଦର୍ଶନ କରୁଛନ୍ତି ସତ୍ୟ।

ବ୍ରହ୍ମପୁର,୩୧।୩(ସ୍ମୃତି ରଞ୍ଜନ ମହାଲିକ) ଓଡ଼ିଶା ଦିବସ ଅବସରରେ ବାଲୁକାଶିଳ୍ପୀ ସତ୍ୟନାରାୟଣ ମହାରଣା କାଠରେ ଓଡ଼ିଶା ମାନଚିତ୍ର ସହ ୮ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏଥିରେ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ(ଉଚ୍ଚତା ୩.୨ ସେମି ଏବଂ ଓସାର ୨.୫ ସେମି), ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ(ଉଚ୍ଚତା ୨.୭ ସେମି ଓ ଓସାର ୨.୫ ସେମି, ନବକୃଷ୍ଣ ଚୌଧୁରୀ(ଉଚ୍ଚତା ୩.୫ ସେମି ଏବଂ ଓସାର ୨.୫ ସେମି), ବିଜୁ ପଟ୍ଟନାୟକ(ଉଚ୍ଚତା ୨.୭ ସେମି, ଓସାର ୨.୫ ସେମି), ଅନ୍ନପୂର୍ଣ୍ଣା ମହାରଣା(ଉଚ୍ଚତା ୨.୭ ସେମି, ଓସାର ୨.୬ ସେମ), ଶଶିଭୂଷଣ ରଥ(ଉଚ୍ଚତା ୩.୨ ସେମି, ଓସାର ୨.୫ ସେମି), ବିର୍ସା ମୁଣ୍ଡା(ଉଚ୍ଚତା ୨.୮ ସେମି, ଓସାର ୨.୫ ସେମି), ହରିହର ଦାସ( ଉଚ୍ଚତା ୩.୨ ସେମି, ଓସାର ୨.୫ ସେମି)ଙ୍କ ପ୍ରତିମୂର୍ତ୍ତି ରହିଛି। ଏଥିସହ କୋଣାର୍କ ମନ୍ଦିର (ଉଚ୍ଚତା ୪.୭ ସେମି ଏବଂ ଓସାର ୫.୨ ସେମି)ର ପ୍ରତିକୃତି ରହିଛି। ପୂର୍ବରୁ ସତ୍ୟ କାଠରେ କୃଷ୍ଣଚନ୍ଦ୍ର ଗଜପତି, ଗୋପବନ୍ଧୁ ଦାସ, ରମା ଦେବୀ, ଚକରା ବିଶୋୟୀଙ୍କ ଭଳି ବହୁ ବରପୁତ୍ରଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରି ପ୍ରଶଂସିତ ହୋଇଛନ୍ତି।










# ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭବାନୀପାଟଣା,୩୧।୩
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟଠାରେ ଚାଲିଥିବା ଜିଲା ସ୍ତରୀୟ ଚେସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଚେସ ସଂଘ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୬୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ନିର୍ଦ୍ଦେଶକ ଭାବେ ଡ.ଶୁଭ୍ରାଂଶୁ ଶେଖର ଦାଶ ଓ ସଞ୍ଚାଳକ ଭାବେ ଭବେଶ ମହାନ୍ତି କାର୍ଯ୍ୟ ତୁଲାଇଥିଲେ। ଏଥିରେ



ପୁରସ୍କୃତ ହୋଇଥିବା ପ୍ରତିଯୋଗୀ।

ମୁଖ୍ୟ ଅତିଥିଭାବେ ରାଜ୍ୟ ଚେସ ସଂଘ ସମ୍ପାଦକ ଇ.ଦେବବ୍ରତ ଭଞ୍ଜ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁଧୀର କୁମାର ବେହେରା, ଭୀମସେନ ପଣ୍ଡା, ବସନ୍ତ କୁମାର ସ୍ୱାଇଁ ଓ ବଲାଙ୍ଗୀର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଯୋଗ ଦେଇ ଥିଲେ। ଜିଲା ସଭାପତି ହେମନ୍ତ କୁମାର ପାଣିଗ୍ରାହୀ ଓ ସମ୍ପାଦକ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସର୍ବ ସାଧାରଣ ବର୍ଗରେ ଅକ୍ଷୟ ଶବର, ତ୍ରିଲୋଚନ ଛତ୍ରିଆ, ରଶ୍ମି ରଞ୍ଜନ ତାଣ୍ଡି, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଓ ସୁଶୀଲ କୁମାର ପଣ୍ଡା ପ୍ରଥମରୁ ପଞ୍ଚମ ସ୍ଥାନରେ ପୁରସ୍କୃତ ହୋଇ ଥିବାବେଳେ କନିଷ୍ଠ ବର୍ଗରେ ଯଶଗନ୍ୟା ସାହୁ, କୁମାର ତନବୀର ଦାସ, ରବି ଶଙ୍କର ପଣ୍ଡା, ଆଶୁତୋଷ ବେହେରା ଓ ସୂର୍ଯ୍ୟାଂଶୁ ସାହୁ ପ୍ରଥମ ରୁ ପଞ୍ଚମ ସ୍ଥାନରେ ପୁରସ୍କୃତ ହୋଇ ଥିଲେ। ଆୟୋଜକ ମହାବିଦ୍ୟାଳୟର ସୁଦୀପ ଘୋଷ ଓ ବଦ୍ରୀନାଥ ଅଧିକାରୀ ମଧ୍ୟ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଖେଳାଳି ବର୍ଗରେ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ ପ୍ରଥମ ଓ ହେମନ୍ତ କୁମାର ପାଣିଗ୍ରାହୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ କାଞ୍ଚନ ବାଲା ସାହୁ ଓ ମଧୁସ୍ମିତା ସାହୁ ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ସମ୍ଭବ ଥାପା, ସୟଙ୍ଗ ସମ୍ପୂର୍ଣ୍ଣ ପାତ୍ର, ସ୍ୱୟଂସୁ ନାୟକ, ଭୂମେଶ କୁମାର ସାହୁ, ଶୁଭଶ୍ରୀ ବେହେରା, ଅଂଶୀକା ଦଣ୍ଡସେନା, ଦେବଂଶୀ ସେଠି ଓ ଶ୍ରୀଜେଶ ସତ୍ୟରଞ୍ଜନ ପୁରସ୍କୃତ ହୋଇଥିଲେ।

# ପୁରୁଷ ବନ୍ଧୁଙ୍କୁ ଗିରଫକଲା ପୋଲିସ

## ଭିସୁଟ୍ ଛାତ୍ରୀ ଚିନ୍ମୟୀ ଆତ୍ମହତ୍ୟା ମାମଲା

ସମ୍ବଲପୁର,୩୧।୩
(ପ୍ରମୋଦ ବହିଦାର)

ଭିସୁଟ୍ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ଆତ୍ମହତ୍ୟା ମାମଲାରେ ସୋମବାର ବୁର୍ଲା ପୋଲିସ ତାଙ୍କ ପୁରୁଷ ବନ୍ଧୁ ପ୍ରୀତିମାନ ଦେ(୨୭)ଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ୨୦୨୩ରେ ବୁର୍ଲା ଥାନାରେ ଦଫା ୩୦୬ରେ ରୁଜୁ ମାମଲା(ନଂ.୯୬/୨୩)ଅନୁଯାୟୀ ପ୍ରୀତିମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ୨୦୨୩ ଫେବୃଆରୀ ୨୮ ତାରିଖ ଭିସୁଟ୍‌ରେ ସମାବର୍ତ୍ତନ ଉତ୍ସବ ଉପଲକ୍ଷେ ଜାରି ରହିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ରାତି ପ୍ରାୟ ୯ଟାରେ ଚିନ୍ମୟୀ ପାୱାର ଚ୍ୟାନେଲକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସେ ତାଙ୍କ ପୁରୁଷ ବନ୍ଧୁ ପ୍ରୀତିମାନଙ୍କ ସହ ବୁର୍ଲା ପାୱାର ଚ୍ୟାନେଲ ବ୍ରିଜ୍‌କୁ ବୁଲିବାକୁ ଯାଇଥିଲେ। ଏହି ସମୟରେ କୌଣସି କଥାରେ ବ୍ୟଥିତ ହୋଇ ସେ ଆତ୍ମହତ୍ୟା କରିଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ଚିନ୍ମୟୀଙ୍କ ମା' ତାଙ୍କ ମୃତ୍ୟୁ ପାଇଁ ପ୍ରୀତିମାନଙ୍କୁ ଦାୟୀ କରିଥିଲେ। ତେବେ ଏହି ଘଟଣାକୁ ନେଇ ପୋଲିସ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ପରିବାର ଲୋକ ଅସନ୍ତୋଷ ପ୍ରକାଶ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ହାଇକୋର୍ଟ ଏହି ଘଟଣାର ପୁନଃ ତଦନ୍ତ ପାଇଁ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଏହି ମାମଲାର ତଦନ୍ତ ୨ମାସ ମଧ୍ୟରେ ଶେଷ କରିବାକୁ କହିଥିଲେ। ଉକ୍ତ ମାମଲାର ପୁନଃ ଖୋଳତାଡ଼ ଆରମ୍ଭ ହୋଇ କେନ୍ଦ୍ରୀୟ ଫରେନସିକ୍ ଲାବରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍) ପକ୍ଷରୁ ଗତ ଫେବୃଆରୀରେ ମୃତା ଛାତ୍ରୀ ଚିନ୍ମୟୀଙ୍କ ପୁରୁଷ ବନ୍ଧୁ ପ୍ରୀତିମାନଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହୋଇଥିଲା। ଏସ୍‌ଏଫ୍‌ଏସ୍‌ଏଲ୍ ପକ୍ଷରୁ ଲାଏ ଡିଟେକ୍ସନ ଟେଷ୍ଟ ରିପୋର୍ଟକୁ ଏକ ବନ୍ଦ ଲଫାପାରେ ସମ୍ବଲପୁର ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସେହି ଅନୁସାର ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ପଚାରଉଚରା ପାଇଁ ବୁର୍ଲା ପୋଲିସ ପକ୍ଷରୁ ପ୍ରୀତିମାନଙ୍କୁ ବୁର୍ଲା ଡକାଯାଇଥିଲା। ସେ ଭୁବନେଶ୍ୱରରୁ ଆସି ସୋମବାର ବୁର୍ଲା ଥାନାରେ ପହଞ୍ଚିଲା ପରେ ପୋଲିସ ବିଭିନ୍ନ ତଥ୍ୟ ପ୍ରମାଣ ଆଧାରରେ ପ୍ରୀତିମାନଙ୍କୁ ଗିରଫ କରିଥିଲା। ଏ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି, ଏଥିରେ ଆଉ କିଏ ଅଛନ୍ତି ଜଣା ପଡ଼ି ନ ଥିଲେ ମଧ୍ୟ ତାଙ୍କ ପୁରୁଷବନ୍ଧୁ ପ୍ରୀତିମାନ ଦାୟୀ ବୋଲି ପ୍ରମାଣିତ ହୋଇଛି। ତେଣୁ ତାଙ୍କୁ ଗିରଫ କରାଯାଇଛି। ପରେ ତାଙ୍କୁ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।


ଗିରଫ ପ୍ରୀତିମାନ ଦେ।

# ଏପ୍ରିଲ ୨୧ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ସମ୍ବଲପୁର,୩୧।୩
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଆସନ୍ତା ଏପ୍ରିଲ ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ। ଏଥିପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ସୋମବାର ପ୍ରସ୍ତୁତି ତଦାରଖ କରାଯାଇଛି। ରାଜସ୍ୱ ମନ୍ତ୍ରୀ ପୂଜାରୀ ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ମିଶି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପାଇଁ ସ୍ଥାନ ନିରୂପଣ କରିଥିଲେ। ଏଥିପାଇଁ ମନ୍ତ୍ରୀ ଅଧିକାରୀଙ୍କ ସହ ଦୁର୍ଗାପାଲି ସ୍ଥିତ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ସହ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟ ବୁଲି ଦେଖିଥିଲେ। ଏହା ସହ ସନ୍ଧ୍ୟାରେ ସର୍କିଟ ହାଉସରେ ସମୀକ୍ଷା ବୈଠକ କରିଥିଲେ। ବୈଠକ ପରେ ପୂଜାରୀ କହିଛନ୍ତି, ପ୍ରଥମ ଥର ଓଡ଼ିଶା ଇତିହାସରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବାହାରେ ଅଭିଯୋଗ ଶୁଣାଣୀ କରିବାକୁ ଯାଉଛନ୍ତି । ତାଙ୍କ ସହିତ ସାତରୁ ଆଠ ଜଣ ମନ୍ତ୍ରୀ ଏବଂ ବିଭାଗୀୟ ଶାସନ ସଚିବମାନେ ମଧ୍ୟ ଶୁଣାଣିରେ ସାମିଲ ହେବେ। ଯେହେତୁ ଗ୍ରୀଷ୍ମ ପ୍ରବାହ ଚାଲିଛି ତେଣୁ ନିରାପଦରେ କେମିତି ଲୋକେ ନିଜର ଅଭିଯୋଗ ଜଣାଇ ପାରିବ ସେ ନେଇ ଅଧିକାରୀ ମାନଙ୍କୁ ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପୂଜାରୀ କହିଛନ୍ତି। ଶୁଣାଣିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଲୋକେ ସାମିଲ ହେବାର ଆଶା କରାଯାଉଛି। ତେଣୁ ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି କେଉଁଠି ଅଭିଯୋଗ ଶୁଣାଣି କରାଯିବ ତାହା ସ୍ଥିର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ବଲପୁର ପରେ ବ୍ରହ୍ମପୁର ଏବଂ କେନ୍ଦୁଝରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କରାଯିବ ଏବଂ ପର୍ଯ୍ୟାକ୍ରମେ ରାଜ୍ୟ ସମସ୍ତ ୩୦ ଜିଲାରେ ଏଭଳି ଶୁଣାଣି କରାଯିବ ବୋଲି ସେ କହିଛନ୍ତି ।


ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ସହ ଉପସ୍ଥିତ ଅଧିକାରୀମାନେ।

# ମୋଟରସାଇକେଲ ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ଖଡ଼ିଆଲ,୩୧।୩
(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ଥାନା ଅନ୍ତର୍ଗତ ମଣ୍ଡୋସିଲ ପଞ୍ଚାୟତ ଚଚରାଭଟା ଗ୍ରାମରେ ମୋଟରସାଇକେଲ ଚୋରି ଘଟଣାରେ ୩ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଯେ, ଚଚରାଭଟା ଗ୍ରାମର ନୀଳକଣ୍ଠ ପଣ୍ଡାଙ୍କ ବାଇକ୍ (ନଂ.ଓଡି୨୬ବି–୨୩୨୧)ଗ ତ ୨୮ ତାରିଖ ରାତ୍ରିରେ ୩ଜଣ ଚୋରି କରି ନେଉଥିଲେ। ଗ୍ରାମବାସୀଙ୍କ ସେମାନଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ୩ଯୁବକ ନରୋତ୍ତମ ପାନ (୨୭), ନରେଶ ମାଝି (୧୯), ସୌରଭ ମହାନନ୍ଦ (୨୪)ଙ୍କୁ ଗିରଫ କରିଥିଲା। ପୋଲିସ ଏକ ମାମଲା (ନଂ.୯୮/୨୫) ରୁଜୁ କରି ସୋମବାର କୋର୍ଟ ଚାଲାଣ କରିଛି।

# ହାଇୱା ପଛରେ ପିଟିଲା ବାଇକ୍: ଜଣେ ମୃତ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଲାଞ୍ଜିଗଡ,୩୧।୩( ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡରୁ ମୁନିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବେଦାନ୍ତ କାରଖାନା ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ହାଇୱା ପଛରେ ବାଇକ୍ ପିଟି ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ହେଲେ ବେଦାନ୍ତ ଲିମିଟେଡରେ କାର୍ଯ୍ୟରତ କର୍ମଚାରୀ ପବିତ୍ର ମାଝୀ (୩୫)। ଏନେଇ ଲାଞ୍ଜିଗଡ ଥାନାରେ କେସ ନଂ. ୩୫/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଉକ୍ତ ପରିବାର ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ଲାଞ୍ଜିଗଡର ମୁନିଗୁଡା ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଛି। ଖବର ଲେଖା ହେବା ସୁଦ୍ଧା ରାସ୍ତା ରୋକୋ ଜାରି ରହିଛି। ସୂଚନାନୁସାରେ, ପବିତ୍ର କାରଖାନାର ମେଟେରିଆଲ ଗେଟରୁ ମୁଖ୍ୟ ଫାଟକ ଆଡେ ବାଇକ୍ ଯୋଗେ ଆସୁଥିବା ବେଳେ ରାସ୍ତା କଡରେ ଠିଆ ହୋଇଥିବା ଏକ ହାଇୱାକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

DADLS-08



ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
ସ୍ଥାନ–ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର–କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୋସ, ବିଧାୟିକା, ବାରବାଟୀ–କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍, ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ଗରିମାମୟ ଉପସ୍ଥିତି –
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ମୁଖ୍ୟବକ୍ତା –
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ ।
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/0488/2425

# ଅବହେଳିତ ପର୍ଯ୍ୟଟନ, ଶିଳ୍ପକୁ ଅପେକ୍ଷା

## ସୁବର୍ଣ୍ଣପୁର ଜିଲ୍ଲାକୁ ୩୨ ବର୍ଷ ପୂରିଲା

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲ୍ଲାକୁ ପୂରିଲା ୩୨ବର୍ଷ। ୧୯୯୩ ମସିହା ଏପ୍ରିଲ ୧ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସୋନପୁରକୁ ସୁବର୍ଣ୍ଣପୁର ଜିଲା ଭାବେ ଘୋଷଣା କରିଥିଲେ। ଜିଲା ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସେ କହିଥିଲେ, ମୁଁ ସୋନପୁରକୁ ସୁବର୍ଣ୍ଣପୁର କରିଦେଲି। ଏବେ ଏହି ଜିଲାର ଉନ୍ନତି ଆପଣଙ୍କ ହାତରେ। ସେଦିନର ଅଭିଭାଷଣ ଆଜି ବି ଜିଲାବାସୀଙ୍କ କାନରେ ଗୁଞ୍ଜରିତ ହେଉଛି।

ବଲାଙ୍ଗୀର ଜିଲାରୁ ଅଲଗା ହୋଇ ସୁବର୍ଣ୍ଣପୁର ଜିଲା ମାନ୍ୟତା ପାଇବାକୁ ୩୨ବର୍ଷ ହୋଇଗଲା। ଏହା ଭିତରେ ଜିଲାରେ ଅନେକ କିଛି ବଦଳିଛି। ଦୀର୍ଘ ଦଶନ୍ଧୀର ଅପେକ୍ଷା ପରେ ଗତବର୍ଷ ସୁବର୍ଣ୍ଣପୁର ରେଳ ମାନଚିତ୍ରରେ ସ୍ଥାନ ପାଇଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବଲାଙ୍ଗୀର ପଟୁ ସୋନପୁର ପର୍ଯ୍ୟନ୍ତ ରେଳପଥ ଓ ରେଳ ଷ୍ଟେଶନ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ମୋଟ ୪ଟି ଟ୍ରେନ୍ ବଲାଙ୍ଗୀର, ଭୁବନେଶ୍ୱର ଓ ପୁରୀକୁ ଯାତାୟାତ କରୁଛି। ସୁବର୍ଣ୍ଣପୁରର ପାଟଶାଢୀ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ନୂଆ ଜିଲା ହେବା ପରେ କେବଳ ଭିତ୍ତିଭୂମିରେ କିଛିଟା ବିକାଶ ହୋଇଥିବା ବେଳେ ଅନେକ କାମ ଅଧୁରା ହୋଇ ରହିଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ଶିଳ୍ପାନୁଷ୍ଠାନ ସ୍ଥାପନ ହୋଇପାରିନାହିଁ। ଯଦ୍ୱାରା ବେକାର ଯୁବତୀ ଯୁବକମାନେ ବାହାରକୁ ଚାକିରି ଅନ୍ୱେଷଣରେ ଯାଉଛନ୍ତି। କିନ୍ତୁ ଆଜି ବି ଜିଲାରେ ଶିଳ୍ପ, କୃଷିଭିତ୍ତିକ ଶିଳ୍ପ ଓ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ଅପେକ୍ଷାରେ ରହିଛନ୍ତି ଜିଲାବାସୀ।

୧୯୮୨ ମସିହାରେ ଏଠାରେ ସ୍ପିନିଂ ମିଲ୍ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ହଜାରେରୁ ଅଧିକ ଲୋକ ମିଲ୍‌ରେ ନିଯୁକ୍ତି ପାଇଥିଲେ। ହେଲେ ଏବେ ଏହା ରୁଗ୍‌ଣ ଅବସ୍ଥାରେ ରହିଛି। ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା। ଏଠାରେ ଫଳ ଓ ପନିପରିବା ଉତ୍ପାଦନ ହେଉଥିବା ବେଳେ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନାହିଁ। ଜିଲାରେ ସରକାରୀ ପଲିଟେକନିକ, ଆଇଟିଆଇ, ଆଦି ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ଖୋଲିଛି। ପ୍ରତିବର୍ଷ ଶତାଧିକ ଯୁବତୀଯୁବକ ପାସ୍ କରୁଛନ୍ତି। କିନ୍ତୁ ଜିଲାରେ ଶିଳ୍ପ ପ୍ରତିଷ୍ଠାନ ନଥିବାରୁ ନିଯୁକ୍ତି ସୁଯୋଗ ପାଉନାହାନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଜିଲା ବହୁ ପଛରେ ପଡିଛି। ଜିଲାର ବିକାଶ ନେଇ ଅନେକ ସମ୍ଭାବନା ଥିଲେ ହେଁ ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇପାରିନି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। କିନ୍ତୁ ଜଳସେଚନ ପ୍ରକଳ୍ପ ଓ ପର୍ଯ୍ୟଟନର ଭିତ୍ତିଭୂମି ସବୁ ଅସମ୍ପୂର୍ଣ୍ଣ ଏବଂ ଅସଜଡା ରହିଛି। ପର୍ଯ୍ୟଟନସ୍ଥଳୀଗୁଡିକରେ ପର୍ଯ୍ୟଟକଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ଜିଲା ଦେଇ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀ ଓ ନିବୃତ୍ତି ଯୋର ପ୍ରବାହିତ ହେଉଛି। ଏଥି ସହ ହରିହରଯୋର ଡ୍ୟାମ୍ ଭଳି ମଧ୍ୟମ ଜଳସେଚନ ପ୍ରକଳ୍ପ ଅଛି। ମାତ୍ର ସେ ତୁଳନାରେ ଜିଲାର ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଜଳସେଚନର ବିକାଶ ହୋଇପାରିନାହିଁ। ମହାନଦୀ ଓ ତେଲନଦୀ କୂଳରେ ମେଗା ଉଠାଜଳସେଚନ ପ୍ରକଳ୍ପ ଲୋକଙ୍କ କାମରେ ଆସୁନି। ସୁବର୍ଣ୍ଣପୁର ସହରକୁ ବନ୍ୟା ଦାଉରୁ ରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରିଂରୋଡ ନିର୍ମାଣ ଆରମ୍ଭ ହୋଇଥିଲା। ୧୪ ବର୍ଷ ପରେ ବି ତାହା ସରିନାହିଁ। ସୋନପୁର ବ୍ଲକର ୯ଟି ପଞ୍ଚାୟତର ଚାଷ ଜମିକୁ ଜଳସେଚନ ପାଇଁ ଅଙ୍ଗ କେନାଲ ସମ୍ପ୍ରସାରଣ ଯୋଜନା ୨୦୦୬ରେ ଶୁଭାରମ୍ଭ ହୋଇଥିଲା। ତେବେ ୧୯ ବର୍ଷ ପରେ ବି କାମ ସରିନାହିଁ। ସୋନପୁର ରାଜପ୍ରାସାଦ ସମେତ ପୁରାତନ ମଠ, ମନ୍ଦିରଗୁଡିକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉନାହିଁ। ପାତାଳି ଶ୍ରୀକ୍ଷେତ୍ରର ବିକାଶ ହୋଇପାରିନି। ରୋପୱେ ନିର୍ମାଣ କେବଳ ଶିଳାନ୍ୟାସରେ ଅଟକି ଗଲା। ମହାନଦୀର ଗୋଧନେଶ୍ୱର ଓ ଖଇରମାଳ ଠାରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ଗତ ୨୦୨୪ ଜାନୁୟାରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଦ୍ୱୟର ଏଷ୍ଟିମେଟ୍ ପ୍ରସ୍ତୁତ ହୋଇନାହିଁ। ଜିଲାରେ ଭିଜିଲାନ୍ସ କୋର୍ଟ ଏ ପର୍ଯ୍ୟନ୍ତ ଖୋଲି ନାହିଁ। ସ୍ୱାସ୍ଥ୍ୟ ବିଭାଗର ଅନେକଗୁଡିଏ ପଦବୀଖାଲି ପଡିଛି। ଏକାଧିକ ଥର ଶିଳାନ୍ୟାସ ପରେ ମଧ୍ୟ ଜିଲା ସଦର ମହକୁମାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରିନାହିଁ। ସୋନପୁର କଲେଜକୁ ସ୍ୱୟଂଶାସିତ କରିବା ଦୂରର କଥା ଏ ପର୍ଯ୍ୟନ୍ତ ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିନାହିଁ। ତେଣୁ ଦୀଘ ବର୍ଷ ପରେ ବି ଜିଲାର ବିକାଶ ସ୍ୱପ୍ନ ହୋଇ ରହିଛି ବୋଲି ଜିଲାବାସୀ ମତ ଦେଇଛନ୍ତି।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ।

# ନକୁଆନାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିବୃନ୍ଦ।

ବଘିଆପଡା,୩୧।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ନକୁଆନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବନ୍ଧାପଥର ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀନିବାସ ମିଶ୍ର, ଗୌତମ କୁମାର ପ୍ରଧାନ, ଶିକ୍ଷା କମିଟିର ସଭାପତି ଅତିଶିଳ ପ୍ରଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅତିଥିମାନେ କହିଥିଲେ, ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା । ଯେଉଁଠାରେ ଭଲ ମଣିଷ ଗଢାଯାଏ । କୁନି କୁନି ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ପିତା ,ମାତା ଓ ଗୁରୁମାନଙ୍କ ଉପରେ ନିର୍ଭର କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ଝାରକୁମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଗୋପାଳ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚକାବର କ୍ଲଷ୍ଟର ସିଆରସିସି ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଲତା ପଣ୍ଡା ଝାରକୁମୁଣ୍ଡା ସ୍କୁଲରେ ୨୦୦୫ରେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ । ୨୦୧୨ରୁ ସେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରି ଦୀର୍ଘ ୨୦ ବର୍ଷ ଧରି ଗୋଟିଏ ସ୍କୁଲରେ କାର୍ଯ୍ୟ କରିଛନ୍ତି। ଏଣୁ ତାଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ସଞ୍ଜୀବ କୁମାର ମେହେର ଓ ସ୍କୁଲର ପାଚିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

## ବିଜୁ ପଟ୍ଟନାୟକ ମହିଳା କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ସଭାରେ କଲେଜର ଅଧ୍ୟକ୍ଷା ରୀତାରାଣୀ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ସଂସ୍କୃତ ଅଧ୍ୟାପିକା ସଞ୍ଜୁରାଣୀ ସିଂ ଯୋଗଦେଇ ସାମ୍ପ୍ରତିକ ସମୟରେ ଆତ୍ମରକ୍ଷା ଶିବିରର ଉପଯୋଗିତା ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଇତିହାସ ଅଧ୍ୟାପିକା ରଞ୍ଜିତା ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ। ଓଡ଼ିଆ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ତାଲିମ ଶିବିର ଉଦ୍‌ଘାଟନୀ ସଭାରେ କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଓ ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ମୁଖ୍ୟବକ୍ତାଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷିକା ଶୁଭଶ୍ରୀ ଶୁଭ୍ରସ୍ମିତା ଦାସ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ଅଧ୍ୟକ୍ଷା ମାନପତ୍ର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷୟତ୍ରୀ ପ୍ରଭାସିନୀ ରଥ ଓ ମୁଖ୍ୟ କିରାଣୀ ଚେରବୁଇ ହୋତା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉପଦେଷ୍ଟା ତଥା ରସାୟନ ବିଜ୍ଞାନ ଅଧ୍ୟାପିକା ମୀତାଶ୍ରୀ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଆରତୀ ହୋତା, ସୁବର୍ଣ୍ଣ ରଥ, ମାଧବୀ ବାଗ, କୁନି ବାଗ ଓ ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ବୌଦ୍ଧ ବିଜେଡି ନିର୍ବାଚନମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ

ହରଭଙ୍ଗା,୩୧।୩(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ବିଜେଡିର ନିର୍ବାଚନମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ବାମଣ୍ଡା ମେଗା ନର୍ସରୀଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଆଇନଜୀବୀ ଧୂରୀଣ କୁମାର ଦେହୁରୀ ଅଧ୍ୟକ୍ଷତା କରିଥିଲେ । ବୈଠକରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିସିସିବି ସଭାପତି ଅରୁଣ କୁମାର ପ୍ରଧାନ, ଆଇନଜୀବୀ ଅଶୋକ କୁମାର ସାହୁ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ବସନ୍ତ ସ୍ୱାଇଁ, ପ୍ରଭାତ ପ୍ରଧାନ, ଅବକାଶ ସାହୁ, ପ୍ରତିଭା ସାହୁ, ପ୍ରଦିପ୍ତ ସାହୁ, ଫଣୁ ରଣବିଡା, ଯୋଗେଶ୍ୱର ମହାକୁଡ ଯୋଗଦେଇ ବୌଦ୍ଧ ଗଡଜାତର ଗଣପର୍ବ ରାମଲୀଳାକୁ ନେଇ ଭାଜପା ଚଳାଇଥିବା ହୀନ ଚକ୍ରାନ୍ତକୁ ନିନ୍ଦା କରିଥିଲେ । ବୌଦ୍ଧରେ ପୂର୍ବ ସରକାର ଅମଳରେ ୩୦୦ ଶଯ୍ୟା ବିଶିଷ୍ଟ ମେଡିକାଲର ଗୃହ କାମ ସରିଥିବା ବେଳେ ବର୍ତ୍ତମାନ ଭାଜପା ସରକାର କ୍ଷମତାକୁ ଆସିବା ପରେ କେବଳ ମେଡିକାଲର ରଙ୍ଗ ବଦଳାଇ ଚୁପ ହୋଇ ବସିଥିବା ନେତାମାନେ ଅଭିଯୋଗ କରିଥିଲେ । ଏହାସହ ୩୦୦ଶହ ୟୁନିଟ ମାଗଣା ବିଜୁଳି ଏକ ପ୍ରହସନ ବୋଲି ମତ ଦେଇଥିଲେ । ଆଗାମୀ ଦିନରେ ଦଳ ଭାଜପାର ବିଫଳତା ନେଇ ଲୋକଙ୍କ ପାଖକୁ ଯିବ ବୋଲି ନେତାମାନେ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ପ୍ରଧାନ, ସନ୍ତୋଷ ଦାସ, ରବି ପ୍ରଧାନ, କଷ୍ଣ ସେଠୀ, ଅଶ୍ୱିନୀ ପ୍ରଧାନ, ଜ୍ୟୋତିରଞ୍ଜନ ସାହୁ, ସଞ୍ଜୟ ଦେହୁରୀ , ଅମ୍ରିତ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଯୋଗ ଦେଇଥିଲେ ।



ବୈଠକରେ ଯୋଗଦେଇଥିବା ଦଳୀୟ ନେତା ଓ ଅନ୍ୟମାନେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ଦିବସ ପାଳିତ

ବୌଦ୍ଧ,୩୧।୩(ଅଜିତ କୁମାର ବାରିକ)

ସୋମବାରବୌଦ୍ଧଜିଲାଟାଉନହଲଠାରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ଦିବସ ପାଳିତ ହୋଇଛି । ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଯୋଗ ଦେଇଥିଲେ । ଜିଲା କିନ୍ନର ସଂଘର ସଭାପତି ଦୀପିକା କିନ୍ନର ମଞ୍ଚାସୀନ ଥିଲେ । ତୃତୀୟ ଲିଙ୍ଗୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବା ନେଇ ଏହି ଦିବସ ପାଳନ କରାଯାଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ରାଣୀ କିନ୍ନର ଓ ସୁନିତା କିନ୍ନର ସେମାନଙ୍କ ସମସ୍ୟା ଉପରେ ମତବ୍ୟକ୍ତ କରିବା ସହ ମିଳୁଥିବା ନିର୍ଯ୍ୟାତନା ଉପରେ କହିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାରେ ୮ ଜଣ କିନ୍ନରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥି ଓ କିନ୍ନରମାନେ।

# ବୁରୋଘାଟ ଜଳଯୋଗାଣ ପ୍ରକଳ୍ପରୁ ଚୋରି

## ଜଳଯୋଗାଣ ବନ୍ଦ, ପୋଲିସର ତଦନ୍ତ

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ବୁରୋଘାଟରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ସାମଗ୍ରୀ ଚୋରି ହୋଇଛି। ଫଳରେ ୩ ଗ୍ରାମକୁ ଜଳଯୋଗାଣ ବନ୍ଦ ରହିଛି। ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ଶନିବାର ରାତିରେ କେନ୍ଦୁପାଲି, ଲୁମୁରକୋନା ଓ ବୁରୋଘାଟର ପ୍ରାୟ ୬୫୦୦ ଜନସଂଖ୍ୟା ବିଶିଷ୍ଟ ଲୋକଙ୍କ ପାଇଁ ନିର୍ମିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାଣି ମୋଟର, କେବୁଲ ଏବଂ ବିଭିନ୍ନ ଯନ୍ତ୍ରାଂଶ ଚୋରି ହୋଇଯାଇଛି। ଏ ନେଇ ଜଳ ଯୋଗାଣ ଦାୟିତ୍ୱରେ ଥିବା ଏସସିଏମ ବାଗବର୍ ସରପଞ୍ଚଙ୍କୁ ଜଣେଇଥିଲେ। ପରେ ସରପଞ୍ଚ ନିରୂପମା ବଗର୍ତ୍ତି ଥାନାରେ ଲିଖିତ ଅଭିଯୋଗ କରିବା ସହ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ ହାଁସଦାଙ୍କୁ ଚୋରି ସମ୍ପର୍କରେ ଅବଗତ କରିଛନ୍ତି । ଏବେ ଗ୍ରୀଷ୍ମ ଋତୁରେ ବିଭିନ୍ନ ଜଳାଶୟ ସହିତ ଚିରସ୍ରୋତା ମହାନଦୀରୁ ଜଳ ପ୍ରବାହ ହ୍ରାସ ପାଇଛି। ଏଭଳି ସମୟରେ ଜଳଯୋଗାଣ ପ୍ରକଳ୍ପରୁ ଚୋରି ଯୋଗୁଁ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତ।

# ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ଉଗାଦି ପାଳିତ

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)

ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ଋଦ୍ଧିମନ୍ତ କରି ରଖିଥିବା ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ତେଲଗୁ ନବବର୍ଷ ଉଗାଦି ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ସହର ଢେରାପଡାଠାରେ ତେଲୁଗୁ ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ଏହାକୁ ପାଳନ କରାଯାଇଥିଲା। ଦେଶ ତଥା ମାନବ ଜାତିର ମଙ୍ଗଳ ପାଇଁ ଏହି ଅବସରରେ ସଂକଳ୍ପ ନିଆଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି, ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗିତା ତଥା ବୌଦ୍ଧିକ ଆଲୋଚନାଚକ୍ର ସହ ବିଚାର ବିମର୍ଶ କରାଯାଇଥିଲା। ବୁଢ଼ିମା ଯୁବକ ସଂଘ ସଭାପତି ଦିଲ୍ଲୀପ ପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସୋନପୁର ଉପଜିଲାପାଳ ଡ.ସୋମ୍ୟରୂପା ରଥ ଯୋଗଦେଇ ଆଜିକାର ଏହି ପବିତ୍ର ଦିନରେ ତେଲୁଗୁ ନବବର୍ଷ ଉଗାଦି ପାଳନ ଏକ ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ସୂଚାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଡ. ଆର୍ତ୍ତତ୍ରାଣ ବାବୁ ଓ ବରିଷ୍ଠ ଆଇନଜୀବୀ ପ୍ରଦୀପ ପୁରୋହିତ ଯୋଗଦେଇ ରୋପଡାରେ ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ଉଗାଦୀ ପର୍ବ ପାଳନ ପାଇଁ ଯେଉଁ ଉତ୍ସାହର ରହିଛି ତାହା ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମତପ୍ରକାଶ କରିଥିଲେ। ନୃତ୍ୟ ପ୍ରତିଯୋଗିତା ଜୁନିୟର ବର୍ଗରେ କେ . ଆରାଧା ଅଂଶିକା, ବି.ସଞ୍ଜନା ଓ ବି.ଦିକ୍ଷିତା ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇଥିବା ବେଳେ ସିନିଅର ବିଭାଗରେ କେ. ସାଇସରଣ୍ୟା, ଅନିମେଶ, ଅନିକେତ ଓ ଶ୍ୱେତା ତନୁଜା। ମ୍ୟୁଜିକ ଚେୟାର ବାଳକ ବିଭଗରେ ଟି.ସାଇ ରାଓ, ଆଦିତ୍ୟ ପାତ୍ର, ଏସ ଆୟୁଷ୍ମାନ। ବାଳିକା ବିଭାଗରେ ପୂଜା ପାତ୍ର, ଶ୍ୱେତା ପାତ୍ର, ବି .ପୂର୍ବା ଓ ଚିତ୍ରାଙ୍କନରେ ଅଦିତି ପାତ୍ର, ଆଦିତ୍ୟ ଓ ବିନାୟକ, ସେହିପରି ରଙ୍ଗୋଲିରେ ସ୍ୱାତୀ ପାତ୍ର, ବି.ଐଶ୍ୟା ପ୍ରିୟଦର୍ଶନୀ ଓ ବି.ସଞ୍ଜନା ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିଙ୍କ ଦାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଜୟ ପାତ୍ର, ବି. ସତ୍ୟ ନାରାୟଣ ରାଓ, ଶ୍ୟାମ ସୁନ୍ଦର ପାତ୍ର ଓ ଅରକ୍ଷିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ତେଲୁଗୁ ନବବର୍ଷ ଉଗାଦିରେ ଉପଜିଲାପାଳ ବକ୍ତବ୍ୟ ପ୍ରଦନ କରୁଛନ୍ତି।

# ଅନିଲ ବ୍ଲାଷ୍ଟରକୁ ହରାଇ ଜେଏସ୍‌ସି ଷ୍ଟାର ଚାମ୍ପିୟନ

## ମହଦା ପ୍ରିମିୟର୍ ଲିଗ୍ କ୍ରିକେଟ

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ଖେଳ ପଡିଆରେ ଚାଲିଥିବା ମହଦା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନିଲ ବ୍ଲାଷ୍ଟରକୁ ହରାଇ ଜେଏସସି ଷ୍ଟାର ଚାମ୍ପିୟନ ହୋଇଛ। ପ୍ରଥମେ ବ୍ୟାଟିଂ କରି ଅନିଲ ବ୍ଲାଷ୍ଟର ୧୦ ଓଭରରେ ୪ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ଜେଏସସି ଷ୍ଟାର ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ଖେଳକୁ ଦୀପକ ବଡ଼ମାଲି ଏବଂ ସତ୍ୟ ହାତୀ ପରିଚାଳନା କରିଥିଲେ। ଜିତୁ କର୍ମୀ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ସନାତନ ପାଢ଼ି ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୁବନେତା କୃତ୍ତିବାସ ମିଶ୍ର, ପ୍ରତାପ ଶତପଥୀ, କେଶବ ସାହୁ ଓ ତରଣୀ ମହଲା ଯୋଗଦେଇ ବିଜେତା ଜେଏସସି ଷ୍ଟାରକୁ ଏବଂ ଉପବିଜେତା ଅନିଲ ବ୍ଲାଷ୍ଟର ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥି ବୃନ୍ଦ ଚାମ୍ପିୟନ ଟିମକୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌କୁ ପଥର ମାଡ଼, ଜଣେ ଗିରଫ

**ରାଉରକେଲା/ବନ୍ଧମୁଣ୍ଡା,୩୧।୩ (ସଙ୍ଗୀତା ଜେନା/ସୁବ୍ରତ ଦେ):** ରବିବାର ଅପରାହ୍ଣ ୫ଟାରେ ଚକ୍ରଧରପୁରରୁ ରାଉରକେଲା ଅଭିମୁଖେ ଆସୁଥିବା ଏକ ଟ୍ରେନର ଲୋକୋମୋଟିଭ୍‌କୁ କେହି ପଥର ଫିଙ୍ଗିଥିଲେ। ଫଳରେ ଲୋକୋମୋଟିଭ୍ କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ରେଳବାଇ ସୁରକ୍ଷା ବଳ ତଦନ୍ତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓ କେର୍କେଟା(୪୪) ଏବଂ ସେ ବିଶ୍ରା ବିରକେରାର କୁକୁଡ଼ା ନିବାସୀ ଅଟନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୮/୨୫) ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୋମବାର ପୂର୍ବାହ୍ଣ ୧୧ଟାରେ ବନ୍ଧମୁଣ୍ଡାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରପିଏଫ୍ ଅଧିକାରୀ ଅରୁଣ କୁମାର ଓ ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ଏହି ସୂଚନା ଦେଇଛନ୍ତି। ଆର୍‌ପିଏଫ୍ ଅଧିକାରୀ କୁମାରଙ୍କ କହିବା ଅନୁସାରେ, ଲୋକୋମୋଟିଭ୍ (ନଂ.୨୮୫୬୫)କୁ ବନ୍ଧମୁଣ୍ଡା ନିକଟରେ କେହି ଦୁର୍ବୃତ୍ତ ପଥର ଫିଙ୍ଗିଥିଲେ। ଲୋକୋ ପାଇଲଟ୍ ଏ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ କରିଥିଲେ। ଫଟୋ ଓ ଭିଡ଼ିଓ ଉତ୍ତୋଳନ ପ୍ରମାଣ ଲୋକୋ ପାଇଲଟ୍ ଦେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଛି। ତେବେ କୁକୁଡ଼ା ଗେଟ୍ ନିକଟରେ ଗେଟ୍ ଅଧିକ ସମୟ ବନ୍ଦ ରହିଥିବା ଯୋଗୁ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ଏପରି କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି। ସନ୍ଧ୍ୟା ସାଢ଼େ ୮ଟାରେ ତାଙ୍କୁ ବିଶ୍ରା ମେନ୍ ରୋଡ ବନ୍ଧମୁଣ୍ଡା ମଙ୍ଗଳବଜାର ନିକଟରୁ ଧରାଯାଇଥିଲା ବୋଲି ଆର୍‌ପିଏଫ୍ ଅଧିକାରୀ କୁମାର କହିଥିଲେ।

### ଏପ୍ରିଲ ୨୭ରୁ ଉଦିତନଗର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରାଉରକେଲା ୩୧ ।୩(ଦିନେଶ ମିଶ୍ର):** ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଉଦିତନଗରସ୍ଥିତ ଶ୍ରୀଜଗନ୍ନାଥ ବାଟିକା ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆସନ୍ତା ଅପ୍ରେଲ ୨୭ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶେଷଦିନ ଅର୍ଥାତ୍ ଅକ୍ଷୟ ତୃତୀୟା ଦିନ ବିଗ୍ରହମାନଙ୍କ ପ୍ରତିଷ୍ଠା ହେବ ବୋଲି ରବିବାର ଉଦିତନଗର ପଞ୍ଚଦେବ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଦିତନଗର ଶ୍ରୀଜଗନ୍ନାଥ ବାଟିକା ପରିସରରେ ନବନିର୍ମିତ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ସହ ଶ୍ରୀ ମହାଲକ୍ଷ୍ମୀ, ମା' ବିମଳା, ଶ୍ରୀ ରାଧାକୃଷ୍ଣ, ଶ୍ରୀ ସୀତାରାମ, ଶ୍ରୀ କାଶୀବିଶ୍ୱନାଥ, ଶ୍ରୀ ପତିତପାବନ ଏବଂ ଶ୍ରୀ ଗଣପତିଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ଗଜପତି ମହାରାଜ ଦିବ୍ୟସିଂହ ଦେବ ବିଗ୍ରହମାନଙ୍କୁ ସିଂହାସନରେ ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ଚେୟାରମ୍ୟାନ ଦିଲ୍ଲୀପ କର, ସମ୍ପାଦକ ବିଜୟ କୁମାର ପ୍ରଧାନ, ଟ୍ରଷ୍ଟି ବ୍ରିଜମୋହନ ଅଗ୍ରୱାଲ, ଓମ୍‌ପ୍ରକାଶ ବାଘେଲା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ପୂଜକ ଦିନବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସାର୍ବଜନୀନ ଶୌଚାଳୟ ଦୟନୀୟ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ଉଦିତନଗରରେ ଥିବା ସବ୍‌ରେଜିଷ୍ଟ୍ରାର, ଉପଜିଲାପାଳ ଏବଂ ଯୋଗାଣ ବିଭାଗ ଅଫିସ ରହିଛି। ଏଠାକୁ ଦୈନିକ ଶହ ଶହ ଲୋକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଆସୁଛନ୍ତି। ମାତ୍ର ଏଠାରେ ଥିବା ଶୌଚାଳୟ ଅବସ୍ଥା ଦୟନୀୟ ହୋଇପଡିଥିବାରୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍‌ଏମ୍‌ସି ପକ୍ଷରୁ ୩ଲକ୍ଷ ଟଙ୍କା ବ୍ୟୟରେ ସବ୍‌ରେଜିଷ୍ଟ୍ରାର ଅଫିସ ସଂଲଗ୍ନରେ ଏକ ପରିସ୍ରାଗାର ନିର୍ମାଣ କରିବା ପାଇଁ ଜନୈକ ଠିକାଦାରଙ୍କୁ ଦାୟିତ୍ୱ ଦିଆଗଲା। ମାତ୍ର ଦୀର୍ଘଦିନ ପରେ ମଧ୍ୟ ପରିସ୍ରାଗାରର ଅନେକ ଆନୁସଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପରିସ୍ରାଗାରେ ଯେଉଁ ସବୁ ବ୍ୟବସ୍ଥା ହେବା କଥା ତାହା ନ ହୋଇ ଦୟନୀୟ ଅବସ୍ଥାରେ ହୋଇପଡିଛି। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନ ଦୁଇଟି ଶୌଚାଳୟ ଅବସ୍ଥା ମଧ୍ୟ ଅନୁରୂପ। ଏଣୁ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ପଚାରିବାରୁ ଆର୍‌ଏମ୍‌ସି ସହିତ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ସେ କହିଥିଲେ।




ସୋମବାର ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ରାଉରକେଲା ଉଦିତନଗର ପରିକ୍ରମା କରୁଛି।

## ଷ୍ଟିଲସିଟିରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ

**ରାଉରକେଲା,୩୧।୩(ସଙ୍ଗୀତା ଜେନା)**

ରାଉରକେଲାରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଉଦିତନଗର ଆଇଟିଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଟ୍ରାନ୍ସଜେଣ୍ଡର ସମାଜର ଜଣେ ଜଣେ ଅଭିନ୍ନ ଅଙ୍ଗ। ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ଦିଗରେ ସରକାର ଯତ୍ନବାନ ଅଛନ୍ତି। ସେମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେମାନେ ଏଥିରୁ ଉପକୃତ ହୋଇପାରିବେ ବୋଲି ନାୟକ କହିଥିଲେ। ସହାୟକ ଉପଜିଲାପାଳ ସାଧବୀ ଦେଉରିଆ, ସିଟି ସିଡ଼ିପିଓ ଦର୍ଶନୀ ଏକ୍କା, ସିଭିଲଟାଉନଶିପ୍ ସିଡ଼ିପିଓ ପ୍ରବୀଣା ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହା ପୂର୍ବରୁ ଟ୍ରାନ୍ସଜେଣ୍ଡରମାନଙ୍କୁ ନେଇ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଆମ୍ବେଡ଼କର ଛକ ଆଦି ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ଶହ ଶହ ଅଙ୍ଗନୱାଡି କର୍ମୀ ଓ ଟ୍ରାନ୍ସଜେଣ୍ଡର ଅଂଶଗ୍ରହଣ କରିଥିଲେ। ଟିଟିଏସ୍‌ଓ ମିନୁ ତାଣ୍ଡିଆ ଏହାକୁ ପରିଚାଳନା କରିଥିଲେ। ସିଟି ସୁପରଭାଇଜର ମୀନାକ୍ଷୀ ପଣ୍ଡା, ସୁଶୀଳା ତନ୍ତୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ବିସ୍ଥାପିତଙ୍କୁ ଜମି ଫେରସ୍ତ ଦାବି ତେଜିଲା

- ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବିରୋଧ
- ଫେରିଗଲେ ପ୍ରଶାସନିକ ଅଧିକାରୀ

**ରାଉରକେଲା,୩୧।୩(ସଙ୍ଗୀତା ଜେନା)**

ରାଉରକେଲଶ ମହାନଗର ନିଗମ ଝିରପାଣି ଥାନା ଅଧୀନ କୋଏଲନଗର ଅଞ୍ଚଳରେ ବିସ୍ଥାପିତମାନଙ୍କୁ ବଳକା ଜମି ଫେରସ୍ତ ଦାବି ଜୋର୍ ଧରିଛି। ଉକ୍ତ ଜମିରେ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସୋମବାର ପୂର୍ବାହ୍ଣ ୧୧ଟାରେ ପ୍ରଶାସନିକ ଅଧିକାରୀମାନେ ଉକ୍ତ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିବାବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁସାରେ, ୧୯୮୧ରେ ଇସ୍ପାତ ସହର ରାଉରକେଲାରେ କୋଏଲନଗର ନିର୍ମାଣ ସମୟରେ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଜମି ନେଇଥିଲେ। ଏହା ବଦଳରେ ଅନ୍ୟତ୍ର ଜମି ପ୍ରଦାନ ପାଇଁ ତତ୍କାଳୀନ ପ୍ରଶାସନ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। ପରେ ଏହି ବଳକା ଜମିଗୁଡ଼ିକ ରାଜ୍ୟ ସରକାରଙ୍କ ନିକଟକୁ ଆସିଥିଲା। ହେଲେ ପ୍ରତିଶୃତି ଅନୁଯାୟୀ ଏହି ଜମିଗୁଡିକୁ ସ୍ଥାନୀୟ ଲୋକଙ୍କୁ ଆଜି ପର୍ଯ୍ୟନ୍ତ ପ୍ରଦାନ କରାଗଲା ନାହିଁ। ଏ ନେଇ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇଛି। ଏପରିକି ୧୭୧ ଏକର ଜମି ସ୍ଥାନୀୟ ଲୋକଙ୍କୁ ଫେରସ୍ତ କରାଯିବ ବୋଲି ଆର୍‌ଡିସି ଲିଖିତ ଭାବେ ଜଣାଇଥିଲେ। ସୁପ୍ରିମକୋର୍ଟ ମଧ୍ୟ ଝିରପାଣି ରିସେଟେଲମେଣ୍ଟ କଲୋନି ନାମରେ ସ୍ଥାନୀୟ ଲୋକଙ୍କୁ ଜମି ପ୍ରଦାନ କରାଯାଉ ବୋଲି ସେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଜମି ପ୍ରଦାନ କରାଯାଇନାହିଁ। ଅନ୍ୟପକ୍ଷେ ଉକ୍ତ ଜମିରେ ପ୍ରଶଶସନ ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯାଉଛି।

ସୋମବାର ପୂର୍ବାହ୍ଣ ୧୧ଟାରେ କୋଏଲନଗର ଫୁଡ୍ କୋର୍ଟ ଶୌଚାଳୟ ଅପରପାର୍ଶ୍ୱରେ ରହିଥିବା ବଳକା ଜମି ଉପରେ ପ୍ରଶାସନିକ ଅଧିକାରୀମାନେ ନିର୍ମାଣ କାର୍ଯ୍ୟ କରିବାକୁ ପହଞ୍ଚିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ସେଠାକୁ ଯାଇ ବିରୋଧ କରିଥିଲେ। ବର୍ତ୍ତମାନ ଏହି ଜମିକୁ ନେଇ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାବେଳେ ଏପରି ନିର୍ମାଣ କାର୍ଯ୍ୟ ତଥା ମାପଚୁପ ହୋଇପାରିବ ନାହିଁ ବୋଲି ସେମାନେ କହିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲା। ସୁରା ଓରାମ, ହାଲୁ ମୁଣ୍ଡାରୀ, କୃଷ୍ଣ ତନ୍ତୀ, ଭିଖାରୀ ବାରିକ, ଶକ୍ତି ଲୋହାର, ପ୍ରସନ୍ନ ତିର୍କୀ, ଅଜିତ ତିର୍କୀ ପ୍ରମୁଖ ଅଞ୍ଚଳବାସୀ କାର୍ଯ୍ୟବନ୍ଦ କରିବାକୁ ଦାବି କରି ଥାନାଧିକାରୀ ପ୍ରଦୀପ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ନକଲ ନୂଆଦିଲ୍ଲୀସ୍ଥିତ ଜାତୀୟ ଅନୁସୂଚିତ ଜନଜାତି କମିଶନ, ସମ୍ବଲପୁର ରାଜସ୍ୱ ବିଭାଗୀୟ କମିଶନ, ସୁନ୍ଦରଗଡ଼ ଜିଲାପାଳ, ରାଉରକେଲା ଅତିରିକ୍ତ ଜିଲାପାଳ, ତହସିଲଦାର, ଏସ୍‌ପି, ଆର୍‌ଏସ୍‌ପି ଟାଉନ୍ ସର୍ଭିସେସ୍ ଜେନେରାଲ ମ୍ୟାନେଜର(ଇନ୍‌ଚାର୍ଜ)ଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଦୁଇପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ପରେ ପ୍ରଶାସନିକ ଅଧିକାରମାନେ ଫେରିଯାଇଥିଲେ। ତେବେ ବିସ୍ଥାପିତଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏଠାରେ ନୂତନ ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ମହାନଗର ନିଗମ, ଆର୍‌ଏସ୍‌ପି ପକ୍ଷରୁ ଏପରି ଅବ୍ୟବହୃତ ଜମି ଉପରେ ଏକାଧିକ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବ ରହିଛି। ତେବେ ବିସ୍ଥାପନ ଓ କ୍ଷତିଭରଣା ପ୍ରଦାନ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇ ନ ଥିବା ଯୋଗୁ ଆଜି ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକ କେବଳ କାଗଜକଲମରେ ସୀମିତ ରହିଛି।



ସରକାରୀ ଅଧିକାରୀ ଓ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

## ରାଉରକେଲାରେ ହେବ ରିଂରୋଡ୍, ଝୁଲାପୋଲ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ହେବ ୧୦୦କି.ମି ବିଶିଷ୍ଟ ରିଂରୋଡ୍। ଏହାଦ୍ୱାରା ରାଉରକେଲା ସହରକୁ ଚତୁଃପାର୍ଶ୍ୱରୁ ଯୋଡି ଏକ ବିକଶିତ ସୁଗମନାଗମନ ସହର ଭାବେ ଉଭା କରିବାର ଲକ୍ଷ୍ୟ ରହିଛି। ସେହିପରି ରାଉରକେଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ବେଦବ୍ୟାସ ପୀଠର ବ୍ରାହ୍ମଣୀ ନଦୀ ଉପରେ ୩୫କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଆକର୍ଷଣୀୟ ଝୁଲାପୋଲ ନିର୍ମାଣ କରାଯିବ। ଏହି ଝୁଲାପୋଲର ଚଲାପଥ ସମ୍ପୂର୍ଣ୍ଣ କାଚରେ ନିର୍ମିତ ହେବ। ପର୍ଯ୍ୟଟକମାନେ ଯାତ୍ରା କରିବା ସମୟରେ ବ୍ରାହ୍ମଣୀ ନଦୀର ଦୃଶ୍ୟପଟ୍ଟ ସ୍ପଷ୍ଟ ଭାବେ ଅବଲୋକନ କରିପାରିବେ। ଏହାର ଭିତିପ୍ରସ୍ତର ସ୍ଥାପନ ମେ ମାସରେ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ରାଉରକେଲାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଘୋଷଣା କରିଛନ୍ତି।

## ଗ୍ରାମସଭା, ପଥପ୍ରାନ୍ତ ନାଟକରେ ସଚେତନତା




ଗ୍ରାମସଭାରେ ମଞ୍ଚାସୀନ ଅତିଥି ।

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

### ଆର୍‌ଏସ୍‌ପିର ସ୍ୱଚ୍ଛତା ପକ୍ଷ ପାଳନ

ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଗତ ୨୫ ତାରିଖରେ ନୂଆଗାଁ ବ୍ଲକ ଅନ୍ତର୍ଗତ ଅଙ୍କୁରପାଲି ଗ୍ରାମରେ ଏକ ଗ୍ରାମସଭା ଆୟୋଜିତ ହୋଇଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ସଚେତନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ କରାଯାଇଥିଲା। ଗାଁ ହାଟ ନିକଟରେ ଆୟୋଜିତ ଏହି ସଭାରେ ଆଖପାଖ ଅଞ୍ଚଳର ପ୍ରାୟ ୨ଶହ ଗ୍ରାମବାସୀ ଏକାଠି ହୋଇଥିଲେ। ଏଥିରେ ଟାଉନ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭଙ୍ଗରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଟି. ବି ଟପ୍ପୋ, ଅଙ୍କୁରପାଲି ସରପଞ୍ଚ ସୁଶୀଲ ଟପ୍ପୋ, ସିଏସ୍‌ଆର ବିଭାଗର ମ୍ୟାନେଜର ସୁଶ୍ରୀ ରିତା ସୁଧୀରମ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଲାଭଙ୍ଗରେ ସ୍ୱଚ୍ଛତାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ସମାଜକୁ ସ୍ୱଚ୍ଛ ରଖିବାକୁ ଉତ୍ସାହିତ କରିଥିଲେ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର କମ୍ କରିବା, ପିଲାମାନଙ୍କୁ ପ୍ଲାଷ୍ଟିକ ପାଉଚ ଓ ବୋତଲରୁ ପାଣି ପିଇବାରୁ ରୋକିବା, ପ୍ରାଣୀମାନଙ୍କ ପାଇଁ ଉପଯୁକ୍ତ ପରିଚ୍ଛନ୍ନତାକୁ ସୁନିଶ୍ଚିତ କରିବା, ଆବର୍ଜନାପୂର୍ଣ୍ଣ ପରିବେଶକୁ ଏଡାଇବା ଓ ରାସ୍ତାରେ ଅଳିଆ ତଥା ପାଣି ଜମା ନ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସରପଞ୍ଚ ଟପ୍ପୋ ଗ୍ରାମବାସୀଙ୍କ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ବିଷୟରେ ସଚେତନତା ପ୍ରସାର କରିବାରେ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଆରମ୍ଭରେ ଟି. ବି ଟପ୍ପୋ ସ୍ୱାଗତ ଭାଷଣ ଏବଂ ସୁଶ୍ରୀ ରିଚା ସୁଧୀରମ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜନସମାଜ ସହ ଜଡ଼ିତ

**ରାଉରକେଲା,୩୧।୩(ଦିନେଶ ମିଶ୍ର)**

ରାଉରକେଲା ବାସନ୍ତୀ ପାଠାଗାର ପରିସରରେ ମାସିକ ସାହିତ୍ୟ ଆସର ସଭାପତି ଡକ୍ଟର ଶକ୍ତିପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରାଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇସ୍ପାତ ସାହିତ୍ୟ ସଂସଦ ସଭାପତି ନୃସିଂହ ଚରଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜନସମାଜ ସହ ଆବହମାନକାଳରୁ ଜଡିତ ବୋଲି କହିଥିଲେ। ବରିଷ୍ଠ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ଆଲୋଚକ ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଜନଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ବିଜୟ କୁମାର ସାହୁ ଭାରତ ବନ୍ଦ ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ କବି ବିଜୟିନୀ ଜେନା ଓ ଉର୍ବଶ୍ରୀ ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବୟିତ୍ରୀ ସଂଯୁକ୍ତା ଦାଶ, ବଳରାମ ଦାଶ, ସୁମିତା ସ୍ୱାଇଁ, କିଶୋରୀ ମୋହନ କର, ବଜେନ୍ଦ୍ର ଦାଶ, ନୃସିଂହ ଚରଣ ବିଶ୍ୱାଳ, ବିକ୍ରମ ଦାଶ, ମଞ୍ଜୁଳା ରଥ, ଗାୟତ୍ରୀ ସେଠୀ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଶରତ ରାଉତ, ସୁବାସ ମହାପାତ୍ର ଭଳି ବହୁ କବି ଓ କବିୟିତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ପାଠାଗାର ସଦସ୍ୟ ବିଭୁଦତ୍ତ ବେହେରା, କୌଶଲ୍ୟା ମହାରଣା, ପ୍ରିୟା ପାତ୍ର, ଶର୍ମିଷ୍ଠା କବି ଶତପଥୀ, ରବୀନ୍ଦ୍ର ଠାକୁର, ପ୍ରବୀର କୁମାର ଦୁବେ, କମଳାକାନ୍ତ ମହାନ୍ତି, ରାଜଲକ୍ଷ୍ମୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

### ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

## ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଧ୍ୱଂସ

**ରାଉରକେଲା,୩୧।୩(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ମାଓବାଦୀ ଦମନ ପାଇଁ ସୁରକ୍ଷାବଳଙ୍କ ଦ୍ୱାରା ବ୍ୟାପକ ଅଭିଯାନ ଜାରି ରହିଛି। ଏହି କ୍ରମରେ ଟୋଣ୍ଟୋ ଥାନା ବନଗ୍ରାମ ଦିରୀବୁରୁ ନିକଟସ୍ଥ ଜଙ୍ଗଲରେ ସୋମବାର ସକାଳ ୮ଟାରେ ମାଓବାଦୀ କ୍ୟାମ୍ପ ଠାବ କରାଯାଇଥିଲା। କ୍ୟାମ୍ପରେ ୭.୬୨ ମ୍ୟାଗାଜିନ୍, ୭୫ ୱେଲ୍ଡିଂ ରଡ୍ , ସିରି ବୋମା ୪ଟି, କଟର, ସାଇକେଲ ଫ୍ରେମ୍, ପୋଟାସିୟମ୍ ପାରମେଗନାଇଟ୍, ପୋଟାସିୟମ୍ କ୍ଲୋରାଇଡ୍, ଏଥିଲିନ୍ ଡାୟମାଇନ୍ ସମେତ ବ୍ୟାପକ ଦହନଶୀଳ ସାମଗ୍ରୀ ଜବତ ହୋଇଥିଲା। ଏହାକୁ ନଷ୍ଟ କରାଯିବ ସହ କୋମ୍ବିଂ ଅପରେଶନ ଜୋରଦାର କରାଯାଉଛି। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।

## ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର ବାର୍ଷିକୋତ୍ସବ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ଅବସରପ୍ରାପ୍ତ ପୋଲିସ ଅଫିସର ୱେଲଫେୟାର ସଂଘର ବାର୍ଷିକୋତ୍ସବ ରବିବାର ପୂର୍ବାହ୍ଣ ୧୦ଟାରେ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଶ୍ୱମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଡ. ସୁମନ ଦତ୍ତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଓ ସୁଶିଲ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରାୟ ପୋଲିସ ବିଭାଗର ଦାୟିତ୍ୱବୋଧ, କର୍ମ ପ୍ରତିବଦ୍ଧତା ଓ ଆଗାମୀ ଦିନର ଆହ୍ୱାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏସ୍‌ପି ୱାଧୱାନୀ ଶାରୀରିକ ସୁସ୍ଥତାକୁ ଗୁରୁତ୍ୱାରୋପ ଡାକ୍ତର ବିଶ୍ୱଜିତ ମହାପାତ୍ର, ଏସ୍‌ବିଆଇର ଏଜିଏମ୍ ରଶ୍ମିରଞ୍ଜନ ନାୟକ, ଲାୟନ ଦେବଦତ୍ତ ମିଶ୍ର, ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାକୁଳ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯାଇ ଶତାଧିକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

## ଫୁଟ୍‌ବଲ: ଟିଚର୍ସ କଲୋନି ଚାମ୍ପିୟନ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମ୍‌ଠାରେ ମା' ସମଲେଶ୍ୱରୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ଜାତୀୟ ଫୁଟବଲ୍ ଖେଳାଳି ନୀନା ପଟ୍ଟନାୟକ ଓ କିଶୋର ଦାସଙ୍କ ସ୍ମୃତିରେ ପ୍ରଥମ ବାର୍ଷିକ ଫୁଟବଲ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନ ମ୍ୟାଚ୍‌ରେ ପୁରାତନ ଫୁଟବଲ୍ ଖେଳାଳି ବିଭୂତି ଭୂଷଣ ମହାନ୍ତି ମୁଖ୍ୟ ଅତିଥି, ରକ୍ଷିତ ମୋହନ ଦାସ, ଆନ୍ତର୍ଜାତିକ ମହିଳା ଖେଳାଳି ଆଶ୍ରିତା କିଷାନ, କୁନ୍ତୀ ଲାକ୍ରା, ଜାତୀୟ ଖେଳାଳି ଜୟନ୍ତ ମହାରଣା, ହିମାଦ୍ରି ବରୁଆ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲରେ ଟିଚର୍ସ କଲୋନି ୧-୦ ଗୋଲ ବ୍ୟବଧାନରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ୍ ଜଲଦାକୁ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଜାତୀୟ ରେଫରୀ ଭାସ୍କର ନନ୍ଦ ମୁଖ୍ୟ ଅତିଥି, ମନୋଜ ସାମନ୍ତ, ସନ୍ତୋଷ ସ୍ୱାଇଁ, ଆନନ୍ଦ ବେହେରା, ଆସୋସିଏଶନ ସଭାପତି ବିଜୟ କିଶାନ, ଉପସଭାପତି ଜଷ୍ଟିନ ମାଝୀ, ସମ୍ପାଦକ ଜନ୍ନ ଖେଶ୍ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କେଶବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ନଗଦ ଅର୍ଥ ପ୍ରଦାନ କରାଯାଇଥିଲା। ଭାନୁ ବାଉରି, ରାଜେଶ ଭାଇଁସା, ସାମୁ ହାଁସଦା, ଠାକୁରା ମୁର୍ମୁ, ସୁଶାନ୍ତ ଧର୍ତ୍ତି, ହେମନ୍ତ ହାଁସଦା ମ୍ୟାଚ୍ ପରିଚାଳନା କରିଥିଲେ। ଆସୋସିଏଶନର କୁଷା ବିଭାର, ସୁଜିତ କିଷାନ, ରାଜେଶ କିଷାନ, ପ୍ରେମ କିଷାନ ସହଯୋଗ କରିଥିଲେ। ବୁଦ୍ଧୁ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ମବାୟ ସମିତି ବିଭାଗ ପକ୍ଷରୁ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ ହୋଇଯାଇଛି। ଉପ ନିବନ୍ଧକ ସମବାୟ ସମିତି ସମୂହ ମନିକା ରାୟଙ୍କ ତତ୍ୱାବଧାନରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ବୈଠକରେ ବରିଷ୍ଠ ସହକାରୀ ନିବନ୍ଧକ ଭବାନୀ କାନ୍ତ ନାଏକ, ଜିଲା ମୁଖ୍ୟ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ଦୀପକ କୁମାର ମହନ୍ତ, ସମ୍ବଲପୁର ସମବାୟ ବ୍ୟାଙ୍କ ମ୍ୟାନେଜର ଅନିଲ କୁମାର ବେହେରା, ଜିଲା ମତ୍ସ୍ୟ ଅଧିକାରୀ କୁଳେ ଚନ୍ଦ୍ର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୁମାଡେରା ରେଳ ଧାରଣାରୁ ବୃଦ୍ଧାଙ୍କ ମୃତଦେହ ଜବତ

ଝାରସୁଗୁଡ଼ା,୩୧ ।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ ଗୁମାଡେରା ନିକଟ ରେଳ ଫାଟକରୁ ସୋମବାର ପୂର୍ବାହ୍ନ ୧୦ଟାରେ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ବେଲପାହାଡ଼ ପୌରପରିଷଦ ଅଞ୍ଚଳର କାଞ୍ଚନମାଳା ମହାନ୍ତି। ସୋମବାର ସକାଳ ପ୍ରାୟ ୬ଟା ୩୦ରେ ଏକ ମାଲ ପରିବହନ ଟ୍ରେନ ସମ୍ମୁଖକୁ ଅଠାତ୍ କାଞ୍ଚନମାଳା ଆସିବାରୁ ଟ୍ରେନ ତାଙ୍କୁ ରେଳଧରଣାରେ ଅନେକ ଦୂର ଘୋଷାଡ଼ି ନେଇଥିଲା। ଫଳରେ କାଞ୍ଚନମାଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆରମ୍ଭ କରିଥିଲା। ରେଲୱେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେଉଁ ଟ୍ରେନ୍ ଧକ୍କାରେ ଏବଂ କେଉଁ ପରିସ୍ଥିତିରେ କାଞ୍ଚନମାଳାଙ୍କ ମୃତ୍ୟୁ ହୋଇଛି, ସେ ନେଇ ତଦନ୍ତ ଆରମ୍ଭ କରିଛି।

# ବିଟିଏମ୍ ଜମି ବିକ୍ରିକୁ ନେଇ ଉତ୍ତେଜନା

- ଦଖଲକାରୀ, ବିଟିଏମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ
- ସେଲଡିଡ୍ ଜମି କିପରି ବିକ୍ରି ହେଲା ତଦନ୍ତ ଦାବି

ଝାରସୁଗୁଡ଼ା,୩୧ ।୩(ଆଶିଷ ରଞ୍ଜନ ଦାଶ)


ଜମି ଜବରଦଖଲ ବେଳେ ଉତ୍ତେଜନା ପରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ଝାରସୁଗୁଡ଼ା ସହରସ୍ଥିତ ବିଟିଏମ୍ (ଭାସ୍କର ଟେକ୍ସଟାଇଲ ମିଲ)ର ଜମିକୁ କେତେଜଣ ଲୋକ ସୋମବାର ଜେସିପି ଲଗାଇ ଦଖଲ କରିବାକୁ ନେଇ ବିରୋଧ କରାଯାଇଛି। ଫଳରେ ସେଠାରେ ଦଖଲକାରୀ ଏବଂ ବିଟିଏମ୍‌ବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ୨ଟି ପିସିଆର ଗାଡ଼ିରେ ପୋଲିସ ପହଞ୍ଚି ଦଖଲକାରୀଙ୍କୁ ଥାନାକୁ ନେଇଥିଲେ। ଥାନାରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ କହିଥିଲେ। ତେବେ ବିଟିଏମକୁ ବିକ୍ରୀ ହୋଇଥିବା ଏହି ଜମିକୁ ଏବେ ରାଜ୍ୟ ସରକାର ନେବାକୁ ଥିବା ବେଳେ କିଭଳି ଜଣେ ବ୍ୟକ୍ତିଙ୍କୁ ୧ ଏକର ୨୫ ଡିସିମିଲ ବିକ୍ରି କରାଯାଇଛି ବୋଲି ବିଟିଏମବାସୀ ପ୍ରଶ୍ନ କରିଥିଲେ।

ସୂଚନାଯୋଗ୍ୟ ଯେ, ସକାଳେ ୨୦ରୁ ଅଧିକ ଲୋକେ ଜେସିପି ଧରି ବିଟିଏମ ପଛ ପଟରେ ଥିବା ଜମିକୁ ଦଖଲ କରିଥିଲେ। ଜେସିପି ଲଗାଇ ବିଟିଏମବାସୀ ରହୁଥିବା ବାଡ଼କୁ ଭାଙ୍ଗିଥିଲେ। ଏହାକୁ ନେଇ ବିଟିଏମବାସୀ ବିରୋଧ କରିଥିଲେ। ଦଖଲକାରୀ ଏବଂ ବିଟିଏମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଦଖଲକାରୀଙ୍କୁ ଥାନାକୁ ନେଇଥିଲେ। ତେବେ ଏହାକୁ ନେଇ ବିଟିଏମବାସୀ ବିରୋଧ କରିଥିଲେ। ୧୯୬୪ରେ ଭାସ୍କର ଟେକ୍ସଟାଇଲ ମିଲକୁ କେତେଜଣ ଲୋକ ତାଙ୍କ ଜମିକୁ ସେଲଡିଡ୍ରେ ବିକ୍ରି କରିଥିଲେ। ଅଧିକାଂଶ ଜମିର ପଟ୍ଟା ବିଟିଏମ କରିଥିବା ବେଳେ ଆଉ କିଛି ପଟ୍ଟା ହୋଇ ନ ଥିବା ବେଳେ ସେଲଡିଡ୍ ବିଟିଏମ୍ ନିକଟରେ ରହିଛି। ତେବେ ଏହି ବିଟିଏମର ଜମି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ବେଳେ ରାଜ୍ୟ ସରକାର ନେବେ ବୋଲି ସ୍ଥିର ହୋଇଛି। ଏଭଳି ସ୍ଥିତିରେ କିଭଳି ଜଣେ ବ୍ୟକ୍ତି ବିଟିଏମର ୧ ଏକର ୨୫ ଡିସିମିଲ ଜମି ନିଜର ନାମରେ କରିଛନ୍ତି, ତାକୁ ନେଇ ବିଟିଏମବାସୀ ପ୍ରଶ୍ନ କରିଛନ୍ତି। କେଉଁ ଅଧିକାରୀମାନେ ଏହି ଜମି ଜାଲିଆତିରେ ସମ୍ପୃକ୍ତ ଅଛନ୍ତି, ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ବିଟିଏମବାସୀ ସଦର ଥାନା ସମେତ ଜିଲାପାଳ, ପୋଲିସ ଅଧୀକ୍ଷକ ଏବଂ ତହସିଲଦାରଙ୍କୁ ଦାବି କରିଛନ୍ତି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା, ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେବଗଡ଼,୩୧ ।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କେନ୍ଦେଇଜୁରୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ମହାସମାରୋହରେ ସୋମବାର ସମାପନ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିହାର ରଞ୍ଜନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମନାଭ ମହାକୁଳ ଅତିଥିଙ୍କ ପରିଚୟ ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ ବିଶ୍ୱ ସ୍ରଷ୍ଟା ଗଠନ ଭବନର ଭାତୃକୁମାର ପ୍ରଫୁଲ୍ଲ କାର୍ଯ୍ୟ ଯୋଗଦେଇ ଆଧ୍ୟାତ୍ମିକତା ଭିତରେ କିପରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ହୋଇ ପାରିବ ଏବଂ ଜୀବନ ଉଜ୍ଜ୍ୱଳମୟ ହେବ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମମତା ମଣ୍ଡଳର ସଂଯୋଜକ ଡମ୍ବରୁଧର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦୃଢ଼ଶକ୍ତି ଏବଂ ସଂକଳ୍ପବଦ୍ଧ ହେଲେ ଯେ କୌଣସି କାର୍ଯ୍ୟ ସମ୍ଭବ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଯୋଜକ ହୃଷୀକେଶ ଦେହୁରୀ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅପା ଭାଇ ତଥା ପରିଚାଳନା କମିଟି ସମସ୍ତ ସଭ୍ୟବୃନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଶତାଧିକ ଅଭିଭାବକ, ଅଭିଭାବିକା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

### ‘ପିତା ମାତା ଆମ ଅଂଶୀଦାର’ କାର୍ଯ୍ୟକ୍ରମ

ଦେବଗଡ଼,୩୧ ।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ସଇଡା ଆଶ୍ରମ ବିଦ୍ୟାଳୟରେ ‘ପିତା ମାତା ଆମ ଅଂଶୀଦାର’ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୁଲିରାଣୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ପାଉଡି ଭୁୟାଁ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ରାଜେନ୍ଦ୍ର ବାନାରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜାଗୃତୀ ନାୟକ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପାଲୁ ହେମ୍ବ୍ରମ, ମମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଚନ୍ଦନ କୁମାର ପ୍ରଧାନ ଓ ସ୍ୱତନ୍ତ୍ର ଅତିଥି ଭାବେ ଡାକ୍ତର ରତ୍ନ କୁମାର ଦଳବେହେରା ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରିଥି। ଏହି ଅବସରରେ ବିଭିନ୍ନ ପ୍ରତିଯେଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଭଗବତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ପ୍ରଶାନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଶ୍ରୀକାନ୍ତ ସାହୁ, ମୁକୁନ୍ଦ ପ୍ରଧାନ ଓ ଶିକ୍ଷୟିତ୍ରୀ ହେଲିନ ସେଠୀ ସହଯୋଗ କରିଥିଲେ।

# ନୈତିକ ଶିକ୍ଷା, ମାନବିକତା ସମ୍ପର୍କରେ ଜ୍ଞାନ ଆହରଣ କର

## କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ


ବାର୍ଷିକ ଉତ୍ସବରେ ସମ୍ମାନିତ କରାଯାଉଛି।

କୋଲାବିରା,୩୧ ।୩(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ସମାସିଂହାସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଶନିବାର, ରବିବାର ଏବଂ ସୋମବାର ୩ ଦିନଧରି ପାଳିତ ହୋଇଯାଇଛି। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସଭା ସ୍ଥଳରେ ସ୍ଥାପନ ହୋଇଥିଲା। ରବିବାର ପୂର୍ବାହ୍ନରେ ପ୍ରଥମ ଅଧିବେଶନ ଉଦ୍‌ଘାଟନୀରେ ପରିଚାଳନା କମିଟି ସଭାପତି ତୁଳାରାମ ସେନାପତିଙ୍କ ସଭାତିତ୍ୱରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ, ଗୌତମ ନାଏକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ବେଳେ ଅନିବାର୍ଯ୍ୟ କାରଣରୁ ସେ ଯୋଗଦେଇପାରି ନ ଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ବାର୍ତ୍ତା ପଢ଼ି ଶୁଣାଇଥିଲେ। ସମାସିଂହା ବାଳିକା ବିଦ୍ୟାଳୟର ଉନ୍ନତି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ବିଧାୟକ ପ୍ରକାଶ କରିବା ସହ ଆସନ୍ତା ଏକ ବର୍ଷ ମଧ୍ୟରେ ବାଳିକା ବିଦ୍ୟାଳୟ ପରିସରରେ ଗୋଟିଏ ରନ୍ଧାଘର ଓ ଡାଇନିଂ ହଲ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶିକ୍ଷକ ବେଲପାହାଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଚିନ୍ଦ୍ର କୁମାର ପଟେଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବାଳିକା ଉଚ୍ଚବିଦ୍ୟାଳୟ ସହିତ ମୁଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ବୋଲି କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋହିତ କୁମାର ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ଷ୍ଟେଟବ୍ୟାଙ୍କ ସମାସିଂହା ଶାଖା ପରିଚାଳକ ତାପସ କୁମାର ସ୍ୱାଇଁ, ଉପଦେଷ୍ଟା ମଦନ ମୋହନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ତୃତୀୟ ଦିବସ ତୃତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସହାୟତାର ହାତ ବଢେଇବା ସହ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କୋମଳମତି ଶିକ୍ଷାର୍ଥୀ କର୍ତ୍ତବ୍ୟନିଷ୍ଠ, ଭାଷାନୁରାଗୀ ଓ ଆଜ୍ଞାନୁବର୍ତ୍ତିତା ହେବା ଜରୁରୀ ଏବଂ ଏହା ସହ ନୈତିକ ଶିକ୍ଷା ଓ ମାନବିକତା ସମ୍ପର୍କରେ ଜ୍ଞାନ ଆହରଣ ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଶିକ୍ଷାବିତ୍ ଗୁରୁଚରଣ ସାହୁ, ମଦନ ମୋହନ ପଟେଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରୌପ୍ୟ ଜୟନ୍ତୀ ସଭାପତି ପୂର୍ବାପରିତା ସାହୁ, ଶିବାନୀ ଜୟପୁରିୟା, ଶିକ୍ଷୟିତ୍ରୀ ସୁପ୍ରଭା ସହୁ, ମଞ୍ଜୁ ସାହୁ, ପୁଷ୍ପାଞ୍ଜଳି ପୂଝାରୀ, ଆଶା ମଞ୍ଜରୀ ଚୌଧୁରୀ, ରଶ୍ମିରେଖା ପଟେଲ, ଅଞ୍ଜଳି ପଟେଲ, ସୁନନ୍ଦ ପଟେଲ, ମନୋଜ ମିର୍ଦ୍ଧା, ପ୍ରଶନ୍ନ ବଗାରଙ୍କ ସମେତ ଗ୍ରାମର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

### ଅବସର ଦିବସରେ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ

ଝାରସୁଗୁଡ଼ା,୩୧ ।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଓ ସହକାରୀ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସାଙ୍କ ବ୍ୟକ୍ତିଗତ ଉଦ୍ୟମରେ ସୋମବାର ୨ଜଣ କ୍ରୀଡା ଶିକ୍ଷକ ତାଙ୍କ ଅବସର ଦିବସରେ ହିଁ ପୂର୍ଣ୍ଣାଙ୍ଗ ପେନସନ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ନିରାଡ଼ମ୍ବର ଉତ୍ସବରେ ବ୍ରଜରାଜନଗର ଓରିଏଣ୍ଟ କୋଲିଆରୀ ହାଇସ୍କୁଲର ଖଗେଶ୍ୱର ପଟେଲ ଓ ଲଇକେରା ପଞ୍ଚାୟତ ସମିତି ଦୀକ୍ଷିତ ହାଇସ୍କୁଲର କୁବେର କୁମ୍ଭାର ଦୁଇଜଣ କ୍ରୀଡା ଶିକ୍ଷକଙ୍କୁ ପେନସନ କାଗଜପତ୍ର, ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନିଜର ସଂକ୍ଷିପ୍ତ ଅଭିଭାଷଣରେ ଗଡତିଆ ଓ ସା ଦୁଇ କ୍ରୀଡା ଶିକ୍ଷକଙ୍କ ଚାକିରି ଜୀବନର ଉପଲବ୍ଧି ବର୍ଣ୍ଣନା କରିବା ସହ ଅବସର ଜୀବନ ଦୀର୍ଘ ଓ ନିରାମୟ ପାଇଁ କାମନା କରିଥିଲେ। ଏହି ଅବସରରେ ଉପସ୍ଥିତ ଓଷ୍ଟା ଜିଲା ସମ୍ପାଦକ କିଶୋର କୁମାର ମହାନ୍ତି, ଅନିଲ କୁମାର ପଟେଲ, ଜଗଦୀଶ କିଷାନ ପ୍ରମୁଖ ଶିକ୍ଷକମାନେ ଶିକ୍ଷା ଅଧିକାରୀଙ୍କ ମହନୀୟ ଉଦ୍ୟମ ସହ ପ୍ରକ୍ରିୟାର ସଫଳ ରୂପାୟନ ପାଇଁ କିରାଣୀ ସଂଗ୍ରାମ ପଟେଲ ଓ ଅମିୟ ପଟେଲଙ୍କ ସକ୍ରିୟ ସହଯୋଗର ଭୂୟସୀ ପ୍ରଶଂସା କରିଥିଲେ। ଏହି ଧାରା ଭବିଷ୍ୟତରେ ମଧ୍ୟ ଯେପରି ଜାରି ରହିବ ସେହି କାମନା କରିଥିଲେ।ଏହି ଅବସରରେ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।

# ଇକୋ କ୍ଲବ ପକ୍ଷରୁ ପ୍ଲାଷ୍ଟିକ ହ୍ରାସ ଉପରେ ବାର୍ଷିକ ସଚେତନତା



କାର୍ଯ୍ୟକ୍ରମରେ ସ୍ମୃତି ଫଳକ ଓ ଫୁଲଗଛ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ଝାରସୁଗୁଡ଼ା,୩୧ ।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବୁରୋମାଲ ବୁଡାପଡାସ୍ଥିତ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ପେକ୍ଷାଳୟରେ ଇକୋ କ୍ଲବ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଅନ୍ତର୍ଗତ ସେଣ୍ଟର ଫର ଏନଭାରମେଣ୍ଟାଲ ଷ୍ଟଡ଼ିଜ ଭୁବନେଶ୍ୱର ସହଯୋଗରେ ଏକକ ବ୍ୟବହାର ପ୍ଲାଷ୍ଟିକ ହ୍ରାସ ଉପରେ ଏବର୍ଷର ବାର୍ଷିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରବାହାଲ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ତାପସ କୁମାର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷା ଇନ୍ଦ୍ରା ଦେବୀ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭା ପରିଚାଳନା କରିଥିଲେ। ପ୍ଲାଷ୍ଟିକର ଏକକ ବ୍ୟବହାର ହ୍ରାସ କରିବା ପାଇଁ ବକ୍ତାମାନେ ପ୍ଲାଷ୍ଟିକ ପାଇଁ ଉପୁଜୁ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ପ୍ରତିଷ୍ଠାତା ମିଶ୍ର ଉପସ୍ଥିତ ସମସ୍ତ ଅତିଥି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସବୁଜ ଶପଥ ପାଠ କରାଇଥିଲେ । ଏହା ଉପରେ ହୋଇଥିବା ଆନ୍ତଃସ୍କୁଲ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ଥିବା ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯିବା ସହ ପ୍ରଧାନ ଶିକ୍ଷକ ତାପସ ମିଶ୍ରଙ୍କୁ ଉତ୍ତରୀୟ ସହ ଏକ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। କମିଟି ସଭ୍ୟ ଗୁଣ ନିଧି ଭୈସା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନଙ୍କୁ ଉପଢୌକନ, ସ୍ମୃତି ଫଳକ ଓ ଫୁଲଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୃଷ୍ଟି ବାଧିତ ଛାତ୍ରୀମାନଙ୍କ ସହ ସମବେତ କଣ୍ଠରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

### କଣ୍ଢେଲ ଆଞ୍ଚଳିକ ଚଷା ସମାଜର ବାର୍ଷିକ ଅଧିବେଶନ

ଦେବଗଡ଼,୩୧ ।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଆଞ୍ଚଳିକ ଚଷା ସମାଜର ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଢେଲ ଆଞ୍ଚଳିକ ଚଷା ସମାଜ ସଭାପତି ଶଶୀଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାଷା ସମାଜର କେନ୍ଦ୍ରୀୟ କମିଟି ସଭାପତି ଡମ୍ବରୁଧର ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ କମିଟି ସମ୍ପାଦକ ଚୂଡାମଣି ପ୍ରଧାନ ଯୋଗଦେଇ ଚଷା ସମାଜର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ, ବିଗତ ଦିନରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଆଗାମୀ ଦିନର କାର୍ଯ୍ୟକ୍ରମ ଏବଂ ଚଷା ସମାଜର ସାମଗ୍ରୀକ ବିକାଶ ଉପରେ ସବିଶେଷ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଢେଲ ଆଞ୍ଚଳିକ ଚଷା ସମାଜର ଉପ ସଭାପତି ସୁଦର୍ଶନ ନାୟକ, ସମ୍ପାଦକ ବିରଞ୍ଚି ବେହେରା, ସହ ସମ୍ପାଦକ ପ୍ରଶନ୍ନ କୁମାର ସାହୁ, ଉପଦେଷ୍ଟା ଗୁଣନିଧି ନାୟକ, ବସନ୍ତ କୁମାର ସାହୁ ଓ ଦୟାନିଧି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଦ୍ୱାରୀ ସାମଲ ଓ କାଠି ଗଡନାୟକଙ୍କ ସମେତ ଯୁକ୍ତ ୨ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ର ପ୍ରଧାନ ଓ ସୋନାଲୀ ସାହୁ, ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଦୋଳଗୋବିନ୍ଦ ସାହୁ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଚୟନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଈଶ୍ୱରୀ ସାହୁଙ୍କୁ ଚଷା ସମାଜ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

# ବିନା ଅନୁମତିରେ ଭେଡେନ ନଦୀରୁ ପାଣି ଶୋଷୁଛି କମ୍ପାନୀ

- କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଜିଲାପାଳଙ୍କୁ ଭେଟିଲେ ୨ ସରପଞ୍ଚ

ଝାରସୁଗୁଡ଼ା,୩୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ତହସିଲ ଅନ୍ତର୍ଗତ ହିର୍ମାଠାରେ ଥିବା ଏସ୍‌ଏମ୍‌ସି-୧ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରଶାସନର ବିନା ଅନୁମତିରେ ଭେଡ଼େନ ନଦୀରୁ ପାଣି ନେଇଯାଉଛି। ଏହାକୁ ନେଇ ଝାରସୁଗୁଡ଼ା ସଦର ବ୍ଲକ ମଳଦା ଓ ହିର୍ମା ସରପଞ୍ଚ ଶନିବାର ଜିଲାପାଳଙ୍କୁ ଭେଟିଛନ୍ତି। କମ୍ପାନୀ ପାଣି ନେବା ଫଳରେ ଏହି ନଦୀ ଉପରେ ନିର୍ଭର କରୁଥିବା ହିର୍ମା ଓ ମଳଦା ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମ ଋତୁରେ କମ୍ପାନୀ ନଦୀ ଜଳ ଶୋଷି ନେବା ଯୋଗୁ ୨ଟି ପଞ୍ଚାୟତ ଚାଷୀ ଗୃହପାଳିତ ପ୍ରାଣୀଙ୍କୁ ପିଆଇବା ପାଇଁ ମଧ୍ୟ ପାଣି ଅଭାବ ଅନୁଭୂତ କରୁଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦୀ ଓ ମଳଦା ସରପଞ୍ଚ ରିଙ୍କି ସିଂଙ୍କ ନେତୃତ୍ୱରେ ୱାର୍ଡସଭ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ୍ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ହିର୍ମା ଓ ମଳଦା ପଞ୍ଚାୟତ ଭେଡ଼େନ ନଦୀର ଉଭୟ ପାର୍ଶ୍ୱରେ ଥିବାବେଳେ ଅଧିକାଂଶ ପରିବାର ସ୍ନାନରୁ ଆରମ୍ଭ କରି ଗୋରୁ ଗାଧୋଇବା ପର୍ଯ୍ୟନ୍ତ ଭେଡ଼େନ ନଦୀ ଉପରେ ନିର୍ଭର କରନ୍ତି। ବିଶେଷକରି ଗ୍ରୀଷ୍ମ ଋତୁରେ ଗାଁରେ ଥିବା ନଳକୂପ ସମେତ ଅନ୍ୟାନ୍ୟ ଜଳ ଉତ୍ସ ଶୁଖି ଯାଉଥିବାରୁ ନଦୀ ଉପରେ ନିର୍ଭର କରନ୍ତି। ହେଲେ ଏସ୍‌ଏମ୍‌ସି ପାୱାର କମ୍ପାନୀ ପାଣି ଶୋଷି ନେଉଥିବା ହେତୁ ତଳମୁଣ୍ଡକୁ ଆଉ ପାଣି ଯାଉନାହିଁ। ଭେଡ଼େନ ନଦୀ ଏମିତି ମଧ୍ୟ ଋତୁକାଳୀନ ନଦୀ ହୋଇଥିବା ହେତୁ ଅଣମୌସୁମୀ ଋତୁରେ ନଦୀ ଏକ ଛୋଟ ଧାରରେ ସୀମିତ ହୋଇଯାଏ। ଗ୍ରାମବାସୀ ପୂର୍ବରୁ ସେହି ଛୋଟଧାର ଭରସାରେ ଗ୍ରୀଷ୍ମ ଋତୁର ଜଳ ଆବଶ୍ୟକତା ପରି କରୁଥିଲେ। କିନ୍ତୁ ଏବେ କମ୍ପାନୀ ଅନୁମତିରୁ ଢେର୍ ଅଧିକ ପାଣି ଭେଡ଼େନ ନଦୀରୁ ବଡ଼ ବଡ଼ ପମ୍ପସେଟ ଲଗାଇ ଟାଣି ନେଉଛି। ଏ ନେଇ ହିର୍ମା ଓ ମଳଦା ୨ଟି ପଞ୍ଚାୟତର ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏହାକୁ ନିନ୍ଦା କରିବା ସହ କମ୍ପାନୀକୁ ଆଉ ଟୋପାଏ ମଧ୍ୟ ପାଣି ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଉଭୟ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଜିଲାପାଳଙ୍କୁ ସାକ୍ଷାତ୍ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେଲାନି ସେତୁ

## ବଡ଼ଧରା ନାଳ ଉପରେ ନିର୍ମିତ ସୁଉଚ୍ଚ ସେତୁ

ଝାରସୁଗୁଡ଼ା/ଲଖନପୁର, ୩୧ ।୩ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)


ବଡ଼ଧରା ନାଳ ଉପରେ ଅସମ୍ପୂର୍ଣ୍ଣ ସୁଉଚ୍ଚ ସେତୁ।

ରାଜ୍ୟ ସରକାର ଲୋକମାନଙ୍କ ସୁବିଧା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ଅନେକ ଯୋଜନା ଧାର୍ଯ୍ୟ ସମୟ ପରେ ବି ଅସମ୍ପୂର୍ଣ୍ଣ ରହି କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କନକତୋରା ପଞ୍ଚାୟତରେ ଏକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ଦେଖିବାକୁ ମିଳିଛି। ସୂଚନା ଯେ, ବାଦୀମାଲ ଓ କନକତୋରା ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ଦେଇ ବାଦୀମାଲ ପଞ୍ଚାୟତବାସୀ ବିପଦଶଙ୍କୁଳ ଅବସ୍ଥାରେ ଯିବାଆସିବା କରୁଥିଲେ। ବାଦୀମାଲ ପଞ୍ଚାୟତବାସୀଙ୍କୁ କନକତୋରା ପଞ୍ଚାୟତରେ ଥିବା ବ୍ୟାଙ୍କ ସେବା, ସ୍ୱାସ୍ଥ୍ୟ ସେବା, ପୋଲିସ ବିଟ ହାଉସ, ସାପ୍ତାହିକ ହାଟ କରିବା ପାଇଁ ଯାତାୟାତରେ ଅସୁବିଧା ଭୋଗ କରୁଥିଲେ। ଫଳରେ ବାଦୀମାଲ ଓ କନକତୋରା ପଞ୍ଚାୟତ ମଧ୍ୟରେ ବଡ଼ଧରା ନାଳ ଉପରେ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ୨୦୧୯-୨୦୨୦ରେ ୭.୬୧କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ୩୧ ।୩।୨୦୨୩ରେ କାର୍ଯ୍ୟ ପରିସମାପ୍ତି ପାଇଁ ସରକାର ନିର୍ମାଣକାରୀ ସଂସ୍ଥାକୁ ଅନୁମତି ପ୍ରଦାନ କରିଥିଲେ। କାର୍ଯ୍ୟ ଠିକ ସମୟରେ ଆରମ୍ଭ ମଧ୍ୟ ହୋଇଥିବା ବେଳେ ବର୍ତ୍ତମାନ ଅଧାରେ ଅଟକି ରହିଛି। ଠିକା ସଂସ୍ଥାର ଏହି ପ୍ରକଳ୍ପରେ ବ୍ୟବହାର ହେଉଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ କାର୍ଯ୍ୟ ସ୍ଥଳରେ ପଡ଼ିରହି ଖତ ଖାଉଛି। ଫଳରେ ଏହି ସେତୁର ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ କାର୍ଯ୍ୟ ଦାୟୀ ରହିଥିବା ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ନିକଟରେ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଜିଲା ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ରୋଷନ ପଟେଲ କହିଛନ୍ତି ଯେ ଏହି ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ହୋଇଥିବାରୁ ଉକ୍ତ ଠିକା ସଂସ୍ଥା ବିରୋଧରେ ପାଖାପାଖି ଏକ କୋଟି କୋଟିଏ ଲକ୍ଷ ଟଙ୍କା ଜରିମାନା ପାଇଁ ଉପରିସ୍ଥ କାର୍ଯ୍ୟାଳୟ ମୁଖ୍ୟଙ୍କୁ ସୁପାରିଶ କରାଯାଇଛି। ଆଗାମୀ ଦିନରେ ଏହି କାର୍ଯ୍ୟ ପାଇଁ ପୁଣି ଟେଣ୍ଡର କରାଯାଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

## ହୀରକ ଜୟନ୍ତୀ ପାଇଁ କମିଟି ଗଠିତ

### ହରେକୃଷ୍ଣ ମହତାବ ହାଇସ୍କୁଲ

ଲୋଇସିଂହା,୩୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ହୀରକ ଜୟନ୍ତୀ ପାଳନ ପାଇଁ ପୁରାତନ ଛାତ୍ରମାନଙ୍କୁ ନେଇ ରବିବାର ଏକ ବୈଠକ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ନଭେମ୍ବର ମାସରେ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ କମିଟି ଗଠନ ହୋଇଛି। ସର୍ବ ସମ୍ମତିକ୍ରମେ ସଭାପତି ଭାବେ ଆଇନଜୀବୀ ଦୀଲିପ କୁମାର ବେହେରା, ଉପସଭାପତି ଭାବେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟନାରାୟଣ ଭୋଇ, ସମ୍ପାଦକ ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଶେଖ ନଜରୁଲ୍ଲା ଖାନ, ସହ ସମ୍ପାଦକ ଭାବେ ସୋମନାଥ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଭାବେ ରାଜ ନାରାୟଣ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଅର୍ଥ କମିଟିରେ ସୋମନାଥ ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ଅଭିଳାଷ ହୋତା ଓ ରାଜେନ୍ଦ୍ର ଷଡଙ୍ଗୀଙ୍କୁ ମନୋନୀତ କରାଯାଇଥିବା ବେଳେ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଭାବେ ଅଭିଳାଷ ହୋତା, ସ୍ମରଣିକା କମିଟି ଅଧ୍ୟକ୍ଷ ଭାବେ ଜ୍ୟୋତିପ୍ରକାଶ ସାହୁ ଓ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଭାବେ ସରୋଜ କୁମାର ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କମିଟିରେ ଗଜାନନ ଅଗ୍ରୱାଲ, ପର୍ଶୁରାମ ସାହୁ, ବିଶ୍ୱନାଥ ଭୂୟାଁ ଓ ଗୁରୁ ଚରଣ ଧୀରଙ୍କୁ ମନୋନୀତ କରାଯାଇଥିଲା । କାର୍ଯ୍ୟକାରୀ କମିଟିରେ ହିମାଂଶୁ ସାହୁ, ପ୍ରକାଶ ମହାରଣା, ପ୍ରଦୀପ କୁମାର ସାହୁ, ଶିବ ଅଗ୍ରୱାଲ, ଅଶୋକ କୁମାର ସାହୁ, ସରୋଜ ବିଶ୍ୱାଲ, ରାମଚନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା। ଉତ୍ସବକୁ ବହୁ ଆଡମ୍ବର ସହ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକରେ ବହୁ ପୁରାତନ ଛାତ୍ର ଉପସ୍ଥିତ ରହିଥିଲେ ।

# ମହୁଲ ଗୋଟାଳିଙ୍କୁ ମିଳୁନି ଉଚିତ ମୂଲ୍ୟ

### ଅଭାବୀ ବିକ୍ରିର ଶିକାର

ପାଟଣାଗଡ଼,୩୧।୩ (ସଚ୍ଚିଦାନନ୍ଦ ମହାକୁର)



ମହୁଲଫୁଲ ।

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକରେ ଗରିବ ଓ ଆଦିବାସୀଙ୍କ ପାଇଁ ରୋଜଗାର ହେଉଛି ମହୁଲ ଫୁଲ । ଏହା ଜୀବନ ଜୀବିକାର ବାଟ ଦେଖାଇ ଥିବା ବେଳେ ମୁହଁରେ ହସ ବି ଫୁଟାଇଛି । ହେଲେ ଅଭାବୀ ବିକ୍ରି ଯୋଗୁ ଫିଟୁନି ଭାଗ୍ୟ। ଫଳରେ ମହୁଲ ଗୋଟାଳି ପୁରୁଷ, ମହିଳାମାନେ ଭାଗ୍ୟକୁ ଆଦରି ପଡି ରହିଛନ୍ତି।

ପ୍ରକାଶ ଯେ, ପାଟଣାଗଡ ଅଞ୍ଚଳର ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଏଠାରେ ଆଖିଦୃଶିଆ ଜଳସେଚନ ସୁବିଧା ନାହିଁ କି କଳ କାରଖାନା ନାହିଁ । ଏଠିକାର ଲୋକେ ଚାଷ ଉପରେ ନିର୍ଭରଶୀଳ । ଚାଷ ୪ ମାସ ଛାଡ଼ିଦେଲେ ଅନ୍ୟ ସମୟରେ ନିଜ ଗୁଜରାଣ ମେଣ୍ଟାଇବା ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି । ମୁଖ୍ୟତଃ ମହୁଲ, ସରଗିପତ୍ର, କେନ୍ଦୁପତ୍ର ସଂଗ୍ରହ ଏମାନଙ୍କ ରୋଜଗାରର ପନ୍ଥା ପାଲଟିଥାଏ । ଏହି ବ୍ଲକରେ ମୁଖ୍ୟତଃ ଫେବୃଆରୀ ମାସରୁ ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ମହୁଲ ସଂଗ୍ରହ ହୋଇଥାଏ । ଭୋରରୁ ଅଧିକାଂଶ ପରିବାର ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇଥାନ୍ତି । ବର୍ତ୍ତମାନ ମହୁଲ ଫୁଲ କେଜି ପ୍ରାୟ ୪୦ ଟଙ୍କା ରହିଥିଲେ ମଧ୍ୟ ମହୁଲ ଗୋଟାଳି ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଗୋଟିଏ ମହୁଲ ଗଛରୁ ୧୦ରୁ ୧୫ ହଜାର ପର୍ଯ୍ୟନ୍ତ ଆୟ ହୋଇଥାଏ । ଚଳିତବର୍ଷ ଭଲ ଫୁଲ ଆସିଛି । ମହୁଲରୁ ମଦ ତିଆରି ହୋଇଥାଏ । ଗୃହପାଳିତ ପଶୁ ଗାଈଗୋରୁ, ମଇଁଷି, ଛେଳି, ମେଣ୍ଢାଙ୍କର ଏହା ପ୍ରମୁଖ ଖାଦ୍ୟ । ତେବେ ଏଥିରୁ ମଦ ପ୍ରସ୍ତୁତ ହେଉଥିବାରୁ ସରକାର ରାଜସ୍ୱ ପାଇଥାନ୍ତି । ମହୁଲ ଫୁଲ ଅବକାରୀ ବିଭାଗ ଅଧୀନରେ ଯାଉଛି, ତେଣୁ ମହୁଲ କିଣାବିକା ଓ ସାଇତି ରଖିବା ପାଇଁ ଜିଲାପାଳଙ୍କ ମାଧ୍ୟମରେ ଲାଇସେନ୍ସ ଯୋଗାଇ ଦିଆଯାଇଥାଏ । ସରକାରୀ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିମାନେ ଏହି ମହୁଲ ଫୁଲ କିଣିଥାନ୍ତି । ଏହାର ବ୍ୟବହାର ପାଇଁ ଅନ୍ୟାନ୍ୟ ସୁବିଧା ନ ଥିବାରୁ ମହୁଲ ଗୋଟାଳି ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି । ଅଧିକାଂଶ ମହୁଲ ଫୁଲ ଗୋଟାଳି କେଜି ପ୍ରତି ୨୫ରୁ ୩୦ ଟଙ୍କାରେ ବେପାରୀଙ୍କୁ ବିକ୍ରି କରୁଥିବାରୁ ସେମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ମିଳୁ ନ ଥିବା ପ୍ରକାଶ କରିଛନ୍ତି ।

# ମୁଣ୍ଡାଗାଁରେ କଳାକାର ସମାବେଶ



କଳାକାର ସମାବେଶ ଅବସରରେ ମଞ୍ଚାସୀନ ଅତିଥି ଗଣ ।

ବେଲପଡା,୩୧।୩(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ମୁଣ୍ଡା ଗାଁରେ କୋଶଲୀ ଲୋକକଳା ସାଂସ୍କୃତିକ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ ଉପଲକ୍ଷେ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ବେଲପଡା ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ଦାସ ଓ ମୁଖ୍ୟବକ୍ତା ଭାବରେ ବେଲପଡା ଏବିଡିଓ ସାରଥି ସାହୁ ଯୋଗଦେଇ କଳା ଓ କଳାକାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜୟ ଧରୁଆ, ବ୍ଲକ ଉପାଧ୍ୟକ୍ଷ ଦୁର୍ଯୋଧନ କୁମ୍ଭାର, ବେଲପଡା ନାଏବ ସରପଞ୍ଚ ଅମ୍ବିକା ମେହେର ଏବଂ ବାଲିଖମାର ସରପଞ୍ଚ ମଞ୍ଚାସୀନ ଥିଲେ । କୋଶଲାଞ୍ଚଳର ଭାଷା, ସାହିତ୍ୟ, ଐତିହ୍ୟ ,କଳା, ସଂସ୍କୃତି, ପରମ୍ପରା ଓ ଲୋକ କଳାକୁ ବଞ୍ଚାଇ ରଖିବା ପାଇଁ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବେଲପଡା କଳା ଆଞ୍ଚଳିକ ସାଧନ ଗୃହରେ ଏକ ପାଇଖାନା ଓ ଷ୍ଟେଜ ନିର୍ମାଣ ପାଇଁ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ କୁମ୍ଭାର ପ୍ରତଶ୍ରୁତି ଦେଇଥିଲେ । ସେହିପରି ଜିଲା ପରିଷଦ ସଭ୍ୟ ଧରୁଆ ଅମୃତଧାରା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଭାପତି ନରେନ୍ଦ୍ର ମେହେର, ସମ୍ପାଦକ ଜବାହରଲାଲ ସାହୁ,କୋଷାଧ୍ୟକ୍ଷ ହଜାରି ମେହେର,କାର୍ଯ୍ୟକାରୀ ସଭାପତି ଯୋଗିନ୍ଦ୍ର ମେହେର,ଉପଦେଷ୍ଟା କପୁରଚନ ଛତ୍ରିଆ,ଶ୍ୟାମ ସୁନ୍ଦର ମେହେର, ଦୀନବନ୍ଧୁ ଥନାପତି ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ହରେକୃଷ୍ଣ ବାରିକ ଧନ୍ୟବାଦ ଦେଇଥିଲେ ।

# ଟିଟିଲାଗଡ଼ରେ ସାମୂହିକ ବ୍ରତୋପନୟନ



ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଉଛି ।

ଟିଟିଲାଗଡ଼, ୩୧।୩(ଶରତ ମିଶ୍ର)

ଟିଟିଲାଗଡ ବ୍ରାହ୍ମଣ ସମାଜ ପକ୍ଷରୁ ସୋମବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ରବିବାର ଚାରିକର୍ମ ହୋଇଥିଲା । ଏଥିରେ ୧୨ ଜଣ ବ୍ରାହ୍ମଣ ପିଲା ଉପନୟନ ସଂସ୍କାର ଗ୍ରହଣ କରିଥିଲେ । ମୁଖ୍ୟ ଆଚାର୍ଯ୍ୟ ମନ୍ଦରଧର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ଶରତ ଚନ୍ଦ୍ର ମିଶ୍ର, ବିନାୟକ ଷଡ଼ଙ୍ଗୀ, ରୂପକ ନାୟକ, ରାଜକିଶୋର ପୁରୋହିତ, ଡୋଲାମଣି ମିଶ୍ର, ରାଜୁ ଦାଶ, ପ୍ରଦୀପ ପାଢ଼ୀ, ପ୍ରଫୁଲ୍ଲ ହୋତା, ଶୋଭାକର ପୁରୋହିତ, କାହ୍ନୁଚରଣ ମିଶ୍ର ବ୍ରତୋପନୟନ କାର୍ଯ୍ୟ ନିର୍ବାହ କରିଥିଲେ । ବ୍ରାହ୍ମଣ ସମାଜ ସଭାପତି ସୁବୋଧ ଦାଶ, ସମ୍ପାଦକ ସତ୍ୟବ୍ରତ ପଣ୍ଡା, ଉପସଭାପତି ରାମନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଶୁକଦେବ ଯୋଷୀ, କୋଷାଧ୍ୟକ୍ଷ ରମାନାଥ ଖମାରୀ, କାର୍ଯ୍ୟକାରିଣୀ ସଭ୍ୟ ମୀନକେତନ ମିଶ୍ର, ମାନସ ପାଣି, ବନମାଳୀ ଦାଶ, ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ସୁଶିଲ ମିଶ୍ର, ଭୂପତି ମିଶ୍ର, କିଶୋର ମହାପାତ୍ର, ଅମୂଲ ପଣ୍ଡା ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ । ଟିଟିଲାଗଡ଼ ବିଧାୟକ ନବୀନ ଜୈନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ବେସରକାରୀ ଅଧ୍ୟାପକ ସଂଘ ପକ୍ଷରୁ ଯୁକ୍ତ ୨ ଖାତା ମୂଲ୍ୟାଙ୍କନ ବର୍ଜନ ନିଷ୍ପତ୍ତି

ପାଟଣାଗଡ,୩୧।୩
(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଭଇଁଷା ଗ୍ରାମଠାରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଯୁକ୍ତ ଦୁଇ ଖାତାଦେଖା ମୂଲ୍ୟାଙ୍କନ ବର୍ଜନ ପାଇଁ ସୋମବାର ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାଶ ଦେଇଥିବା ନିର୍ଦ୍ଦେଶ ମୁତାବକ ଆସନ୍ତା ଏପ୍ରିଲ ୨ ତାରିଖରୁ ହେବାକୁ ଥିବା ଯୁକ୍ତ ଦୁଇ ଖାତା ମୂଲ୍ୟାଙ୍କନକୁ ବର୍ଜନ କରିବାକୁ ସମସ୍ତେ ଏହି ବୈଠକରେ ନିଷ୍ପତ୍ତି ନେଇଥିଲେ । ପରେ ଏଥିପାଇଁ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ଜମା ଟଙ୍କା ଉଠାଣ ପାଇଁ ହଟହଟା

ଲୋଇସିଂହା,୩୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ କେନ୍ଦ୍ର ସମବାୟ ବ୍ୟାଙ୍କର ବିଚିତ୍ର ନୀତି ଯୋଗୁ ହିତାଧିକାରୀ ହଟହଟା ହେଉଥିବା ଅଭିଯୋଗ ହୋଇଛି । ଚାଷୀ ତଥା ଗ୍ରାହକ ବ୍ୟାଙ୍କକୁ ଜମା ଟଙ୍କା ଉଠାଣ ପାଇଁ ଗଲେ ପ୍ରଥମେ ଋଣ ଶୁଝ ତାପରେ ଟଙ୍କା ଉଠାଇ ପାରିବ ବୋଲି କୁହାଯାଉଛି । ଏହାକୁ ନେଇ ବ୍ୟାଙ୍କ ଗ୍ରାହକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି ।

ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଆଗଲାପାଲି ଗ୍ରାମର ରଘୁନାଥ ମହାକୁର ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ଜଣେ ଋଣୀ ଚାଷୀ । ସେ ଚଳିତ ଖରଫରେ ଏହି ପାକ୍ସରେ ଧାନବିକ୍ରି କରିଥିଲେ । ଲୋଇସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଜମା ଖାତାରେ ତାଙ୍କର ଧାନ ବିକ୍ରି ବାବଦକୁ ୧ଲକ୍ଷ ୧୩ ହଜାର ଟଙ୍କା ଜମା ହୋଇଛି । ନିକଟରେ ରଘୁନାଥ ଧାନବିକ୍ରି ଜମା ଟଙ୍କାରୁ ୫୦ ହଜାର ଟଙ୍କା ଉଠାଣ ପାଇଁ ବ୍ୟାଙ୍କକୁ ଯାଇଥିଲେ । କିନ୍ତୁ ତାଙ୍କୁ ପୂର୍ବରୁ ଚାଷ ପାଇଁ ନେଇଥିବା ଋଣ ବାବଦକୁ ୨୦ ହଜାର ଟଙ୍କା ପ୍ରଥମେ ବାନ୍ଧିବାକୁ କୁହାଯାଇଥିଲା । ସେ ଡିଫଲ୍ଟର ନଥିବା ଏବଂ ନିୟମିତ ଋଣ ପରିଶୋଧ କରୁଥିବା କହିଥିଲେ ବି ଟଙ୍କା ଉଠାଇବାକୁ ସୁଯୋଗ ଦିଆଯାଇ ନ ଥିଲା । ଏପରି କି ପାକ୍ସ ସମ୍ପାଦକଙ୍କୁ ଉପରୋକ୍ତ ସମସ୍ୟା ଜଣାଇଥିଲେ ସୁଦ୍ଧା ସେ ନିଜର ଅସହାୟତା ପ୍ରକାଶ କରିଥିବା ଚାଷୀ ରଘୁନାଥ କହିଛନ୍ତି । ପାରିବାରିକ ସମସ୍ୟା ଥିଲେ ସୁଦ୍ଧା ଆବଶ୍ୟକ ସମୟରେ ବ୍ୟାଙ୍କରୁ ଜମା ଟଙ୍କା ଉଠାଣ ହୋଇ ପାରୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । କେବଳ ରଘୁନାଥ ନୁହେଁ ଅନେକ ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ଲୋଇସିଂହା ବିଡିଓ ମହାପାତ୍ର କୁଳଦୀପ ମହାନ୍ତିଙ୍କୁ ପଚାରିବାରେ ଡିଫଲ୍ଟର ହୋଇ ନ ଥିଲେ ଟଙ୍କା ଦେବା କଥା । କ’ଣ ନିୟମ ରହିଛି ଦେଖିଲେ ଜଣାପଡିବ । ତେବେ ଚାଷୀଙ୍କ ସୁବିଧା ପାଇଁ ମ୍ୟାନେଜରଙ୍କୁ ସହ କଥା ହେବି ବୋଲି ସେ କହିଥିଲେ । ଏଥିପ୍ରତି ଜିଲା ପ୍ରଶାସନ କିମ୍ବା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ବୋର୍ଡ ସଭାପତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବରଗଡ଼ ୟୁନାଇଟେଡ୍ ଚାମ୍ପିୟନ

ବଲାଙ୍ଗୀର,୩୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

### ମହାରାଜ ଆର୍ଏନ୍ ସିଂଦେଓ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ମହାରାଜ ଆରଏନ୍ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କରି ବରଗଡ ୟୁନାଇଟେଡ୍ ଦଳ ୨-୧ ଗୋଲରେ ଭବାନୀପାଟଣା ଇଭିନିଂ ଏଫ୍‌ସିକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି।

ମହାରାଜ ଆରଏନ୍ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟ କମିଟି ଏବଂ ଜିଲା କ୍ରୀଡା ସଂସଦ ମିଳିତ ସହଯୋଗରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ବରଗଡ ୟୁନାଇଟେଡ୍ ଏଫ୍‌ସି ଏବଂ ଭବାନୀପାଟଣା ଇଭିନିଂ ଏଫ୍‌ସି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ମଧ୍ୟାନ୍ତର ସୁଦ୍ଧା ବରଗଡ ଦଳ ୧-୦ ଗୋଲରେ ଆଗୁଆ ଥିଲା। ଖେଳ ଦ୍ୱିତୀୟାର୍ଦ୍ଧରେ ଦ୍ୱିତୀୟ ଗୋଲ ସ୍କୋର କରି ବରଗଡ ଦଳ ୨-୦ ଗୋଲରେ ଆଗୁଆ ରହିଥିଲେ। ଖେଳ ସାରିବାକୁ ଆଉ ଦୁଇ ମିନିଟ୍ ବାକି ଥିବାବେଳେ ଭବାନୀପାଟଣା ଦଳ ଏକ ଚମତ୍କାର ଗୋଲ ସ୍କୋର କରି ଗୋଲ ବ୍ୟବଧାନକୁ ୨-୧ରେ ରଖିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ବିଜେତା ବରଗଡ ଦଳକୁ ଚାମ୍ପିୟନ ଟ୍ରଫି ସହ ୩୧ ହଜାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉପବିଜେତା ଭବାନୀପାଟଣା ଦଳକୁ ରନର୍ସଅପ୍ ଟ୍ରଫି ସହ ୨୧ ହଜାର ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଗଣମାଧ୍ୟମ ପ୍ରତିନିଧି ମନୋରଞ୍ଜନ ଯୋଷୀ, କ୍ରୀଡା ସଂସଦ ସାଧାରଣ ସମ୍ପାଦକ ତଥା ରାଜ୍ୟ ଅଲମ୍ପିକ ଆସୋସିଏସନ ଯୁଗ୍ମ ସମ୍ପାଦକ ହରିନାରାୟଣ ପୂଜାରୀ, ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଅନ୍ତର୍ଜାତୀୟ ପୂର୍ବତନ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ, କ୍ରୀଡା ସଂସଦ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ଉପସଭାପତି ଶମ୍ଭୁ ନାଗ, ସମ୍ପାଦକ ସାଗର ସଙ୍ଗମ ଶତପଥୀ ଓ କୋଷାଧ୍ୟକ୍ଷ ଜିତେନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ।

କ୍ରୀଡା ସଂସଦ କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଖେଳକୁ ସଞ୍ଜୀବ ମହାରଣା, ଜିତେନ୍ଦ୍ର ପାତ୍ର, ସଞ୍ଜିନ କୁଦେଇ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ । କ୍ରୀଡା ସଂସଦ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ପୂର୍ବତନ ଖେଳାଳି ନିରେନ୍ଦ୍ର ମହାନ୍ତି, ଶିବାନନ୍ଦ ବାଗ, ଭୂପେନ୍ଦ୍ର ସିଂ ଓ ରାଜେଶ ଭୋଇଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ବିଭୂତିଭୂଷଣ ମିଶ୍ର, ବୀରସେନ ସାହୁ, ଚିନ୍ମୟ ସାହୁ ଓ ଡୋଲାମଣି ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରେଷ୍ଠ ଗୋଲ କିପର ଭାବେ ସିଦ୍ଧାନ୍ତ ପଧାନ, ଶ୍ରେଷ୍ଠ ଡିଫେଣ୍ଡର ବିଶାଳ ଟିଗାର, ଶ୍ରେଷ୍ଠ ଅଫେନ୍ସ ପପୁ ମାଝି, ବେଷ୍ଟ ରାଇଜିଂ ସୁମନ ଓରାମ, ମ୍ୟାନ ଅଫ୍ ଦ ମ୍ୟାଚ ଭାବେ ସଞ୍ଜୀବ ଖରା ଓ ମ୍ୟାନ ଅଫ୍ ଦ ସିରିଜ ଦୀପକ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା । କମିଟି ଉପସଭାପତି ଶମ୍ଭୁ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥିମାନେ ଚାମ୍ପିୟନ ବରଗଡ ୟୁନାଇଟେଡ୍ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ଭାରସାମ୍ୟ ହରାଇ ଓଲଟି ପଡ଼ିଲା ଟ୍ରକ୍



କଣ୍ଟାବାଞ୍ଜି,୩୧।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ତୁରେକେଲା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ନିକଟରେ ସୋମବାର ଅପରାହ୍ଣରେ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି । କଣ୍ଟାବାଞ୍ଜି ତୁରେକେଲା ପିଚ୍ଚୁଡି ରାସ୍ତାରେ ଏହି ଦୁର୍ଘଟଣା ହୋଇଛି । କୌଣସି ଅଘଟଣ ହୋଇ ନ ଥିବା ବେଳେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

# ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା

ଖପ୍ରାଖୋଲ,୩୧।୩(ଅଭୟ ତ୍ରିପାଠୀ)



ସମାବେଶରେ ମଞ୍ଚାସୀନ ଅତିଥି ।

ସ୍ଥାନୀୟ ନିୟନ୍ତ୍ରିତ ବଜାର ଉପକେନ୍ଦ୍ର ପରିସରରେ ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଗୁଣମଣି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶ ରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ଡା. ସପ୍ନେଶ୍ୱର ନାଏକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ମୋହନ ସୁନା, ନରେନ୍ଦ୍ର ଭୋଇ, ଗୋପାଳ ସାହୁ, ବବ୍ରୁ ସାହୁ, ହରିହର ପ୍ରଧାନ, ସତ୍ୟାନନ୍ଦ ସେଦ୍ରିଆ, ସାଗର ବରିହା ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ ଆୟବ୍ୟୟ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଖପ୍ରାଖୋଲଠାରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ଖୋଲିବା ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ମୋହନ ସୁନା ପରିଚାଳନା କରିଥିବା ବେଳେ ସମ୍ପାଦକ ଶ୍ରୀପତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାକଡ଼ ଗଛ ନଷ୍ଟକଲେ ଦୁର୍ବୃତ୍ତ

ବଲାଙ୍ଗୀର,୩୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

### ଥାନାରେ ଅଭିଯୋଗ କଲେ ସାଗୁଆ ବଲାଙ୍ଗୀରର ପରିବେଶ କର୍ମୀ



ସାଗୁଆ ବଲାଙ୍ଗୀରର ପରିବେଶ କର୍ମୀମାନେ ଟାଉନ ଥାନାକୁ ଅଭିଯୋଗ କରିବା ପାଇଁ ଆସିଛନ୍ତି ।

ବଲାଙ୍ଗୀର ସହରରେ ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଥିବା ଜଣାପଡିଥିଲା। ସହରର ସଦାଇପାଲି ରିଂରୋଡ୍ କଡରେ ଲଗାଯାଇଥିବା ପ୍ରାୟ ୬୦ଟି ଗଛକୁ କେହି ଦୁର୍ବୃତ୍ତ ଛାରଖାର କରିଦେଇଥିବା ଦେଖାଯାଇଥିଲା।

ଖରାଦିନରେ ବଲାଙ୍ଗୀର ସହରରେ ଅହେତୁକ ତାପମାତ୍ରା ବୃଦ୍ଧି ଜନଜୀବନକୁ ଅସ୍ତବ୍ୟସ୍ତ କରିଆସୁଛି। ବଲାଙ୍ଗୀର ସମେତ ପଶ୍ଚିମ ଓଡିଶାର ଅନେକ ଅଞ୍ଚଳ ଉତ୍ତପ୍ତ କଡ଼େଇ ପାଲଟି ଯାଉଛି। ଜଳବାୟୁ ପରିବର୍ତ୍ତନ ଏବଂ କ୍ରମାଗତ ଜଙ୍ଗଲ ହ୍ରାସ ଅହେତୁକ ତାପମାତ୍ରା ବୃଦ୍ଧିର କାରଣ ପାଲଟିଛି। ଏଭଳି ସମୟରେ ବ୍ୟାପକ ବୃକ୍ଷରୋପଣ ଏବଂ ଜଙ୍ଗଲ ସୁରକ୍ଷା ଉପରେ ଜୋର ଦିଆଯାଇଆସୁଛି। ଏହି କ୍ରମରେ ଗତ ପ୍ରାୟ ୯ ମାସ ତଳେ ବଲାଙ୍ଗୀରରେ ଗଢ଼ି ଉଠିଥିଲା ସାଗୁଆ ବଲାଙ୍ଗୀର ନାମକ ପରିବେଶ ସଚେତନତା ସଙ୍ଗଠନ। ସାଗୁଆ ବଲାଙ୍ଗୀର ଅଭିଯାନ ପକ୍ଷରୁ ବହୁ ସ୍ୱେଚ୍ଛାସେବୀ ଓ ପରିବେଶ କର୍ମୀ ୯ ମାସ ତଳେ ବଲାଙ୍ଗୀର ସହରର ବିଭିନ୍ନ ରାସ୍ତାକଡ଼ରେ ଗଛ ଲଗାଇ ବୃକ୍ଷ ହିଁ ଜୀବନର ବାର୍ତ୍ତା ଦେଇଥିଲେ। ପ୍ରଥମେ ବଲାଙ୍ଗୀର-ସମ୍ବଲପୁର ଜାତୀୟ ରାଜପଥର ଚେକ୍‌ଗେଟ ସମ୍ମୁଖରୁ ସଦାଇପାଲି ଯାଇଥିବା ରିଂରୋଡ କଡରେ ସ୍ୱେଚ୍ଛାସେବୀ, ସ୍କୁଲ ଛାତ୍ରୀଛାତ୍ରମାନେ ନିଜସ୍ୱ ଉଦ୍ୟମରେ ଶତାଧିକ ଗଛ ଲଗାଇଥିଲେ। ଏହି ରାସ୍ତାକଡରେ ଲଗାଇଥିବା ଗଛ ମଧ୍ୟରୁ ପ୍ରାୟ ୬୦ଟି ଗଛକୁ କେହି ଦୁର୍ବୃତ୍ତ ଉପାଡ଼ି, କାଟି ଛାରଖାର କରିଦେଇଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ଏପରି କି ସେହି ସବୁ ଗଛର ସୁରକ୍ଷା ବାଡ଼କୁ ମଧ୍ୟ ଭାଙ୍ଗି ଫିଙ୍ଗି ଦେଇଥିଲେ। କିଏ ଓ କେଉଁ ଉଦ୍ଦେଶ୍ୟରେ ଏଭଳି ଅସାମାଜିକ କାର୍ଯ୍ୟ କରିଛନ୍ତି ତାହା ଜଣାପଡିନାହିଁ। ସୋମବାର ସକାଳେ ସାଗୁଆ ବଲାଙ୍ଗୀରର ପରିବେଶ କର୍ମୀମାନେ ପ୍ରତିଦିନ ଭଳି ଆଜି ମଧ୍ୟ ସେଇ ସବୁ ଗଛରେ ପାଣି ଦେବାକୁ ଯାଇଥିବା ବେଳେ ରିଙ୍ଗ୍‌ରୋଡ କଡରେ ଲଗାଯାଇଥିବା ଗଛଗୁଡିକ ନଷ୍ଟ କରାଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତଙ୍କ ଏଭଳି କାଣ୍ଡ ଦେଖି ସାଗୁଆ ବଲାଙ୍ଗୀରର ପରିବେଶ କର୍ମୀମାନେ ମର୍ମାହତ ହୋଇପଡିଥିଲା। ସେଠାରୁ ବଲାଙ୍ଗୀର ଟାଉନ ଥାନାକୁ ଆସି ଘଟଣା ସମ୍ପର୍କରେ ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ବଲାଙ୍ଗୀରର ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ପରିବେଶ କର୍ମୀମାନେ ଆଇଆଇସି ସାହୁଙ୍କ ସହ ଆଲୋଚନା କରି ଉପକଣ୍ଠ ରାସ୍ତା ଗୁଡିକରେ କିଭଳି ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଇଛନ୍ତି ଓ ସେମାନଙ୍କ ଭୟରେ ଲୋକେ ଯିବା ଆସିବା କରିବାକୁ ଭୟ କରୁଛନ୍ତି କହିଥିଲେ। ସାମୁହିକ ଉଦ୍ୟମରେ ଲଗାଯାଇଥିବା ଗଛକୁ ନଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସାଗୁଆ ବଲାଙ୍ଗୀର ପକ୍ଷରୁ ବିନୋଦ କୁମାର ମହାନ୍ତି, କୁଳମଣି ସାହୁ, ଲମ୍ବୋଦର ପଧାନ, ଗୋପାଳ ଚରଣ ମିଶ୍ର, ସଞ୍ଜୀବ କୁମାର ସାହୁ, ବିଶେଶ୍ୱର ମିଶ୍ର, ସତ୍ୟରଞ୍ଜନ ମିଶ୍ର, ସୁନୀଲ କୁମାର ମିଶ୍ର, ଜୟପ୍ରକାଶ ନାରାୟଣ ପୁରୋହିତ, ପ୍ରଦୀପ ମହାନ୍ତି, ଆଦିତ୍ୟ କୁମାର ମିଶ୍ର, ରାଜେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

**ରାଷ୍ଟ୍ରୀୟ ନବବର୍ଷରେ ପଣା ବଣ୍ଟନ**

**କୁଆଁରମୁଣ୍ଡା(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କଚାରୁ ପଞ୍ଚାୟତ ସିଆଲଜୋର ଜଟିଆ ବାବା ମନ୍ଦିରରେ ରବିବାର ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଚାରୁ ପଞ୍ଚାୟତ ସରପଞ୍ଚ ଝୁବା ଟପ୍ପୋ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଗୁରୁଚରଣ ସାହୁ, ସୁବାସ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ମହିଳାଙ୍କ ଗଳିତ ମୃତଦେହ

**ଟେନସା,୩୧।୩(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ମାଳଦା ନିକଟସ୍ଥ ଜଙ୍ଗଲରୁ ସୋମବାର ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତଦେହଟି ଉଲଗ୍ନ ଥିବାବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଖବର ଲେଖାହେବା ସୁଦ୍ଧା ମହିଳାଙ୍କ ପରିଚୟ ମିଳିନାହିଁ। କୋଇଡା ଥାନାରେ ଅପମୃତ୍ୟୁ ମାମଲା କେସ୍ ନଂ.୪/୨୫ ରୁଜୁ ହୋଇଛି। ମଙ୍ଗଳବାର ରାଉରକେଲାରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିବ। ସୋମବାର ଅପରାହ୍ନରେ ମାଳଦା ଗ୍ରାମର ଲୋକେ ଜଙ୍ଗଲକୁ କାଠ ଆଣିବାକୁ ଯିବାବେଳେ ମୃତ ଦେହ ପଡିଥିବା ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ। କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁଆର ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ।

### ଅଗ୍ରଣୀ ଚାଷୀଙ୍କ ଦେହାନ୍ତ

**ବଡ଼ଗାଁ,୩୧।୩(ଅଶୋକ ଷଡ଼ଙ୍ଗୀ) :** ବଡ଼ଗାଁ ବ୍ଲକ ଏକମା ଗ୍ରାମର ଅଗ୍ରଣୀ ଚାଷୀ ଗଣେଶ ରାମ ସିଂ ଠାକୁର (୭୮)ଙ୍କ ରବିବାର ରାତିରେ ନିଜ ବାସଭବନରେ ଦେହାନ୍ତ ହୋଇଛି। ସେ ବଡ଼ଗାଁ ବ୍ଲକର ଜଣେ ଅଗ୍ରଣୀ ଚାଷୀ ତଥା ସଙ୍ଗଠକ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟାରେ ତାଙ୍କର ଝିଅ ରେଶମା ବିଶି ଓ ସପରିବାର ଉପସ୍ଥିତ ଥିଲେ। ଗତକିଛି ମାସ ହେଲା ଗଣେଶ ରାମ ଲିଭର ସିରୋସିସ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ୨୦୧୦ରେ ହୋଇଥିବା ମରୁଡ଼ି ସହାୟତା ପାଇବାରୁ ବଡ଼ଗାଁ ବ୍ଲକ ବଞ୍ଚିତ ହୋଇଥିଲା। ସେତେବେଳେ ସ୍ୱର୍ଗତ ଗଣେଶ ରାମ ସିଂ ଠାକୁର ଓ ସ୍ୱର୍ଗତ ଲଳିତ ମୋହନ ପୁରୋହିତ ଚାଷୀଙ୍କ ନେତୃତ୍ୱ ନେଇଥିଲେ ଓ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ବିୟୋଗରେ ବଡ଼ଗାଁ ତଥା ଜିଲାର ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି।

# ରୋଗୀ ଦେଖୁଛନ୍ତି ଏଏନ୍‌ଏମ୍, ରେଫର କରୁଛନ୍ତି ତଳିଆ କର୍ମଚାରୀ

**ବରଙ୍ଗାକଛାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଚିତ୍ର ସ୍ୱାସ୍ଥ୍ୟସେବା**

ବଡ଼ଗାଁ,୩୧।୩(ଅଶୋକ ଷଡ଼ଙ୍ଗୀ)

ମାସର ଅଧିକାଂଶ ଦିନ ଡାକ୍ତରଖାନାକୁ ଡାକ୍ତର ଆସୁନାହାନ୍ତି। ଫଳରେ ଡାକ୍ତରଙ୍କ ସ୍ଥାନରେ ତଳିଆ କର୍ମଚାରୀ ଚିକିତ୍ସା କରୁଛନ୍ତି। ରୋଗୀଙ୍କୁ ଏଏନ୍‌ଏମ୍ ଔଷଧ ଚିଠା ଲେଖି ଦେବା ଓ ସେହି ରୋଗୀଙ୍କୁ ଡାକ୍ତରଖାନାର ଜଣେ ତଳିଆ କର୍ମଚାରୀ ଡାକ୍ତରଙ୍କ ଜାଲିଆତି ଦସ୍ତଖତ ଦେଇ ରେଫର କରିବା ଭଳି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିଛି। ଏଭଳି ଘଟଣା ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଛି। ଏହା ଜଣାପଡିବା ପରେ ଡାକ୍ତରଖାନାର ଜେଏଏସ ମେମ୍ବର ସତ୍ୟବାନ ବିଶି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ଜେନାଙ୍କୁ ଲିଖିତ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ଡାକ୍ତରଖାନାରେ ଗତ ୬ ମାସ ହେଲା ପାଣି ସମସ୍ୟା ଲାଗି ରହିଛି। ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀ ଥିଲାବେଳେ ଓ ଅଂଶୁଘାତ ପାଇଁ ସରକାର ସତର୍କ କରୁଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଦେଖାଦେଇଛି। ସେହିପରି ଡାକ୍ତର ମାସର ଅଧିକାଂଶ ଦିନ ଅନୁପସ୍ଥିତ ରହୁଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ତଳିଆ କର୍ମଚାରୀ ଔଷଧ ଚିଠା ଲେଖିବା ଓ ଡାକ୍ତରଙ୍କ ଜାଲ ଦସ୍ତଖତ ଦେଇ ରେଫର କରାଯାଇଥିବା ଭଳି ସାଂଘାତିକ ଅଭିଯୋଗ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ଜେନାଙ୍କୁ ପଚାରିବାରୁ, ତଳିଆ କର୍ମଚାରୀ ଔଷଧ ଚିଠା ଲେଖିଥିବା ଓ ଜାଲ ଦସ୍ତଖତ ଦେଇ ରେଫର କରାଯାଇଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଜଣେ ଏଏନ୍‌ଏମ୍ ଔଷଧ ଚିଠା ଲେଖିଥିବା ଓ ଜଣେ ତଳିଆ କର୍ମଚାରୀ ଡାକ୍ତରଙ୍କ ଜାଲ ଦସ୍ତଖତ ଦେଇ ରେଫର କରିଥିବା ଜଣାପଡ଼ିଛି। ଏହାକୁ ନେଇ ତଦନ୍ତ ଚାଲିଥିବା କହିଛନ୍ତି। ଦେଖା ଦେଇଥିବା ପାଣି ସମସ୍ୟା ଦୂର କରାଯାଇଥିବା ସୂଚନା ଦେଇଛନ୍ତି।

# ଜିଲା ସ୍ତରୀୟ ଆମନ୍ତ୍ରିତ ସିପକଟାକ୍ରୋ ପ୍ରତିଯୋଗିତା

ସୁନ୍ଦରଗଡ,୩୧।୩(ଜୟ ନାରାୟଣ ମେଣ୍ଡୁଲି)



ଉପସ୍ଥିତ ଖେଳାଳିମାନେ।

ସୁନ୍ଦରଗଡ ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଏକ ଦିବସୀୟ ଜିଲା ସ୍ତରୀୟ ଆମନ୍ତ୍ରିତ ସିପକଟାକ୍ରୋ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ ଜିଲା ପୋଲିସ ମଧ୍ୟ ଉକ୍ତ ଖେଳକୁ ପ୍ରାଧାନ୍ୟ ଦେଇ ଆଗକୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଆରକ୍ଷୀ ନିରିକ୍ଷକ ଲୋକନାଥ ଭୋଇ, ସବ ଇନ୍ସପେକ୍ଟର ବସନ୍ତ କୁମାର ଗିରି ଉପସ୍ଥିତ ରହି ଏହି ସିପକଟାକ୍ରୋ ଖେଳର ମଜା ନେଇଥିଲେ। ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲର ସମ୍ପାଦକ ଲିପ୍ସା ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇ ଉକ୍ତ ଖେଳ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ନିକଟରେ ବିଶ୍ୱକପ ସିପକଟାକ୍ରୋ ପ୍ରତିଯୋଗିତା ବିହାର ରାଜ୍ୟର ପାଟଣା ପାଟଳିପୁତ୍ର ଇଣ୍ଡୋର୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆ ପୁରୁଷ ଦଳ ବିଶ୍ୱକପ ଚାମ୍ପିୟନ ହୋଇ ସାରା ଦେଶର ଗୌରବ ଆଣିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭବିଷ୍ୟତରେ ଓଡ଼ିଶା ପୋଲିସ ଦଳରେ ସୁନ୍ଦରଗଡ ଜିଲା ପୋଲିସ ମଧ୍ୟ ଅଂଶ ଗ୍ରହଣ କରିବାର ଆୟୋଜନ ରହିଛି। ଏଥିପାଇଁ ସୁନ୍ଦରଗଡ ଜିଲାରେ ଏକ ଦିବସୀୟ ଆମନ୍ତ୍ରିତ ସିପକଟାକ୍ରୋ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଖେଳ ଦେଖି ପୋଲିସ ବିଭାଗ ଉତ୍ସାହିତ ହୋଇ ଆଗକୁ ଓଡ଼ିଶା ପୋଲିସ ଦଳରେ ଅଂଶ ଗ୍ରହଣ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଆରକ୍ଷୀ ଅଧୀକ୍ଷକ ଆଶା ପ୍ରକାଶ କରିଥିଲେ। ସୁନ୍ଦରଗଡ ଜିଲା ପୋଲିସ ବିଭାଗ ଆୟୋଜନ କରିଥିବାବେଳେ ସୁନ୍ଦରଗଡ ଜିଲା ସିପକଟାକ୍ରୋ ସଂଘ ଏବଂ ଜନ ସେବା ସମିତି ଯୋଗୀମାଲ ଅନୁଷ୍ଠାନ ଏହାକୁ ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରଯାଇଥିଲା । ବିଭିନ୍ନ ଅଞ୍ଚଳରୁ ୮ ଟି ଦଳ ଯୋଗଦାନ କରି ନିଜ ଦକ୍ଷତା ଦେଖାଇଥିଲେ। ଶିକ୍ଷକ ଶେଷଦେବ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘ ସଭାପତି ସିଦ୍ଧାର୍ଥ ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ। ସୁନୀଲ କୁମାର ଭୋଇ ଓ ଆକାଶ ପଧାନ ଖେଳ ପରିଚାଳନା କରିଥିବା ବେଳେ ମାନସ କୁମାର ପଟେଲ, ସୁମନ୍ତ କୁମାର ପଟେଲ, ରୂପକ କୁମାର ପ୍ରସାଦ ସୁଶାନ୍ତ କୁମାର ଷଡଙ୍ଗୀ ସହଯୋଗ କରିଥିଲେ ।

# ଓ. ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି

## ୩ ଶହରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ



ଓ. ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଟେନସା,୩୧।୩(ସମୀର କୁମାର ପାଢ଼ୀ) ବିଶିଷ୍ଟ ଶିଳ୍ପପତି ଏବଂ ଓ. ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବାଉଜୀ ଭାବେ ବେଶ ଲୋକପ୍ରିୟ ଓମ ପ୍ରକାଶ ଜିନ୍ଦଲଙ୍କ ବିଂଶତମ ପୁଣ୍ୟତିଥି ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ପାଳିତ ହୋଇଛି। ମାର୍ଚ୍ଚ ୩୧ ତଥା ତାଙ୍କ ପୁଣ୍ୟ ତିଥିରେ ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳରେ ଆଧାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁଣ୍ୟତିଥି ପାଳନ ଅବସରରେ କଲୋନି ପରିସର ମନ୍ଦିରରେ ପୂଜା ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ ପୁରୁଷୋତ୍ତମ ଏମ ଡି, କାଶିଆ ମାଇନ୍ସ ୟୁନିଟ ହେଡ ପ୍ରମୋଦ କୁମାର ପାତ୍ର, ଟେନସା ମାଇନ୍ସ ୟୁନିଟ ହେଡ ରଘୁରାଜ ରଘୁବଂଶୀ ଓ ଏଚଆର ଆଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ପୁଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିନ୍ଦଲ ନଗରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଓପି ଜିନ୍ଦଲଙ୍କ ସ୍ମୃତି ଚାରଣ କରିଥିଲେ। ସମସ୍ତ ୩ଟି ୟୁନିଟରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପେଲେଟ ପ୍ଲାଣ୍ଟ ଓ କାଶିଆ ମାଇନ୍ସରେ କେନ୍ଦୁଝର ଓ ଟେନସା ମାଇନ୍ସରେ ସୁନ୍ଦରଗଡ଼ ଜିଲା ବ୍ଲଡବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୩ଶହରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କର୍ମଚାରୀଙ୍କ ସମେତ ପାରିପାର୍ଶ୍ୱିକ ଅଞ୍ଚଳର ଲୋକେ ମଧ୍ୟ ଉତ୍ସାହର ସହ ରକ୍ତଦାନ କରିଥିଲେ। ସମାଜ ପ୍ରତି ଜିନ୍ଦଲ ଷ୍ଟିଲର ଉତ୍ତର ଦାୟିତ୍ୱ ଏହି ଶିବିର ମାଧ୍ୟମରେ ପ୍ରତିଫଳିତ ହୋଇଥିଲା। ସେହିପରି ଲେଡିଜ କ୍ଲବ ପକ୍ଷରୁ ଟାଉନଶିପରେ ଏକାଧିକ ସ୍ମୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ଓ ବିଜନେସ ଆସୋସିଏଟ୍ସ ସାମିଲ ହୋଇଥିଲେ। ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ ଓପି ଜିନ୍ଦଲଙ୍କୁ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଶାନ୍ତ ହୋତା, ପ୍ରେସିଡେଣ୍ଟ ଓ ଗ୍ରୁପ ହେଡ ସିଏସଆର, ମେକ ଇନ ଇଣ୍ଡିଆର ଭିତ୍ତିଭୂମି ପ୍ରତିଷ୍ଠା ତଥା ଶିଳ୍ପ ପ୍ରତିଷ୍ଠା ଦ୍ୱାରା ସାମଗ୍ରିକ ସାମାଜିକ ବିକାଶ କ୍ଷେତ୍ରରେ ଓପି ଜିନ୍ଦଲଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ନବଜୀବନ ଚାମ୍ପିୟନ:ବଡ଼ଗାଁ କପ୍ କ୍ରିକେଟ ଉଦ୍‌ଯାପିତ

ବଡ଼ଗାଁ,୩୧।୩(ଅଶୋକ ଷଡ଼ଙ୍ଗୀ)




ସୁରକ୍ଷା ବିଭାଗର

ବଡ଼ଗାଁସ୍ଥିତ ମିନି ଷ୍ଟାଡିୟମରେ ୨୦ତାରିଖଠାରୁ ଆରମ୍ଭ ହୋଇଥିବା ବଡ଼ଗାଁ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଜିଲାର ୧୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବାଲାଜୀ ଇଲେଭେନ ଟିମ୍‌କୁ ହରାଇ ନବଜୀବନ ସୁନ୍ଦରଗଡ଼ ଟିମ୍ ଫାଇନାଲକୁ ଯାଇଥିଲାବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଜୟ ମା' ତାରିଣୀ କ୍ରିକେଟ କ୍ଲବ୍‌କୁ ହରାଇ ରାଉରକେଲା ବାସନ୍ତୀ କଲୋନି ଫାଇନାଲକୁ ଆସିଥିଲା। ଫାଇନାଲ ମ୍ୟାଚରେ ବାସନ୍ତି କଲୋନି ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୦୨ ରନ କରିଥିଲାବେଳେ ନବଜୀବନ କ୍ରିକେଟ ଟିମ୍ ୨୪ ଓଭର ୫ ବଲରେ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ବେଷ୍ଟ ବ୍ୟାଟ୍ସମ୍ୟାନଭାବେ ରାଉରକେଲା ୱାଇସିଏ ଟିମ୍‌ର ଆଲୋକ ପ୍ରଧାନ, ପ୍ଲେୟାର ଅଫ୍ ଦି ମ୍ୟାଚ ଭାବେ ନବଜୀବନ କ୍ରିକେଟ ଟିମ୍‌ର ୱାଲଟର ଟପୋ, ବେଷ୍ଟ ବୋଲର ଭାବେ ନବଜୀବନ କ୍ରିକେଟ ଟିମ୍‌ର ସୌଭାଗ୍ୟ ରାଉତ, ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଉମେଶ ଗୌତମ, ଶୃଙ୍ଖଳିତ ଦଳ ଭାବେ ରାଉରକେଲା ଜେଟିସି ଟିମ୍, ବେଷ୍ଟ ଫିଲ୍‌ଡର ଭାବେ ରାଉରକେଲା ୱାଇସିଏ ଟିମ୍‌ର ରାହୁଲ ଛତ୍ରୀ, ବେଷ୍ଟ ଅମ୍ପାୟର ଭାବେ ଆୟୋଜକ କ୍ଲବ୍‌ର ଶିବାଶିଷ ହୋତାଙ୍କୁ ଚୟନ କରି ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ବଡ଼ଗାଁର ବରିଷ୍ଠ ନାଗରିକ ରାଧାମାଧବ ହୋତା ମୁଖ୍ୟ ଅତିଥି ଓ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇ ରବିନାରାୟଣ ପଣ୍ଡା, ବଡ଼ଗାଁ ଥାନା ଏଏସ୍‌ଆଇ ଅରୂପାନନ୍ଦ ଦାସ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓରିଏଣ୍ଟ କ୍ରିକେଟ କ୍ଲବ୍‌ର ଶିବାଶିଷ ହୋତା, ଡୁଡାଲଗା ଗ୍ରାମର ମିକୁ ଜେନା ଓ ପ୍ରକାଶ ଜେନା ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାବୁଲି କର୍ସେଲ ମଞ୍ଚ ପରିଚାଳନା କରିଥିଲାବେଳେ ସସ୍ମିତ ନାଏକ, ପିଣ୍ଟୁ ହୋତା, ଅମିତ ରାଜ ପଟେଲ, ବିଟୁ ନାୟକ, ରଶ୍ମିରଞ୍ଜନ ଦାସ, ସୋନୁ ଦାସ, ଓଁକାର କର, ଓମ୍ ସିହ୍ନା, ଦେବାଶିଷ ପ୍ରଧାନ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ଏନଟିପିସି ଦର୍ଲିପାଲିରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ,୩୧।୩(ଜୟ ନାରାୟଣ ମେଣ୍ଡୁଲି) ଏନଟିପିସି ଦର୍ଲିପାଲିରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପ୍ରକଳ୍ପ ମୁଖ୍ୟ ରାମ ଭଜନ ମଲିକ ଯୋଗଦେଇ ଜାତୀୟ ସୁରକ୍ଷା ସପ୍ତାହ ପାଳନର ମହତ୍ତ୍ୱକୁ ଆଲୋକପାତ କରିଥିଲେ। କାର୍ଯ୍ୟକ୍ଷେତ୍ରରେ କିଭଳି ସକ୍ରିୟ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ଶୂନ୍ୟ ଦୁର୍ଘଟଣା ହାସଲ କରିବାକୁ ହେବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସୁରକ୍ଷିତ କାର୍ଯ୍ୟ କ୍ଷେତ୍ର ପାଇଁ ନିରାପତ୍ତା ହେଉଛି ଏକ ସାମୂହିକ ଦାୟିତ୍ୱ। ଏହି ସମାରୋହରେ ପ୍ରକଳ୍ପ ସୁରକ୍ଷା ବିଭାଗର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ହିନ୍ଦୁ ନବ ବର୍ଷ ପାଳନ,ପଥ ସଞ୍ଚଳନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ଼,୩୧।୩
(ଜୟ ନାରାୟଣ ମେଣ୍ଡୁଲି)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁନ୍ଦରଗଡ଼ ଜିଲା ତରଫରୁ ହିନ୍ଦୁ ନବବର୍ଷ ପାଳନ ଓ ଭବ୍ୟ ପଥ ସଞ୍ଚଳନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରରୁ ଭବାନୀଭବନ ପଡିଆ ପର୍ଯ୍ୟନ୍ତ ପୂର୍ଣ୍ଣ ଗଣବେଶ ଏବଂ ଘୋଷ ବାଦ୍ୟ ସହ ୩୦୦ ସ୍ୱୟଂସେବକ ସଞ୍ଚଳନରେ ଭାଗ ନେଇଥିଲେ। ଭବାନୀଭବନ ପଡିଆରେ ଶେଷରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଘର ପ୍ରାନ୍ତ କର୍ଯ୍ୟବାହ ଗଣେଶ ମହାପାତ୍ର ନିଜର ଉଦବୋଧନରେ ହିନ୍ଦୁ ନବବର୍ଷ ବିଷୟ ବକ୍ତବ୍ୟ ରଖିଥିଲେ। ଏଥିସହ ସମାଜ ପରିବର୍ତ୍ତନ ଦିଗରେ ସଂଘର ଭୂମିକା ବିଷୟ ସେ ସର୍ବ ସମ୍ମୁଖରେ ଉପସ୍ଥାପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ସୁନ୍ଦରଗଡ଼ବାସୀ ଅତିଥିଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଫକୀର କର୍ଣ୍ଣ, ଜିଲା ସଂଘଚାଳକ କୈଳାଶ ଭିତିରିଆ ଏବଂ ମୁଖ୍ୟ ବକ୍ତାଭାବେ ଗଣେଶ ମହାପାତ୍ର ମଞ୍ଚାସୀନ ଥିଲେ।

# ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କଲା ନାଟକ କାଉଁର

**ନବଜୀବନ ବସନ୍ତ ମହୋତ୍ସବ ଉଦ୍‌ଯାପିତ**

ସୁନ୍ଦରଗଡ,୩୧।୩(ଜୟ ନାରାୟଣ ମେଣ୍ଡୁଲି)



ନାଟକ ମଞ୍ଚସ୍ଥ ହେଉଛି।

ନବଜୀବନ ଆୟୋଜିତ "ବସନ୍ତ ମହୋତ୍ସବ" ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନବଜୀବନ ଅନୁଷ୍ଠାନ ପକ୍ଷରୁ ପରିବେଷିତ ହୋଇଥିଲା ନାଟକ "କାଉଁର "। ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ପ୍ରଯୋଜକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ରଚିତ ଏହା ଏକ କାଳଜୟୀ ନାଟକ। ଏହି ନାଟକର ସମସ୍ତ କଳାକାରଙ୍କ ନିଖୁଣ ଅଭିନୟ ନାଟକକୁ ଜୀବନ୍ତ କରିଥିଲା। ନାଟକରେ ପ୍ରତିଫଳିତ ହୋଇଥିଲା ସାମ୍ପ୍ରତିକ ସମାଜରେ ସ୍ୱାର୍ଥାନ୍ୱେଷୀ ମଣିଷ ନିଜର ସ୍ୱାର୍ଥ ସାଧନ ପାଇଁ କିପରି ଅନ୍ୟର ଅନିଷ୍ଟ କରି ପରିଶେଷରେ ନିଜେ ସେହି ଚକ୍ରବ୍ୟୂହରେ ପଡି ଧ୍ୱଂସ ହେଉଛି । ନାଟକରେ ଲୁଚି ରହିଛି ବିଶ୍ୱାସଘାତକତାର ବିକଟାଳ ପରିଣତି। ନାଟକର କଥାବସ୍ତୁ ହେଲା ସ୍ୱାଧୀନତା ସଂଗ୍ରାମୀ ଗାନ୍ଧୀବାଦୀ ଗିରିଶ ବାବୁ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ ନ କରି ବିଧାୟକ ତଥା କୌଣସି ପଦପଦବୀ ନ ନେଇ ନିଜ ଘରେ କାମ କରୁଥିବା ଚାକର ଲେକ୍କୁ ନାଏକକୁ ବିଧାୟକ ଭାବରେ ନିର୍ବାଚିତ କରାନ୍ତି। ମାତ୍ର ପରବର୍ତ୍ତୀ ସମୟରେ କ୍ଷମତାକୁ ଆସିବା ପରେ ବିଧାୟକ ଲେକ୍କୁ ତାଙ୍କ ସ୍ୱାର୍ଥ ସାଧନ ପାଇଁ ବିଶ୍ୱାସଘାକତା କରି ଗିରିଶ ବାବୁଙ୍କୁ ଅସମ୍ମାନିତ କରେ ଏବଂ ଏହାକୁ ଗିରିଶ ବାବୁ ଜାଣି ବିରୋଧ କରିବା ପରେ ବିଧାୟକ ନିଜ କ୍ଷମତା ବଳରେ ତାଙ୍କୁ ମାନସିକ ବିକୃତି ଘଟିଛି କହି ତାଙ୍କୁ ମାନସିକ ଚିକିତ୍ସାଳୟକୁ ପଠାନ୍ତି। ହେଲେ ଗିରିଶ ବାବୁ ପାଳିତ ଭିନ୍ନକ୍ଷମ କନ୍ୟା ଏସବୁ ଜାଣି ପାରି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ବିଧାୟକ ଲେକ୍କୁଙ୍କୁ ନିଜର ଚକ୍ରବ୍ୟୂହରେ ପକାଇବାରେ ସଫଳ ହୁଅନ୍ତି। ବିଶ୍ୱାସଘାତକତା ପରି "କାଉଁର" ଅର୍ଥାତ ଶିଉଳିରେ ଗୋଡ଼ ଦେଲେ ମଣିଷର ପରିଣତି ଯେ ଦୁର୍ଦ୍ଦଶାଗ୍ରସ୍ତ ହୁଏ ଏହା ନାଟକର ବାର୍ତ୍ତା ରହିଥିଲା। ବିଜୁ ମହାରଣାଙ୍କ ବଳିଷ୍ଠ ନିର୍ଦ୍ଦେଶନା ଓ ସସ୍ମିତା ସାହୁଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହି ନାଟକଟି ମର୍ମସ୍ପର୍ଶୀ ହୋଇଥିଲା। ଦେବେନ ଅମାତ ତଥା ଅଶିନୀ ପଟେଲଙ୍କ ନିଖୁଣ ଚିତ୍ରକଳା ଓ ମଞ୍ଚ ସଜ୍ଜା ସମସ୍ତଙ୍କ ମନମୋହି ନେଇଥିଲା। ଆଲୋକ ଓ ଧ୍ୱନିକୁ ଦକ୍ଷତା ସହିତ ପରିଚାଳନା କରିଥିଲେ ଗୋପକୃଷ୍ଣ ନାୟକ ଓ କୁମୁଦ ପଣ୍ଡା। ଏହି ନାଟକରେ ଅନିଲ ପଟେଲ, କିଶୋର ରଥ, ଶିବ ଆଚାର୍ଯ୍ୟ, ବୃନ୍ଦାବନ ଦାଶ, ଲକ୍ଷ୍ମୀପ୍ରଭା ପତି, ଲତିକା ପଟ୍ଟନାୟକ, ପୂଜା ବେହେରା, ଦେବାଶିଷ ମହାଲିଙ୍ଗ, ଲିଜାରାଣୀ ସାହୁ, ରୋଶନ ପଟେଲ, ସଚିନ ସାହୁ, ଅଶିନୀ ପଟେଲ, ବିଜୁ ମହାରଣା ଓ ସିଦ୍ଧାନ୍ତ ପଣ୍ଡାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସ୍ୱତନ୍ତ୍ର ଅତିଥି ଓ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ସ୍ମୃତିରେ ତାଙ୍କ ଦେହାବସାନ ପରେ ପ୍ରତ୍ୟେକ ବସନ୍ତ ମହୋତ୍ସବରେ ରାଜ୍ୟର ନାଟ୍ୟ ଜଗତର ଜଣେ ମହାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଏ" ପ୍ରଦୀପ ଭୋଳ ସ୍ମୃତି ସମ୍ମାନରେ। ଏହି ପରିପ୍ରେକ୍ଷୀରେ ଏହି ସଂସ୍କରଣରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ରାଉରକେଲାର ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶ ଶରତ କୁମାର ଦାଶଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସୁଜାତା ପରିଡ଼ା ଓ ଆୟୁଶ୍ରୀ ତ୍ରିପାଠୀଙ୍କ ହୃଦୟସ୍ପର୍ଶୀ ଗୀତ ଏବଂ ଭାଜପା ଅଧ୍ୟକ୍ଷ ଅମରେଶ ସାମଲ, ରଞ୍ଜନ ମହାପାତ୍ର ତଥା ବିଖ୍ୟାତ ବଂଶୀବାଦକ ହେମନ୍ତ ପାଣ୍ଡେ ଖମାଜ ରାଗରେ ପରିବେଷିତ "ନିନାଦ" ତଥା ବିଭୁରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ନୃତ୍ୟ ନାଟିକା "ପ୍ରତିବିମ୍ବ" ଦର୍ଶକଙ୍କୁ ବିଭୋର କରିଥିଲା। ନବଜୀବନ ସଭାପତି ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ବରିଷ୍ଠ କଳାକାର ଗୁଣନିଧି ମହାନ୍ତି, ରାଜକିଶୋର ମହାରଣା, ସଦସ୍ୟ ଚିରବ୍ରତ ଦତ୍ତ, ଅଜୟ ବହିଦାର, ଚନ୍ଦ୍ରମଣି ମିଶ୍ର, ଶ୍ୟାମ ନନ୍ଦନ ସହାୟ, ଗୋପକୃଷ୍ଣ ନାୟକ, ଦେବେନ ଅମାତ, ଲକ୍ଷ୍ମୀପ୍ରଭା ପତି, ଲତିକା ପଟ୍ଟନାୟକ, ରିତା ସାହୁ, ବୃନ୍ଦାବନ ଦାଶ, ବିଜୁ ମହାରଣା, କୁମୁଦ ପଣ୍ଡା, ସିଦ୍ଧାନ୍ତ ପଣ୍ଡା, ଆଶିଷ ଦେ, ପ୍ରୟାସ ଭୋଳ ଏବଂ ଓମ ଭୋଳ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ହୋତା ସଭା ଓ ମଞ୍ଚ ପରିଚୋଳନା କରିଥିଲେ।

**ସାପ କାମୁଡାରେ ବାଳିକାଙ୍କ ମୃତ୍ୟୁ**

କୁଚିଣ୍ଡା,(ବିରଞ୍ଚି ଦର୍ଦ୍ଦା): ସମ୍ବଲପୁର ଜିଲା ମହୁଲପାଲି ଥାନା ବାଉରୀଗୋଡା(ରୂପଧରବାର୍ଡ) ଗ୍ରାମର ଜଣେ ବାଳିକାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ଜୟନାରାୟଣ ନାଏକଙ୍କ ଝିଅ ସିତୁ(୧୩)। ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ସେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ସେ ଘରକୁ ଆସି ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଅପରାହ୍ନ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ସବୁଜ ଗୋଖାଦ୍ୟ ଓ ବ୍ୟବହାର ପ୍ରଶିକ୍ଷଣ ଶିବିର

ରେଢ଼ାଖୋଲ, ୩୧।୩(ଅଚ୍ୟୁତାନନ୍ଦ ପୁରୋହିତ)

ସବୁଜ ଗୋଖାଦ୍ୟ ଓ ତାହାର ବ୍ୟବହାର ଉପରେ ସୋମବାର ପ୍ରାଣୀ ଚିକିତ୍ସାଳୟ ରେଢ଼ାଖୋଲଠାରେ ୨ଦିନିଆ ଉପଖଣ୍ଡସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶିବ ପ୍ରସାଦ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭ ପ୍ରକାଶ ସୋରେନ ଏବଂ ସହାୟକ ତୃଣ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସେନାପତି ଉପସ୍ଥିତ ଥିଲେ। ୩୦ ଜଣ ଚାଷୀଙ୍କୁ ଆଦୋଳା ଚାଷ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଚାଷୀମାନଙ୍କୁ ବୈଷ୍ଣବଖୋଲି ସ୍ଥିତ ଆଶ୍ରମରେ ହୋଇଥିବା ଘାସ ଚାଷ ଫାର୍ମକୁ କ୍ଷେତ୍ର ପରିଦର୍ଶନ ନିମନ୍ତେ ନିଆଯାଇଥିଲା।

### ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)

ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ସ୍ୱୟଂ ସେବକ ଧନୁପାଲି ଶାଖା କାର୍ଯ୍ୟବାହକଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମକୁ ଧନୁପାଲି ଶାଖା ସଂଘ ଚାଳକ ଶଶାଙ୍କ ଶେଖର ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅନନ୍ତ ଚରଣ ମହାନ୍ତି ଯୋଗଦେଇ ମାତୃଭୂମିର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ସଭାପତି ଡ. ଦେବେନ୍ଦ୍ର ପଣ୍ଡା ରାଷ୍ଟ୍ରୀୟ ନବବର୍ଷ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ସଂଘ ପକ୍ଷରୁ ଶଙ୍କରମଠରୁ ଧନୁପାଲି ଛକ ପର୍ଯ୍ୟନ୍ତ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ମୁଣ୍ଡା ସମାଜର ବାର୍ଷିକ ବୈଠକ

ନାକଟିଦେଉଳ, ୩୧।୩ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ମକରବେଢା ଆମ୍ବତୋଟାଠାରେ ଆଞ୍ଚଳିକ ମୁଣ୍ଡା ସମାଜ ମହାସଭାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶଶୀଭୂଷଣ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହାସଭା ସଭାପତି ଦେବାର୍ଜ୍ଜନ ମୁଣ୍ଡା, ସମ୍ପାଦକ ଲକ୍ଷ୍ମୀନାରାୟଣ ମୁଣ୍ଡା, କୋଷାଧ୍ୟକ୍ଷ ମାର୍କଣ୍ଡ ମୁଣ୍ଡା ଏବଂ ପୂର୍ବତନ ସଭାପତି ରେଙ୍ଗୁଟୁ ମୁଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ମୁଣ୍ଡା ସମାଜର ରୀତିନୀତି, ସାମାଜିକ ଚଳଣି ଏବଂ ପରମ୍ପରା ଉପରେ ଆଲୋଚନା କରାଯାଇ ଭାଇଚାରା ବଜାୟ ରଖିବା ଉପରେ ଆଲୋଚନା କରାଯାଇଥିଲା। ସମାଜରୁ ନିଶା ନିବାରଣ, ନାରୀ ନିର୍ଯାତନା, ଯୌତୁକ ପ୍ରଥାର ବିଲୋପ ସହିତ ଲାଗି ରହିଥିବା ବିଭିନ୍ନ କୁସଂସ୍କାର ଏବଂ ଅନ୍ଧବିଶ୍ୱାସର ବିଲୋପ ସହିତ ସମସ୍ତେ କିପରି ଶିକ୍ଷିତ ହୋଇ ଆଗକୁ ବଢ଼ିପାରିବେ ସେ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଅରବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ।

# ୨୪ଘଣ୍ଟିଆ ହୀରାକୁଦ ବନ୍ଦ

## ଚାରିଥାକିଆ ରାସ୍ତା ନିର୍ମାଣକୁ ବିରୋଧ

ସମ୍ବଲପୁର,୩୧।୩(ଭବାନୀ ଶଙ୍କର ଭୋଇ)


ହୀରାକୁଦ ବନ୍ଦ ପାଳନ ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ଉପସ୍ଥିତ ବ୍ୟକ୍ତି ବିଶେଷ।

ହୀରାକୁଦରେ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଉଚ୍ଛେଦକୁ ବିରୋଧ କରି ୨୪ଘଣ୍ଟିଆ ହୀରାକୁଦ ବନ୍ଦ ପାଳନ କରାଯାଇଛି। ସୋମବାର ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ମଙ୍ଗଳବାର ସକାଳ ୬ଟା ଯାଏ ଚାଲିବ। ବନ୍ଦ ପ୍ରଭାବରେ ହୀରାକୁଦ ସହରର ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ଏହାସହ ହୀରାକୁଦ ସନ୍ତୋଷୀ ମନ୍ଦିର ଛକଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ହୀରାକୁଦ ସହରର ବିଭିନ୍ନ ସଙ୍ଗଠନର ପ୍ରତିନିଧି ଉପସ୍ଥିତ ଥିଲେ। ବନ୍ଦ ପାଳନକାରୀ କହିଥିଲେ, ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ମହାନଗର ନିଗମ ପକ୍ଷରୁ ହୀରାକୁଦରେ ରାସ୍ତାକଡ ଉଚ୍ଛେଦ କରାଯିବାକୁ ଚିହ୍ନଟ କରାଯାଇଥିଲା। ୧୦୦ଫୁଟ ରାସ୍ତା ପ୍ରଶସ୍ତୀକରଣ କରାଗଲେ ସହରରେ ବ୍ୟାପକ ଭଙ୍ଗାରୁଜା କରିବାକୁ ପଡିବ। ମହାନଗର ନିଗମ ପକ୍ଷରୁ ରାସ୍ତା ସଂଲଗ୍ନ ୧୦୬ଟି ଦୋକାନ ଭଙ୍ଗାଯିବା ପାଇଁ ନୋଟିସ ଜାରି କରାଯାଇଛି, ଯାହାଦ୍ୱାରା ଦୋକାନୀମାନେ ରୋଜଗାର ହରାଇବେ। ଏହାସହ ହୀରାକୁଦକୁ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଲକ୍ଷ୍ମୀଡୁଙ୍ଗୁରି ଦେଇ ମହାନଦୀ ପାର୍ଶ୍ୱରେ ଜବାହର ଉଦ୍ୟାନ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ରାସ୍ତା ନିମାଣ କରିବାକୁ ସେମାନେ ଦାବି କରିଛନ୍ତି। ଯାହାଦ୍ୱାରା ହୀରାକୁଦ ସହରବାସୀ ଅଧିକ ଉପକୃତ ହୋଇ ପାରିବେ। ଏହାସହ କୌଣସି ରକମର ଉଚ୍ଛେଦ କରାଯିବା ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଜନଶୁଣାଣି କରିବା ସହ କ୍ଷୟଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ସହ ଦୋକାନ ଯୋଗାଇବାକୁ ପ୍ରତିବାଦ ସଭାରେ ଦାବି କରାଯାଇଥିଲା। ଏପରିକି ସହରରେ ଚାରିଥାକିଆ ପରିବର୍ତ୍ତେ ଦୁଇଥାକିଆ ରାସ୍ତା ନିର୍ମାଣ କରାଯାଉ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ହୀରାକୁଦ ବ୍ୟବସାୟୀ ସଂଘ ସଭାପତି ବିକ୍ରମାଦିତ୍ୟ ଶତପଥୀ କହିଛନ୍ତି, ରାସ୍ତା ସମ୍ପ୍ରସାରଣ ବ୍ୟବସ୍ଥା କେବଳ କମ୍ପାନୀ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଉଛି। ସେଥିପାଇଁ କାରଖାନାରୁ ମାଲ ପରିବହନ ପାଇଁ ମୁଖ୍ୟ ରାସ୍ତାକୁ ବ୍ୟବହାର କରା ନ ଯାଇ ରେମେଡ ଛକରୁ କାରଖାନା ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ କରାଯିବାକୁ ସେ ଦାବି କରିଛନ୍ତି। ଆନ୍ଦୋଳନରେ ଦିଲୀପ କୁମାର ସିଂ, ବେଣୁଧର ଦାଶଙ୍କ ସମେତ ବହୁ ହୀରାକୁଦ ବାସୀ ଯୋଗ ଦେଇଥିଲେ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଜେଲଗଲେ

କୁଚିଣ୍ଡା,୩୧।୩(ବିରଞ୍ଚି ଦର୍ଦ୍ଦା)


ହତ୍ୟାକାରୀ ଗୁଣନିଧି କିଷାନ।

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧିନ ରାନେକେଲା (ବେନିଆପୋଷ)ଗ୍ରାମରେ ଘରୋଇ କଳହକୁ ନେଇ ସ୍ତ୍ରୀ ରାଧା କିଷାନ (୩୦)ଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିଲେ। ମୃତଙ୍କ ଭାଇ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ରାଇକାଜାମ ଗ୍ରାମର ମଙ୍ଗଲୁ କିଷାନଙ୍କ ଏତଲା କ୍ରମେ ପୋଲିସ ମହୁଲପାଲି ଥାନାରେ ଦଫା ୧୦୩(୧)ବିଏନଏସ (ନଂ.୪୩/୨୦୨୫)ରେ ଏକ ମାମଲା ରୁଜୁ କରିଥିଲା। ସ୍ତ୍ରୀ ହତ୍ୟା ମାମଲାରେ ପୋଲିସ କୁସୁମୀ ପଞ୍ଚାୟତର ଗୁଣନିଧି କିଷାନ( ୩୩)ଙ୍କୁ ଗିରଫ କରି ସୋମବାର କୁଚିଣ୍ଡା ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କ ଘରୁ ଏକ ଟାଙ୍ଗିଆ ଓ ରକ୍ତଲଗା ବାଉଁଶ ଠେଙ୍ଗା ଜବତ କରିଛି। ସୂଚନାଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ଗୁଣନିଧି ଓ ରାଧାଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗୁଣନିଧି ବାଉଁଶ ଠେଙ୍ଗାରେ ରାଧାଙ୍କୁ ପିଟିବା ପରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣାସ୍ଥଳରେ ହିଁ ରାଧାଙ୍କର ମୃତ୍ୟୁ ଘଟିଥିଲା।

# ଭୀମଭୋଇ କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଉପଜିଲାପାଳ ଅବସର ଗ୍ରହଣ କରୁଥିବା ଅଧକ୍ଷଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରେଢାଖୋଲ, ୩୧।୩
(ଅଚ୍ୟୁତାନନ୍ଦ ପୁରୋହିତ)

କଲେଜ ଶିକ୍ଷା ଆରମ୍ଭ କରିଥିଲେ ଯେଉଁ ଶିକ୍ଷାନୁଷ୍ଠାନରୁ ସେଇଠି ଅଧାପକ ଏବଂ ଅଧକ୍ଷଭାବେ କାର୍ଯ୍ୟ କଲେ। ଶେଷରେ ସେହିଠାରୁ ହିଁ ଅବସର ନେଇଛନ୍ତି ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ କଲେଜ ଅଧକ୍ଷ ଦିଲ୍ଲୀପ କୁମାର ଦାଶ। ସତରେ ଏଭଳି ଏକ ନିଆରା ଅନୁଭୂତି ଓ ସୁଯୋଗ କମ୍ ବ୍ୟକ୍ତିବିଶେଷଙ୍କ ଜୀବନରେ ଆସିଥାଏ। ସୋମବାର ଅବସର ଗ୍ରହଣ ନେବା ଅବସରରେ କଲେଜରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଏ ନେଇ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ଅଧକ୍ଷତା କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର କର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସଭାରେ ପ୍ରାଧ୍ୟାପିକା ସୁପ୍ରିୟା ମଲ୍ଲିକ, ପ୍ରଧାପକ ଅରୁଣ କୁମାର ଶାସନୀ, ଡ. ମନୋରଞ୍ଜନ ମହନ୍ତ, ଅଧାପକ ସୁଶାନ୍ତ ନନ୍ଦ, ଡ. ଦିବ୍ୟଲୋଚନ ରାଉତ, ଡ.ରବିନ୍ଦ୍ର ସିଂ, ଡ.ବିରଞ୍ଚି ଖଡିଆ, ଡ.ଭୋଜରାଜ, ମାନଭଞ୍ଜନ କହଁର, ନିରୂପମା ଦେହୁରୀ ଅଧକ୍ଷ ଦାଶଙ୍କ କାର୍ଯ୍ୟକାଳର ସ୍ତୁତିଚାରଣ କରିଥିଲେ। ଏଥିସହ ମଙ୍ଗଳମୟ ଅବସର ଜୀବନ କାମନା କରିଥିଲେ। ଅଧାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦାୟୀ ଅଧକ୍ଷଙ୍କୁ ଉପଜିଲାପାଳ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାରେ କଲେଜର ସମସ୍ତ କର୍ମଚାରୀ, ଅଧାପିକା ଓ ଅଧାପକମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଭୀମ ଭୋଇ କଲେଜର ଦର୍ଶନ ବିଭାଗର ଛାତ୍ର, ୧୯୮୯ ମସିହାରେ ସେହିବିଭାଗରେ ଅଧାପକ ଓ ୨୦୨୧ମସିହାରେ ଅଧକ୍ଷଭାବେ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ କରିଆସୁଥିଲେ ଦିଲ୍ଲୀପ କୁମାର ଦାଶ।

# ଅଙ୍ଗଦାନ, ପୂର୍ଣ୍ଣ ଶରୀର ଦାନ ସମ୍ପର୍କିତ କର୍ମଶାଳା



ଅଙ୍ଗଦାନ ଓ ପୂର୍ଣ୍ଣ ଶରୀର ଦାନର ମହତ୍ତ୍ୱ ଶୀର୍ଷକ କର୍ମଶାଳାରେ ବକ୍ତା ଓ ଅତିଥିମାନେ।

ସମ୍ବଲପୁର,୩୧।୩(ବି.ଶଙ୍କର)

ଓଡ଼ିଶା ମାନବ ଅଧିକାର ଆୟୋଗ ଓ ସାମାଜିକ ଅନୁଷ୍ଠାନ ଉତ୍ସର୍ଗ ମିଳିତ ଆୟୋଜିତ ଅଙ୍ଗଦାନ ଓ ପୂର୍ଣ୍ଣ ଶରୀର ଦାନର ମହତ୍ତ୍ୱ ଶୀର୍ଷକ କର୍ମଶାଳା ସମ୍ବଲପୁର ସହର ସ୍ଥିତ ବନଭେନନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଭିମସାର ଆନାଟୋମୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡାକ୍ତର ବିଜୟ ଦତ୍ତ ମୁଖ୍ୟ ଅତିଥି, ଭିମସାର ଅଧକ୍ଷ ପ୍ରଫେସର ଡାକ୍ତର ବ୍ରଜ କିଶୋର ମିଶ୍ର ସମ୍ମାନିତ ଅତିଥି ଓ ଡାକ୍ତର କାଞ୍ଚନ ରାଏ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଉତ୍ସର୍ଗର ସଂଯୋଜକ ପ୍ରଶାନ୍ତ ପାଟଯୋଶୀ କର୍ମଶାଳା ସଂଯୋଜନା କରିଥିଲେ। କର୍ମଶାଳାରେ ଯୁଗ୍ମ ସଂଯୋଜକ ରଜନୀ ନାଗ ସୂଚନା ପ୍ରଦାନ କରିଥିଲେ। ସମ୍ବଲପୁରର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଅଙ୍ଗଦାନ ଓ ଶରୀର ଦାନ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ସାମିଲ ଥିଲେ। ପ୍ରାରମ୍ଭରେ ଶରୀର ଦାନ ଦାୟିତ୍ୱ ସମ୍ପାଦନା କରୁଥିବା ଆଇନଜୀବୀ ଲକ୍ଷ୍ମଣ ପାଣିଗ୍ରାହୀ ପାଣିଗ୍ରାହୀ ଅଙ୍ଗଦାନ ଓ ଶରୀର ଦାନର ଆଇନଗତ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡାକ୍ତର ଦତ୍ତ ଶରୀର ଦାନ ସହ ଜଡିତ ବିଭିନ୍ନ ସମସ୍ୟା ଓ ଏହାର ଚିକିତ୍ସା, ଡାକ୍ତରୀ ଶିକ୍ଷା ଓ ଗବେଷଣା ପାଇଁ କିପରି ସାହାଯ୍ୟ କରିଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସଂପ୍ରତି ଯେତେ ସଂଖ୍ୟାରେ ଅଙ୍ଗଦାନ ଓ ଶରୀର ଦାନ ହେବା କଥା ତାହା ହୋଇ ପାରିନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଡାକ୍ତର ମିଶ୍ର କହିଲେ ଯେ, ଅଙ୍ଗଦାନ ଓ ଶରୀର ଦାନ ବର୍ତ୍ତମାନ ସମୟରେ ଏକ ଆବଶ୍ୟକତା। ହେଲେ ଲୋକଙ୍କ ଭିତରେ ଏହି ବାର୍ତ୍ତା ଯେପରି ଭାବରେ ପହଞ୍ଚିବା କଥା ତାହା ପହଞ୍ଚି ପାରିନାହିଁ। କର୍ମଶାଳାର ମୁଖ୍ୟବକ୍ତା ଡାକ୍ତର ରାଏ କହିଲେ, ଅଙ୍ଗଦାନ ଜଣେ ବ୍ୟକ୍ତିକୁ ନୂତନ ଜୀବନ ଦେଇଥାଏ। ଏଥିସହ ଭବିଷ୍ୟତ ପିଢ଼ିର ଡାକ୍ତରମାନଙ୍କ ଶିକ୍ଷା ଦାନରେ କାର୍ଯ୍ୟରେ ଆସିଥାଏ। ତେଣୁ ଏହି ବିଷୟରେ ଲୋକଙ୍କୁ ସଚେତନ କରାଇବା ଦ୍ୱାରା ସମାଜ ହିଁ ଉପକୃତ ହୋଇ ପାରବ। ବରିଷ୍ଠ ସଭ୍ୟ ଡ. ହରିଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସମାଲୋଚନା କଲା ଛାତ୍ର ବିଜେଡି

## ସରକାରୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ଝିଅଙ୍କ ଯୋଗଦାନ ଘଟଣା

ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)

ସମ୍ବଲପୁରରେ ଆୟୋଜିତ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧିଭାବେ ସମ୍ବଲପୁର ବିଧାୟକଙ୍କ ଝିଅଙ୍କ ଯୋଗଦାନକୁ ସମାଲୋଚନା କରିଛି ଛାତ୍ର ବିଜେଡି। ଏକ ମିଳିତ ପ୍ରେସ୍ ବାର୍ତ୍ତାରେ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅନମୋଲ କୁମାର ଦାଶ, ଜିଲା ସଭାପତି ଶୁଭ୍ରାଂଶୁ ପାଢ଼ୀ, ଛାତ୍ରନେତା ସତ୍ୟମ୍ ସାହୁ, ସୋମ ପ୍ରକାଶ ବେହେରା କହିଛନ୍ତି ଭାଜପା ପରିବାରବାଦ୍‌କୁ ପସନ୍ଦ କରେ ନାହିଁ ବୋଲି ସବୁବେଳେ କହି ଆସିଛି। ଏପରିକି ସେମାନେ କଂଗ୍ରେସ ଓ ଅନ୍ୟ ଦଳକୁ ସାମାଲୋଚନା କରୁଥିଲା। ମାତ୍ର ବିଧାୟକ ମିଶ୍ର ନିଜ ପ୍ରତିନିଧିଭାବେ ତାଙ୍କ ଝିଅଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରରେ ଯୋଗଦେବା ପରୋକ୍ଷରେ ପରିବାରବାଦ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଏଭଳି ପରିସ୍ଥିତିରେ ବିଧାୟକ ଭାଜପାର ଅନ୍ୟ କୌଣସି ନେତୃତ୍ୱ ବା ପ୍ରତିନିଧିଙ୍କୁ ବିଶ୍ୱାସକୁ ନେଇ ପାରୁ ନାହାନ୍ତି କି ବୋଲି ଛାତ୍ର ବିଜେଡି କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ଦେଶ ଓ ରାଜ୍ୟସ୍ତରରେ ବିଭିନ୍ନ ଦଳର ଏମ୍‌ପି ଓ ବିଧାୟକମାନେ ପ୍ରାୟ ନିଜ ଦଳର ସକ୍ରିୟ ଓ ଅଭିଜ୍ଞ କର୍ମକର୍ତ୍ତାଙ୍କୁ ନିଜର ପ୍ରତିନିଧି ନିଯୁକ୍ତ କରିଥାନ୍ତି। ମାତ୍ର ସମ୍ବଲପୁର ଭାଜପାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ଛାତ୍ର ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି। ବିଧାୟକ ମିଶ୍ରଙ୍କ ଝିଅଙ୍କ କୌଣସି ରାଜନୈତିକ ଅଭିଜ୍ଞତା ନ ଥିବା ବେଳେ ସରକାରୀ କାର୍ଯ୍ୟକ୍ରମରେ ତାଙ୍କୁ ପ୍ରତିନିଧିତ୍ୱ କରି ରଖିବା କେତେଦୂର ସମିଚୀନ ତାହା ଲୋକେ ବିଚାର କରନ୍ତୁ ବୋଲି ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି।

# ଡିଏସ୍‌ଆର୍‌ଙ୍କୁ ନିଲମ୍ବନ କରାଯିବ: ରାଜସ୍ୱ ମନ୍ତ୍ରୀ

ସମ୍ବଲପୁର,୩୧।୩
(ଭବାନୀ ଶଙ୍କର ଭୋଇ)

ଜାଲିଆତି ଘଟଣାରେ ସମ୍ବଲପୁର ଡିଏସ୍‌ଆର(ଡିଷ୍ଟ୍ରିଟ ସବରେଜିଷ୍ଟ୍ରର) ସୂର୍ଯ୍ୟମଣି ସାମଲ ଗିରଫ ହେବା ଘଟଣାକୁ ନେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ସମ୍ବଲପୁରରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଆଗରୁ ଜାଲିଆତି ଅଭିଯୋଗ ହେଉଥିଲା। ଏବେ ଅଭିଯୁକ୍ତ ଅଧିକାରୀମାନଙ୍କ ଜେଲଯିବା ଆରମ୍ଭ ହୋଇଛି। ମୃତ ବ୍ୟକ୍ତିଙ୍କୁ ଜୀବିତ କରି ଜମି ବିକ୍ରି କରାଯାଇଥିବା ଅଭିଯୋଗ ପରେ ସମ୍ବଲପୁର ଡିଏସ୍‌ଆର ଜେଲ ଯାଇଛନ୍ତି। ଆଗରୁ ଖଣ୍ଡଗିରି ଡିଏସଆରଙ୍କୁ ମଧ ନିଲମ୍ବନ କରାଯାଇଛି। ଛୁଟି ସରିବା ପରେ ସମ୍ବଲପୁର ଡିଏସଆରଙ୍କୁ ମଧ ନିଲମ୍ବନ କରାଯିବ ବୋଲ ମନ୍ତ୍ରୀ କହିଛନ୍ତି। ଆଗକୁ ରାଜସ୍ୱ ବିଭାଗର ଏକ ଟିମ୍ ସମ୍ବଲପୁର ଆସି ଡିସ୍‌ଆରଙ୍କ କାର୍ଯ୍ୟକାଳ ଭିତରେ ହୋଇଥିବା ଜମି ପଞ୍ଜୀକରଣର ତଦନ୍ତ କରିବ। ରାଜସ୍ୱ ବିଭାଗରେ ଦୁର୍ନୀତି ନେଇ ଅନେକ ଅଭିଯୋଗ ମିଳିଛି। ସମସ୍ତଙ୍କୁ ଥାନାରେ ଅଭିଯୋଗ କରିବାକୁ କୁହାଯାଇଛି। ଅଭିଯୋଗ ପରେ ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଗତ ଆଠ ମାସ ଭିତରେ ୫୦ରୁ ଉର୍ଦ୍ଧ୍ୱ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ

ସମ୍ବଲପୁର,୩୧।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ହାଉସିଂ ବୋର୍ଡ଼ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପ୍ରସାଦ ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥିଭାବେ ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ହେମନ୍ତ କୁମାର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ବଡ଼ବଜାର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧକ୍ଷା ସବିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହାଉସିଂ ବୋର୍ଡ଼ କଲୋନୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧକ୍ଷା ରୋଜିସେନ ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପରିଚାଳନା ସମିତି ସାଧାରଣ ସମ୍ପାଦକ ହରିହର ପାଢୀ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଶିକ୍ଷାକେନ୍ଦ୍ରରେ ନୈତିକ ଓ ଆଧାତ୍ମିକ ଶିକ୍ଷାର ଆବଶ୍ୟକତା ବିଷୟରେ କହିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତ୍ରୀ ରୋଜାଲିନ ପରିଡ଼ା ଏବଂ ଯାଜ୍ଞସେନୀ ପାଢ଼ୀଙ୍କୁ ଶିକ୍ଷାକେନ୍ଦ୍ର ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବସୁନ୍ଧରା ପରିବାର ପକ୍ଷରୁ କବି ସମ୍ମିଳନୀ

ସମ୍ବଲପୁର,୩୧।୩(ବି.ଶଙ୍କର)


କବି ସମ୍ମିଳନୀରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କବୟିତ୍ରୀ କବିମାନେ।

ଅନ୍ତରାଷ୍ଟ୍ରୀୟ ବସୁନ୍ଧରା ପରିବାର ସମ୍ବଲପୁର ଶାଖା ପକ୍ଷରୁ କବି ସମ୍ମିଳନୀ ସୋମବାର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସଂଯୋଜିକା ତଥା ଜିଲା ପ୍ରମୁଖ ପଙ୍କଜିନୀ ନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କବି ସମ୍ମିଳନୀରେ ବରଗଡ, ଛତିଶଗଡ ଓ ସମ୍ବଲପୁର ସହରର ଚାଳିଶ ଜଣ କବୟିତ୍ରୀ ଓ କବିମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତରାଷ୍ଟ୍ରୀୟ ବସୁନ୍ଧରା ପରିବାର ସଂଗଠନ ପ୍ରମୁଖ ଭୁବନେଶ୍ୱର ବାସିନ୍ଦା ମମତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ସାଂସ୍କୃତିକ ପୁନଃ ଜାଗରଣ ଜରୁରି ଅଟେ ବୋଲି ମତବ୍ୟକ୍ତ କରଇଥିଲେ। ଏଥିସହ ସେ ସଙ୍ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ସେହିପରି ମାତୃଶକ୍ତି ଉନ୍ନୟନ, ପ୍ରତିଭା ଉନ୍ନୟନ, ରାଷ୍ଟ୍ରୀୟ ଚେତନା ଜାଗୃତି, ସନାତନ ସଂସ୍କୃତିର ମୌଳିକ ବିନ୍ଦୁର ସଂରକ୍ଷଣ, ସମ୍ବର୍ଦ୍ଧନ, ପ୍ରଚାର ଓ ବିକାଶ ଉପରେ ମୁଖ୍ୟ ଅତିଥି ପଣ୍ଡା ବକ୍ତବ୍ୟ ରଖିଥିଲେ। ନିତ୍ୟାନନ୍ଦ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କବି ଓ କବିତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ଫଣିନ୍ଦ୍ର ଠେଲା, ସୁଶିଲ କୁମାର ମାଝୀ, ପ୍ରଦୀପ ପଣ୍ଡା, କଳ୍ପନା ମହାପାତ୍ର, ସିଦ୍ଧି ସ୍ୱରୂପା ପାଢ଼ୀ, ସବିତା ମିଶ୍ର, ସୁପ୍ରିୟା ଦାସଙ୍କୁ ବସୁନ୍ଧରା ସାହିତ୍ୟ ସମ୍ମାନ ୨୫ରେ ସମ୍ମାନିତ କରାଯାଇଥିଲା। ପ୍ରଣତି ପଟ୍ଟନାୟକ ଏବଂ କମଲ ଲୋଚନ ପଣ୍ଡା କବିତା ପାଠକୁ ସଂଯୋଜନା କରିଥିଲେ।

ସୌମ୍ୟରଞ୍ଜନ ପଣ୍ଡା, ଜଗତରାମ ପଣ୍ଡା, ଶୁଭମ ସାହୁ, ମିନତୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରେ ସ୍ୱରଚିତ କବିତା ପାଠ କରାଯାଇଥିଲା। ସୂର୍ଯ୍ୟ ପାଣିଗ୍ରାହୀ, ସନତ ସାହୁ, ଲଳିତ ବେବର୍ତ୍ତା, ନିତେଇ ସରାଫ, ପ୍ରଦୀପ ପାଣିଗ୍ରାହୀ, ମମତା ନାଥ, ଜୟକୃଷ୍ଣ ବେହେରା, ବିଭୂତି ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ଇଦ୍‌ରେ ସାମୂହିକ ନମାଜପାଠ

ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)


ସାକ୍ଷୀପଡ଼ା ଇଦ୍‌ଗାହରେ ମୁସଲମାନ ଭାଇଙ୍କ ସାମୂହିକ ନମାଜପାଠ।

ସମ୍ବଲପୁର ସହରରେ ରମଜାନ ମାସର ଉପବାସ, ପ୍ରାର୍ଥନା ଏବଂ ଆତ୍ମଶୁଦ୍ଧିର ଶେଷ ପ୍ରତୀକ ଭାବେ ଇଦ୍‌ପର୍ବ ପାଳନ କରାଯାଇଛି। ଦୀର୍ଘ ଏକମାସ ଧରି ରୋଜା ପାଳନ ପୂର୍ବକ ଉପବାସକୁ ସୋମବାର ମୁସଲମାନ ଭଉଣୀଭାଇମାନେ ଭଙ୍ଗ କରିଛନ୍ତି। ଏଥିପୂର୍ବରୁ ସମ୍ବଲପୁର ସହରରେ ଥିବା ବିଭିନ୍ନ ମସଜିଦରେ ଏକତ୍ରିତ ହୋଇ ସକାଳେ ସେମାନେ ସାମୂହିକ ନମାଜ ପାଠ କରିଥିଲେ। ନମାଜ ପାଠର ପରେ ମୁସଲମାନ ଭାଇମାନେ ପରସ୍ପରଙ୍କୁ ଆଲିଙ୍ଗନ କରିଥିଲେ।

ସାକ୍ଷୀପଡାସ୍ଥିତ ଇଦଗାହରେ ସକାଳ ପ୍ରାୟ ୭ଟା୧୫ରେ ସାମୂହିକ ନମାଜ ପାଠ ହୋଇଥିଲା। ସାକ୍ଷିପଡ଼ା ଦାରୁମ ଉଲୁମ୍‌ର ମୌଲବୀ ଅସ୍ରଫ୍ ମୁର୍ସିଦ ନମାଜପାଠ କରିଥିଲେ। ବିଶ୍ୱଶାନ୍ତି ଓ ଭାଇଚାରା ବଜାୟ ରଖିବା ପାଇଁ ପ୍ରାର୍ଥନ କରାଯାଇଥିଲା। ପେନ୍‌ସନପଡ଼ାସ୍ଥିତ କବରସ୍ଥାନରେ ଧୂପ ଜଳାଇ ପୂର୍ବ ପୁରୁଷଙ୍କ କବରରେ ପ୍ରାର୍ଥନ କରାଯାଇଥିଲା। ଏହି ଦିନରେ ଦାନ କରିବା ମହାପୁଣ୍ୟ ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ମୁସଲମାନ ଭାଇମାନେ ଗରିବଙ୍କୁ ବସ୍ତ୍ର, ଖାଦ୍ୟ ଓ ଆର୍ଥିକ ସହାୟତା କରିଥିଲେ। ସାକ୍ଷୀପଡ଼ା ଇଦ୍‌ଗାହ ପରିଚାଳନା କମିଟି ସଭାପତି ମହମ୍ମଦ ଜୁଲଫିକର ଅଲ୍ଲୀ ଭୁଟ୍ଟୋ, ସମ୍ପାଦକ ଶେଖ ସଖାଉତୁଲ୍ଲା, ଉପସଭାପତି ଅଶ୍ରଫ ଖାନ, ଯୁଗ୍ମ ସମ୍ପାଦକ ହାଜି ମହମ୍ମଦ ମୁଜାଫର, ଆଇନଜୀବୀ ମହମ୍ମଦ ସବୀର ହୁସେନ୍, ହାଜି ସୟଦ ଅରିଫ ହୁସେନ, ଶେଖ ଲାୟକ ଅଲ୍ଲୀ, ମହମ୍ମଦ ନୱାବ, ମହମ୍ମଦ ଜୁବେର, ମହମ୍ମଦ ହାସିମ, ମହମ୍ମଦ ରହିମ, ମହମ୍ମଦ ଅମୀନ, ମହମ୍ମଦ ସଲିମ, ମହମ୍ମଦ ବସିର ପ୍ରମୁଖ ଇଦ୍‌ଗାହ କମିଟି ସଦସ୍ୟମାନେ ନମାଜପାଠ ଓ ପ୍ରାର୍ଥନା ସଭା ପରିଚାଳନା କରିଥିଲେ।

ଇଦ୍‌ପର୍ବ ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜିଲା ସ୍କୁଲଛକ, ଭୁତାପଡ଼ା, ମୋତିଝରଣ, ସୁନାପାଲି, ଗେଗୁଟିପୋଲି, ପେନ୍‌ସନପଡ଼ା, ପୀରବାବାଛକ, ଗୋଲବଜାରଛକ, ଲକ୍ଷ୍ମୀଟକିଜ ଛକ, ଫାଟକ, ବଡ଼ବଜାର ଆଦି ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା।

DSPL-06



# ଓଡ଼ିଆ ପକ୍ଷ ପାଳନ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"୧ ଏପ୍ରିଲ୍ (ଓଡ଼ିଶା ଦିବସ) ଠାରୁ ୧୪ ଏପ୍ରିଲ୍ (ଓଡ଼ିଆ ନବବର୍ଷ) ପର୍ଯ୍ୟନ୍ତ ସମୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ପକ୍ଷ ହେଉ । ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ । ସ୍ମରଣ କରିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହିୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ୧୯୩୬ ମସିହାରେ । ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର । ଆସନ୍ତୁ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା, ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା । ଆସନ୍ତୁ ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍‌ରୁ ୧୪ ଏପ୍ରିଲ୍ ଯାଏଁ "ଓଡ଼ିଆ ପକ୍ଷ" ପାଳନ କରିବା ।"

**- ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| ୧ ଏପ୍ରିଲ୍ | ୨ ଏପ୍ରିଲ୍ | ୩ ଏପ୍ରିଲ୍ | ୪ ଏପ୍ରିଲ୍ | ୫ ଏପ୍ରିଲ୍ |
|---|---|---|---|---|
| ଓଡ଼ିଶା ଦିବସ | ଖଡ଼ିଛୁଆଁ ଦିବସ | ପାରମ୍ପରିକ ପୋଷାକ ପରିଧାନ ଅଭିଯାନ - 'ଆମ ପୋଷାକ ଆମ ପରିଚୟ' | ଓଡ଼ିଆରେ ନାମ ଫଳକ ଅଭିଯାନ - ସଚେତନତା ପଦଯାତ୍ରା | ଐତିହ୍ୟ ଗଣ ଦୌଡ |

| ୬ ଏପ୍ରିଲ୍ | ୭ ଏପ୍ରିଲ୍ | ୮ ଏପ୍ରିଲ୍ | ୯ ଏପ୍ରିଲ୍ |
|---|---|---|---|
| ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ | ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ | ରକ୍ତଦାନ ଅଭିଯାନ | ଆସ ବହିଟିଏ କିଣିବା |

| ୧୦ ଏପ୍ରିଲ୍ | ୧୧ ଏପ୍ରିଲ୍ | ୧୨ ଏପ୍ରିଲ୍ |
|---|---|---|
| ଲୋକକଳା ପାଇଁ ଦିନଟିଏ | ଯୁବ ଲେଖକ ସମ୍ମିଳନୀ | ବରପୁତ୍ରମାନଙ୍କ ଉପରେ ଆଲୋଚନା |

| ୧୩ ଏପ୍ରିଲ୍ | ୧୪ ଏପ୍ରିଲ୍ |
|---|---|
| ପାରମ୍ପରିକ ଖାଦ୍ୟ ଦିବସ ପାଳନ- ଆମ ରୁଚି ଆମ ଖାଦ୍ୟ | ଓଡ଼ିଆ ନବବର୍ଷ ପାଳନ |

OIPR-03001/13/0004/2425



**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର**

**ଭୂକମ୍ପ ମୃତ୍ୟୁ ୨,୦୦୦ ଟପିଲା**

# ସପ୍ତାହେ ଶୋକ ଘୋଷଣା କଲା ମ୍ୟାନ୍‌ମାର



ମାଣ୍ଡଲେର ଭୂକମ୍ପ ବିଧ୍ୱସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

**ମାଣ୍ଡଲେ,୩୧।୩**

ମ୍ୟାନ୍‌ମାରରେ ପ୍ରଳୟଙ୍କର ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ସୋମବାର ୨,୦୦୦ ଅତିକ୍ରମ କରିଥିବାବେଳେ ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳେ ଫସିରହିଥିବା ଲୋକଙ୍କୁ ଜୀବନ୍ତ ଉଦ୍ଧାର କରାଯିବା ଆଶା ମଉଳିଯାଇଛି। ମ୍ୟାନ୍‌ମାରର ସାମରିକ ସରକାର ସପ୍ତାହେ ପାଇଁ ଜାତୀୟ ଶୋକ ଘୋଷଣା କରିଛନ୍ତି। ଧନଜୀବନ ହାନି ନିମନ୍ତେ ସମବେଦନା ଜଣାଇବା ପାଇଁ ଜାତୀୟ ପତାକା ଏପ୍ରିଲ ୬ ପର୍ଯ୍ୟନ୍ତ ଅର୍ଦ୍ଧନମିତ ରହିବ ବୋଲି ଶାସକ ଜୁଣ୍ଟା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ମ୍ୟାନ୍‌ମାରର ଦ୍ୱିତୀୟ ବୃହତ୍ତମ ସହର ମାଣ୍ଡଲେରେ ଉଦ୍ଧାର କାର୍ଯ୍ୟ ବନ୍ଦ ରହିବା ପରେ ଏହି ଘୋଷଣା କରାଯାଇଛି। ସ୍ଥିତି ଏଭଳି ଭୟାନକ ରହିଛି ଯେ, କ'ଣ ଘଟିଯାଇଛି ତାହା ପ୍ରକାଶ କରିବା କଷ୍ଟକର ହୋଇପଡ଼ିଛି ବୋଲି ମାଣ୍ଡଲେର ସାଜ୍ଜା ନର୍ଥ ମସ୍ଜିଦର ମୁଖ୍ୟ ପ୍ରଶାସକ ଔଙ୍ଗ ମିଣ୍ଟ ହୁସେନ୍ କହିଛନ୍ତି। ଏବେ ବି ଲୋକେ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି। ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ପଶ୍ଚାତ୍ କମ୍ପନ ଲାଗିରହିଥିବାରୁ ଲୋକେ ଫେରିପାରୁ ନାହାନ୍ତି। ସାମରିକ ସରକାରଙ୍କ ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ୨,୦୫୬ରେ ପହଞ୍ଚିଥିବାବେଳେ ୩,୯୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି ଏବଂ ୨୭୦ ଜଣ ଏବେ ବି ନିଖୋଜ ରହିଛନ୍ତି। ମୃତକଙ୍କ ମଧ୍ୟରେ ଚାଇନା ଏବଂ ଫ୍ରାନ୍ସର ଲୋକ ରହିଥିବା ଜଣାପଡ଼ିଛି। ସେହିପରି ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ମୃତ୍ୟୁସଂଖ୍ୟା ୧୯ରେ ପହଞ୍ଚିଛି।

## ଦସ୍ତାବିଜ୍ ଚୋରି: ୪ ଚାଇନା ନାଗରିକ ଗିରଫ

**ବ୍ୟାଙ୍କକ୍,୩୧।୩**

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍ ଗତ ସପ୍ତାହର ଭୂକମ୍ପରେ ଭୁଶୁଡ଼ି ପଡ଼ିଥିବା ଏକ ସରକାରୀ କୋଠାରେ ଚାଇନାର ୪ ଜଣ ନାଗରିକ ବେଆଇନ ଭାବେ ପ୍ରବେଶ କରି ୩୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି କରି ନେଉଥିବାବେଳେ ଧରାପଡ଼ିଛନ୍ତି। ଷ୍ଟେଟ୍ ଅଡିଟ୍ ଅଫିସ୍ (ଏସ୍ଏଓ) ବିଲ୍ଡିଂରୁ ସମ୍ବେଦନଶୀଳ ଦସ୍ତାବିଜ୍ ଚୋରି ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ବ୍ୟାଙ୍କକ୍‌ର ସୁଉଚ୍ଚ ଅଟ୍ଟାଳିକା ଭୁଶୁଡ଼ିବା ଏବଂ ଏହା ସହ ଚାଇନା କମ୍ପାନୀର ଲିଙ୍କ୍ ସମ୍ପର୍କରେ ତଦନ୍ତ ପାଇଁ ଥାଇଲାଣ୍ଡ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିପର୍ଯ୍ୟୟ ସ୍ଥଳର ପରିଚାଳନା ଏବଂ ଚାଇନା ନାଗରିକମାନଙ୍କ କାର୍ଯ୍ୟକୁ ନେଇ ଗମ୍ଭୀର ଚିନ୍ତାବ୍ୟକ୍ତ କରାଯାଇଛି।

# ଇୟୁ ପାଣ୍ଠି ହେରଫେର ମାମଲାରେ ଫ୍ରାନ୍ସ ନେତ୍ରୀ ମାରିନ୍ ଦୋଷୀ

**ପବ୍ଲିକ୍ ଅଫିସ ପାଇଁ ଲଢ଼ିପାରିବେ ନାହିଁ**

**ପ୍ୟାରିସ୍,୩୧।୩**

ୟୁରୋପୀୟ ସଂଘ ପାଣ୍ଠି ହେରଫେର ମାମଲାରେ ଫ୍ରାନ୍ସର ଫାର୍-ରାଇଟ୍ ନେତ୍ରୀ ମାରିନ୍ ଲି ପେନ୍ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସେ ଉଚ୍ଚ ପଦବୀ ପାଇଁ ଲଢ଼ିପାରିବେ ନାହିଁ ବୋଲି ସୋମବାର ପ୍ରଧାନ ବିଚାରପତି କଟକଣା ଲଗାଇବା ପରେ ଲି ପେନ୍ ତୁରନ୍ତ କୋର୍ଟ ରୁମ୍‌ରୁ ବାହାରି ଚାଲିଯାଇଥିଲେ। ଏପରିକି ସେ ଗଣମାଧ୍ୟମକୁ କିଛି କହିବା ପାଇଁ ଅଟକି ନ ଥିଲେ। ପବ୍ଲିକ୍ ଅଫିସ୍ ପାଇଁ ନିର୍ବାଚନ ଲଢ଼ିବାକୁ ସେ କିପରି ଅଯୋଗ୍ୟ ହେବେ, ସେ ନେଇ ବିଚାରପତି କିଛି କହିନାହାନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ଆଇନଜୀବୀ ତଥା ରାଜନେତା ଲି ପେନ୍‌ଙ୍କ କ୍ୟାରିୟରକୁ କକ୍ଷଚ୍ୟୁତ କରିପାରେ, ଯାହା ଲକ୍ଷାଧିକ ସମର୍ଥକଙ୍କୁ କ୍ଷୁବ୍ଧ କରିଛି। ଲି ପେନ୍‌ଙ୍କ ପାର୍ଟି ୟୁରୋପୀୟ ପାର୍ଲାମେଣ୍ଟ ପାଣ୍ଠିକୁ ନିଜ ଫାଇଦା ପାଇଁ ବ୍ୟବହାର କରିଥିବା ବିଚାରପତି କହିବା ସହ ରାୟର ନକଲ ତାଙ୍କ ଦଳର ୮ ଜଣ ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ।



ମାରିନ୍ ଲି ପେନ୍

# ମୋଦିଙ୍କ ଉତ୍ତରାଧିକାରୀ ବାଛିବ ଆର୍ଏସ୍ଏସ୍: ସଞ୍ଜୟ

**ନୂଆଦିଲ୍ଲୀ/ମୁମ୍ବାଇ,୩୧।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରାଧିକାରୀ ମହାରାଷ୍ଟ୍ରରୁ ହେବେ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ଏନେଇ ନିଷ୍ପତ୍ତି ନେବାକୁ ଯାଉଥିବା ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି। ନେତାଙ୍କ ଅବସର ବୟସ ୭୫ ବର୍ଷ । ଆଗାମୀ ସେପ୍ଟେମ୍ବରରେ ମୋଦିଙ୍କୁ ୭୫ ବର୍ଷ ହେବାକୁ ଯାଉଥିବାରୁ ସେ ଅବସର ନେବା ନିମନ୍ତେ ଆବେଦନ ପତ୍ର ଲେଖିବା ପାଇଁ ସମ୍ଭବତଃ ରବିବାର ନାଗପୁରସ୍ଥିତ ଆର୍ଏସ୍ଏସ୍ ମୁଖ୍ୟାଳୟକୁ ଯାଇଥିଲେ ବୋଲି ସଞ୍ଜୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଉତ୍ତରାଧିକାରୀ ସମ୍ପର୍କିତ କଳ୍ପନାଜଳ୍ପନାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଖଣ୍ଡନ କରିଛନ୍ତି। ମୋଦି ଆହୁରି ଅନେକ ବର୍ଷ ଯାଏ ଦେଶର ନେତୃତ୍ୱ ନେବେ। ୨୦୨୯ରେ ଆମେ ତାଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ବୋଲି ଫଡ଼ନବିସ୍ କହିଛନ୍ତି। ମୋଦି ଆମର ନେତା ଓ ସେ ଏହି ପଦରେ ରହିବେ। ଜଣେ ନେତା ସକ୍ରିୟ ରହିଥିବାବେଳେ ତାଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ ଆଲୋଚନା କରିବା ଅପ୍ରାସଙ୍ଗିକ। ଭାରତୀୟ ସଂସ୍କୃତିରେ ବାପା ବଞ୍ଚିଥିବାବେଳେ ତାଙ୍କ ଉତ୍ତରାଧିକାରୀ ବିଷୟରେ ଆଲୋଚନା କରିବା ଠିକ୍ ନୁହେଁ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କହିଛନ୍ତି।



ସଞ୍ଜୟ ରାଉତ

**କଳ୍ପନାଜଳ୍ପନାକୁ ଫଡ଼ନବିସ୍‌ଙ୍କ ଖଣ୍ଡନ**

## ୬ ବିକ୍ଷୋଭକାରୀଙ୍କୁ ଫାଶୀ ଦେଲା ହମାସ

**ଗାଜା, ୩୧।୩**

ଗାଜାରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଗାଜାର ସଶସ୍ତ୍ର ଶାସକ ହମାସ ସୋମବାର ୬ ଜଣ ସ୍ଥାନୀୟ ଲୋକଙ୍କୁ ଫାଶୀ ଦଣ୍ଡ ଦେଇଛି। ଗତ ସପ୍ତାହରେ ଗାଜାରେ ହମାସ ବିରୋଧୀ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହି ଆନ୍ଦୋଳନରେ ଅନେକ ହଜାର ସଂଖ୍ୟାରେ ଲୋକ ରାସ୍ତାକୁ ଓହ୍ଲାଇ ହମାସ କ୍ଷମତାରୁ ହଟୁ ବୋଲି ଦାବି କରିଥିଲେ। ଉକ୍ତ ଆନ୍ଦୋଳନକୁ ଦମନ କରିବା ପାଇଁ ହମାସ ୬ ବିକ୍ଷୋଭକାରୀଙ୍କୁ ଫାଶୀ ଦେଇଛି। ସେହିପରି ହମାସ ପକ୍ଷରୁ କେତେଜଣ ବିକ୍ଷୋଭକାରୀଙ୍କୁ ସମସ୍ତଙ୍କ ସମ୍ମୁଖରେ ଚାବୁକ ମାଡ଼ କରାଯାଇଛି। ଆଉ କେତେଜଣ ବିକ୍ଷୋଭକାରୀଙ୍କୁ ହମାସ ଅପହରଣ ମଧ୍ୟ କରିଛି।



ରାଜସ୍ଥାନର ଜୟପୁରରେ ଗଙ୍ଗାଉର ଉତ୍ସବ ଅବସରରେ ସୋମବାର କଳାକାରମାନେ ତ୍ରିପୋଲିଆ ଗେଟ୍ ନିକଟରେ ପାରମ୍ପରିକ ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରୁଛନ୍ତି।

## କୋଟାରେ ଜେଇଇ ଆଶାୟୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୩୧।୩**

ଛାତ୍ରୀଛାତ୍ର ଆତ୍ମହତ୍ୟାର କେନ୍ଦ୍ରସ୍ଥଳ ପାଲଟିଥିବା ରାଜସ୍ଥାନର କୋଟାରେ ପୁଣି ଏକ ଆତ୍ମହତ୍ୟା ଘଟଣା ଘଟିଛି। ଏପ୍ରିଲ ୨ରେ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ହେବାକୁ ଥିବା ବେଳେ ଏହାର ୨ ଦିନ ପୂର୍ବରୁ ଜଣେ ଆଶାୟୀ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। କୋଟାରେ ଚଳିତ ବର୍ଷ ଏହା ୧୦ମ ଆତ୍ମହତ୍ୟା। ମୃତକ ଜଣକ କାନପୁରର ୧୮ ବର୍ଷୀୟ ଉଜ୍ଜ୍ୱଳ ମିଶ୍ରା ହୋଇଥିବାବେଳେ ସେ ଗତ ବର୍ଷେ ହେବ କୋଟାର ରାଜୀବ ନଗର ଅଞ୍ଚଳରେ ରହି ଏକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ଜରିଆରେ ଜେଇଇ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏପ୍ରିଲ ୨ରେ ହେବାକୁଥିବା ଜେଇଇ-ମେନ୍ ପରୀକ୍ଷା ପାଇଁ ଲକ୍ଷ୍ନୌଠାରେ ତାଙ୍କର ସେଣ୍ଟର ପଡ଼ିଥିଲା। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଇ-ଚାଲାଣ ପୈଠ ନ କଲେ ଡ୍ରାଇଭିଂ ଲାଇସେନ୍ସ ଜବତ ହେବ

**ନୂଆଦିଲ୍ଲୀ,୩୧।୩**

ଟ୍ରାଫିକ୍ ନିୟମ ଉଲ୍ଲଂଘନ ଘଟଣାରେ ଦଣ୍ଡସ୍ୱରୂପ ଯେତିକି ଇ-ଚାଲାଣ କଟାଯାଉଛି, ତା'ର ମାତ୍ର ୪୦ ପ୍ରତିଶତ ଦେୟ ଆଦାୟ ହେଉଥିବା ଜଣାପଡ଼ିଛି। ଅନେକ ନିୟମ ଉଲ୍ଲଂଘନକାରୀ ଜରିମାନା ରାଶି ଭରୁନାହାନ୍ତି। ତେଣୁ ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଟ୍ରାଫିକ୍ ନିୟମ ପାଳନକୁ କଡ଼ାକଡ଼ି କରିବାକୁ ଯାଉଛନ୍ତି। ତଦନୁଯାୟୀ, ୩ ମାସ ମଧ୍ୟରେ ଟ୍ରାଫିକ୍ ଇ-ଚାଲାଣ (ଜରିମାନା) ପୈଠ ନ କଲେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)କୁ ସ୍ଥଗିତ ରଖାଯିବ। ଲାଲ୍‌ବତିକୁ ଅତିକ୍ରମ କରିଯିବା କିମ୍ବା ବିପଜ୍ଜନକ ଡ୍ରାଇଭିଂ ପାଇଁ ଗୋଟିଏ ଆର୍ଥିକ ବର୍ଷରେ ୩ ଥର ଚାଲାଣ କଟାଯାଇଥିଲେ, ଲାଇସେନ୍ସକୁ ଅନ୍ୟୂନ ୩ ମାସ ପାଇଁ ଜବତ କରାଯିବ। ଯଦି ଜଣେ ଡ୍ରାଇଭର ପୂର୍ବ ଆର୍ଥିକ ବର୍ଷରୁ ଅନ୍ୟୂନ ୨ଟି ଚାଲାଣ ପୈଠ ନ କରି ଅଟକାଇ ରଖିଥିବେ, ତେବେ ତାଙ୍କ ଉପରେ ଅଧିକ ବୀମା ପ୍ରିମିୟମ୍ ଲଗାଯିବ।

କେନ୍ଦ୍ରୀୟ ମୋଟର ଯାନ ଆଇନର ବ୍ୟବସ୍ଥା ଅନୁଯାୟୀ ଇଲେକ୍ଟ୍ରୋନିକ ପର୍ଯ୍ୟବେକ୍ଷଣ କାର୍ଯ୍ୟକାରିତା ସମ୍ପର୍କିତ ଅନୁପାଳନ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ୨୩ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେବା ପରେ ସରକାର ଆଇନ ପାଳନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଆଇନର ଧାରା ୧୩୬ଏ ଅନୁଯାୟୀ, ଉତ୍ତମ ଟ୍ରାଫିକ ପରିଚାଳନାକୁ ସୁନିଶ୍ଚିତ କରାଇବା ଏବଂ ଟ୍ରାଫିକ୍ ଆଇନର କାର୍ଯ୍ୟକାରିତା ପାଇଁ ସିସିଟିଭି କ୍ୟାମେରା, ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା, ସ୍ପିଡ୍ ଗନ୍, ଶରୀରରେ ପିନ୍ଧାଯାଇପାରୁଥିବା କ୍ୟାମେରା ଆଦି ଉନ୍ନତ ପ୍ରଯୁକ୍ତି ବ୍ୟବହାର କରାଯାଇପାରିବ।

ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଦିଲ୍ଲୀରେ ଇ-ଚାଲାଣ ଜରିଆରେ ସର୍ବନିମ୍ନ ୧୪ ପ୍ରତିଶତ ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। କର୍ଣ୍ଣାଟକରେ ଇ-ଚାଲାଣ ଜରିଆରେ ଜରିମାନା ଆଦାୟ ପରିମାଣ ୨୧ ପ୍ରତିଶତ ରହିଥିବାବେଳେ ତାମିଲନାଡୁ ଓ ଉତ୍ତରପ୍ରଦେଶରେ ୨୭%, ଓଡ଼ିଶାରେ ୨୯% ରହିଛି। ଅନ୍ୟପକ୍ଷରେ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ହରିୟାଣାରେ ଜରିମାନା ଆଦାୟ ହାର ୬୨ରୁ ୭୬ ପ୍ରତିଶତ ରହିଛି। ତଥ୍ୟରୁ ଆହୁରି ଜଣାପଡ଼ିଛି, ଯେଉଁମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି, ପୋଲିସ୍ ଲଗାଇଥିବା ଜରିମାନା ଉପରେ ସେମାନଙ୍କୁ ପାଖାପାଖି ୮୦ ପ୍ରତିଶତ ଛାଡ଼ ମିଳିଛି।

ଜନସାଧାରଣ ଜରିମାନା ତୁରନ୍ତ ପୈଠ ନ କରିବାର ଅନେକ କାରଣ ରହିଛି। ସେଗୁଡ଼ିକ ହେଲା, ଚାଲାଣ କଟାଯାଇଥିବା ନେଇ ବିଳମ୍ବରେ ସତର୍କ ସୂଚନା ଆସିବା ଏବଂ ତ୍ରୁଟିପୂର୍ଣ୍ଣ ଚାଲାଣ। ଏଥିରେ ସୁଧାର ଆଣିବା ପାଇଁ ସରକାର ଏକ ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଆଣିବାକୁ ଯାଉଛନ୍ତି, ଯେଉଁଥିରେ କ୍ୟାମେରା ସମ୍ପର୍କିତ ସୂଚନା ରହିବା ସହ ବକେୟା ଚାଲାଣ ସମ୍ପର୍କରେ ସତର୍କ କରାଇବ। ଜରିମାନା ପୈଠ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ଗାଡ଼ି ମାଲିକ କିମ୍ବା ଡ୍ରାଇଭରଙ୍କ ପାଖକୁ ବାରମ୍ବାର ଆଲର୍ଟ ପଠାଯିବ। ଉଦାହରଣ ସ୍ୱରୂପ, ୩ ଦିନ ମଧ୍ୟରେ ଡ୍ରାଇଭର କିମ୍ବା ଗାଡ଼ି ମାଲିକଙ୍କ ପାଖକୁ ଇ-ଚାଲାଣ ନୋଟିସ୍ ଯିବ। ନୋଟିସ୍ ପାଇବାକୁ ଥିବା ବ୍ୟକ୍ତି ଏହାକୁ ଗ୍ରହଣ କରିବା ସହ ୩୦ ଦିନ ମଧ୍ୟରେ ଏହାକୁ ପୈଠ କରିବେ କିମ୍ବା ସମ୍ପୃକ୍ତ ଆପତ୍ତି ଅଭିଯୋଗ କର୍ତ୍ତୃପକ୍ଷଙ୍କ ନିକଟରେ ଚ୍ୟାଲେଞ୍ଜ କରିବେ। ୩୦ ଦିନ ମଧ୍ୟରେ ଏହା ନ କଲେ, ତ୍ରୁଟିକୁ ଆପଣ ଗ୍ରହଣ କଲେ ବୋଲି ଧରାଯିବ। ୯୦ ଦିନ ମଧ୍ୟରେ ଜରିମାନା ପୈଠ ନ କଲେ ଏହା ପୈଠ ହେବା ପର୍ଯ୍ୟନ୍ତ ଡିଏଲ୍ କିମ୍ବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ସ୍ଥଗିତ ରହିବ।

# ଜାତୀୟ ଶିକ୍ଷାନୀତିକୁ ନିନ୍ଦାକଲେ ସୋନିଆ

**ନୂଆଦିଲ୍ଲୀ,୩୧।୩(ପି.ଟି.)**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିକୁ ନିନ୍ଦା କରିଛନ୍ତି। କ୍ଷମତାର କେନ୍ଦ୍ରୀକରଣ, ବ୍ୟବସାୟୀକରଣ, ଘରୋଇ ସେକ୍ଟରରେ ପୁଞ୍ଜିନିବେଶର ଆଉଟ୍‌ସୋର୍ସିଂ ଏବଂ ପାଠ୍ୟପୁସ୍ତକଗୁଡ଼ିକର ସାମ୍ପ୍ରଦାୟୀକରଣ ଉକ୍ତ ଶିକ୍ଷାନୀତିର ମୁଖ୍ୟ ଏଜେଣ୍ଡା। ଉପରୋକ୍ତ ୩ 'ସି' ଏବେ ଭାରତୀୟ ଶିକ୍ଷାକୁ ଘାରିଥିବା କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା କହିଛନ୍ତି। ଭାରତୀୟ ଶିକ୍ଷା ବ୍ୟବସ୍ଥାର 'ହତ୍ୟା' ବନ୍ଦ ହେବା ଜରୁରୀ ବୋଲି ସେ ଏକ ପ୍ରବନ୍ଧରେ ଲେଖିଛନ୍ତି। ଏଥିରେ ସୋନିଆ କହିଛନ୍ତି, ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ ଆଣିବା ପଛରେ ସରକାରଙ୍କ ବାସ୍ତବତା ଲୁଚି ରହିଛି, ଯାହା ଭାରତର ପିଲା ଓ ଯୁବବର୍ଗଙ୍କ ଶିକ୍ଷା ପାଇଁ ସମ୍ପୂର୍ଣ୍ଣ ଉଦାସୀନ। କେନ୍ଦ୍ର ସରକାରଙ୍କ ଗତ ଦଶନ୍ଧିର ଟ୍ରାକ୍ ରେକର୍ଡ ଦେଖିଲେ ଜଣାଯାଏ, ଏହା କେବଳ ତିନୋଟି ମୁଖ୍ୟ ଏଜେଣ୍ଡାର ସଫଳ କାର୍ଯ୍ୟକାରିତା ପାଇଁ ଚିନ୍ତିତ। ସେଗୁଡ଼ିକ ହେଲା କେନ୍ଦ୍ର ସରକାରଙ୍କ ସହ କ୍ଷମତା କେନ୍ଦ୍ରୀକରଣ, ବ୍ୟବସାୟୀକରଣ ଏବଂ ଘରୋଇ କ୍ଷେତ୍ରରେ ଶିକ୍ଷାରେ ନିବେଶର ଆଉଟ୍‌ସୋର୍ସିଂ, ପାଠ୍ୟପୁସ୍ତକ, ପାଠ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର ସାମ୍ପ୍ରଦାୟୀକରଣ ବୋଲି ସୋନିଆ ଲେଖିଛନ୍ତି।



ସୋନିଆ ଗାନ୍ଧୀ

**ଫୁର୍‌ସତ୍**

# 'କିସ୍ କିସ୍ କୋ ପ୍ୟାର୍ କରୁଁ ୨': ଫାର୍ଷ୍ଟ ଲୁକ୍ ଆଉଟ୍

**ମୁମ୍ବାଇ**

ଇଦ୍ ଉପଲକ୍ଷେ ସୋମବାର ହାସ୍ୟ ଅଭିନେତା କପିଲ ଶର୍ମାଙ୍କର ଆଗାମୀ କମେଡି ଡ୍ରାମା ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ର ପ୍ରଥମ ଲୁକ୍‌କୁ ଜାରି କରାଯାଇଛି। ଏହାକୁ କପିଲ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ଇଦ୍ ମୁବାରକ। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଫିଲ୍ମର ପ୍ରଥମ ପୋଷ୍ଟର ଆଉଟ। ଏହି ପୋଷ୍ଟରରେ କପିଲ ଧଳା ରଙ୍ଗର ଶେର୍‌ୱାନି ସହ ବର ବେଶରେ ନଜରକୁ ଆସିଛନ୍ତି। ତାଙ୍କ ସହ କନ୍ୟା ବେଶରେ ମଧ୍ୟ ଜଣେ ଯୁବତୀ ଠିଆ ହୋଇଛନ୍ତି। ସେ ଓଢ଼ଣା ଦେଇ ନିଜ ଚେହେରାକୁ ଲୁଚାଇ ରଖିଛନ୍ତି। କପିଲଙ୍କ ଏହି ପୋଷ୍ଟରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂଙ୍କ ସହ ବହୁ ପ୍ରଶଂସକ କମେଣ୍ଟକରି ତାଙ୍କୁ ଫିଲ୍ମ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଅନୁରାଗ ଗୋସ୍ୱାମୀଙ୍କ ନିର୍ଦ୍ଦେଶନା ଏବଂ ରତନ ଜୈନ ଓ ଗଣେଶ ଜୈନଙ୍କ ପ୍ରଯୋଜନାରେ ବର୍ତ୍ତମାନ ଏହି ଫିଲ୍ମର ଶୁଟିଂ ଜାରି ରହିଛି। ତେବେ ଏବେ ସୁଦ୍ଧା ଫିଲ୍ମର ରିଲିଜ୍ ତାରିଖ ଉପରୁ ପରଦା ଉଠିନାହିଁ। ପ୍ରକାଶ ଯେ, 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ହେଉଛି ୨୦୧୫ରେ ରିଲିଜ୍ ହୋଇଥିବା 'କିସ୍ କିସ୍ କୋ ପ୍ୟାର୍ କରୁଁ' ଫିଲ୍ମର ସିକ୍ୱେଲ।



# ମୋବାଇଲ ଫିଙ୍ଗା ପ୍ରତିଯୋଗିତା

**ହେଲ୍‌ସିଙ୍କି**

ଅଧିକାଂଶ ଲୋକ ନିଜ ମୋବାଇଲ ଫୋନ୍‌କୁ ଅତି ଯତ୍ନର ସହ ରଖିଥାନ୍ତି। ଯଦି ଫୋନ୍‌ଟି ଭୁଲ୍‌ବଶତଃ ହାତରୁ ଖସିଯାଏ, ତେବେ ଏଥିରେ ସ୍କ୍ରାଚ୍ ହୋଇଛି କି ନାହିଁ ଦେଖିବାକୁ ସମସ୍ତେ ତୁରନ୍ତ ମୋବାଇଲକୁ ତୀକ୍ଷ୍ଣ ଭାବେ ପରଖିଥାନ୍ତି। ତେବେ ୟୁରୋପୀୟ ଦେଶ ଫିନ୍‌ଲାଣ୍ଡର ଲୋକମାନେ ମୋବାଇଲ ଫୋନ୍‌କୁ ଏତେ ଗୁରୁତ୍ୱର ସହ ନିଅନ୍ତି ନାହିଁ। ଫିନ୍‌ଲାଣ୍ଡର ସାବୋନ୍‌ଲିନା ସହରରେ ମୋବାଇଲ ଫୋନ୍ ଫୋପାଡ଼ିବାର ଏକ ପ୍ରତିଯୋଗିତା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ବାହାର ଦେଶର ଲୋକମାନେ ମଧ୍ୟ ଆସିଥାନ୍ତି। ଏହି ପ୍ରତିଯୋଗିତାର ନିୟମ ଅନୁଯାୟୀ, ସର୍ବାଧିକ ଦୂରତା ପର୍ଯ୍ୟନ୍ତ ମୋବାଇଲ ଫୋନ୍ ଫୋପାଡ଼ିଥିବା ବ୍ୟକ୍ତିଙ୍କୁ ବିଜେତା ଘୋଷଣା କରାଯାଏ।

'ମୋବାଇଲ୍ ଫୋନ୍ ଥ୍ରୋଇଙ୍ଗ୍ ଚାମ୍ପିୟନଶିପ୍' ନାମରେ ଏହି ପ୍ରତିଯୋଗିତା ସାବୋନ୍‌ଲିନାରେ ୨୦୦୦ ମସିହାରୁ ପ୍ରତିବର୍ଷ ଅଗଷ୍ଟ ମାସରେ ଆୟୋଜିତ ହୋଇଆସୁଛି। ଏକ ଜାତୀୟ କାର୍ଯ୍ୟକ୍ରମ ଭାବରେ ପ୍ରଥମେ ଏହି ପ୍ରତିଯୋଗିତାକୁ ଆରମ୍ଭ କରାଯାଇଥିଲା। ସେବେଠାରୁ ଏହି ନିଆରା ଚାମ୍ପିୟନଶିପ୍ ସମଗ୍ର ବିଶ୍ୱରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏହି ଖେଳରେ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ଏକ ଫୋନ୍ ଦିଆଯାଇଥାଏ। ତେବେ ଏହି ଖେଳ ମନ ଭିତରେ ଚାପି ହୋଇ ରହିଯାଉଥିବା ଭାବନାକୁ ସର୍ବ ସମ୍ମୁଖରେ ପ୍ରକାଶ କରିବାକୁ ସହାୟକ ହୋଇଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସମ୍ପ୍ରତି ଆମେରିକା, ବେଲଜିୟମ ଏବଂ ଅଷ୍ଟ୍ରିଆ ଭଳି ଦେଶରେ ମଧ୍ୟ ଏହିପରି ପ୍ରତିଯୋଗିତାର ଆୟୋଜନ ଆରମ୍ଭ ହୋଇଛି।

ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ମୋବାଇଲ ଫୋନ୍ ଦିଆଯାଇଥାଏ, ଯାହାକୁ ସେମାନେ ବହୁ ଦୂରକୁ ଲକ୍ଷ୍ୟ କରି ଫୋପାଡ଼ିଥାନ୍ତି। ଫୋନ୍‌ଟି ଭୂମିରେ ପଡ଼ିବା ପୂର୍ବରୁ କେତେ ଦୂର ଉଡ଼ିଥାଏ, ତାହା ମୂଲ୍ୟାଙ୍କନ କରାଯାଇ ବିଜେତାଙ୍କ ନାମ ଘୋଷଣା କରାଯାଏ। ଏହି ଖେଳ ଖେଳି ଡ୍ରାଇସ୍ ଫେରିମାନ୍ସ ନାମକ ଜଣେ ବ୍ୟକ୍ତି ଏକ ମୋବାଇଲ ଫୋନ୍‌କୁ ରେକର୍ଡ ୧୧୦.୪୨ ମିଟର ଦୂରରେ ଫିଙ୍ଗି ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଫୋପଡ଼ା ଯାଉଥିବା ମୋବାଇଲ ଫୋନ୍‌ର ଓଜନ ୨୨୦ ଗ୍ରାମ୍‌ରୁ ୪୦୦ ଗ୍ରାମ୍ ମଧ୍ୟରେ ରହିବା ଆବଶ୍ୟକ। ସେହିପରି ଏହି ପ୍ରତିଯୋଗିତାରେ ଫୋନ୍ ଫୋପାଡିବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ନିଜ ମନପସନ୍ଦର ମୋବାଇଲ୍ ଫୋନ୍ ବାଛିବା ପାଇଁ ସ୍ୱାଧୀନତା ମିଳିଥାଏ। ତେବେ ସାଧାରଣତଃ ବହୁ ବର୍ଷ ଧରି ବ୍ୟବହୃତ ହୋଇଥିବା ପୁରୁଣା ମୋବାଇଲ ଫୋନ୍‌ଗୁଡ଼ିକୁ ଏହି ଖେଳରେ ବ୍ୟବହାର କରାଯାଇଥାଏ।



## ରକ୍ତଦାନ ଶିବିର, ୨୬ ୟୁନିଟ୍ ସଂଗ୍ରହ



**ପଦ୍ମପୁର, ୩୧।୩ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ବୁଢ଼େନ ଗ୍ରାମପଞ୍ଚାୟତ ଅଫିସ ପରିସରରେ ଅଭିନନ୍ଦନ କ୍ଲବ ପକ୍ଷରୁ ସରପଞ୍ଚ ନାରାୟଣ ମେହେରଙ୍କ ଉପସ୍ଥିତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୨୬ ଜଣ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ବ୍ଲଡ ବ୍ୟାଙ୍କର ଏକ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଚୈତନ୍ୟ ସାହୁ, ଜ୍ୟୋତିର୍ମୟ ସାହୁ, ଭାସ୍କର ମହାନନ୍ଦ, ବିପିନ ସାହୁ, ପଞ୍ଚା ପଣ୍ଡା, ସୌଦାଗର ସାହୁ, ବାବଲୁ ପାଣଗ୍ରାହୀ, ସୁବ୍ରତ ବେହେରା, ରଞ୍ଜନ ସାହୁ, ବସୁ ସେଟ, ସୁଧୀର ବେହେରା, ସମୀର ସାହୁ, ସୁରେଶ ବେହେରା, ଗିରିଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ହଳଧର ସାହିତ୍ୟ ଅସ୍ମିତାର ଆବାହନ

**ବରଗଡ,୩୧।୩(ପ୍ରେମାନନ୍ଦ ଖମାରୀ)**

ପଦ୍ମଶ୍ରୀ ଲୋକକବି ହଳଧର ନାଗଙ୍କ ୭୫ତମ ଜନ୍ମଦିନ ଅବସରରେ ବରଗଡ଼ରେ ସୋମବାର ତ୍ରିଦିବସୀୟ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଓସାକା, ହାଇଦ୍ରାବାଦ ଆୟୋଜନ ଏବଂ କୋଶଳ ଛାତ୍ର ସଙ୍ଗଠନ ଓ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ସହଯୋଗରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ, ସମ୍ବଲପୁର, ବଲାଙ୍ଗୀର, ସୋନପୁର, କଳାହାଣ୍ଡି ସମେତ କୋଶଲାଞ୍ଚଳର ବିଭିନ୍ନ ପ୍ରାନ୍ତରୁ କବି, ସାହିତ୍ୟିକ, ଲେଖକମାନେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ କବି ହଳଧର ନାଗଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ପରେ କବି ନାଗଙ୍କ ଉପସ୍ଥିତି ଏବଂ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପଦ୍ମନାଭ ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ଡଃ . ଦ୍ୱାରିକାନାଥ ନାୟକ, ଉତ୍ପନ୍ନ ଭୋଇ, ସୁଶାନ୍ତ ମିଶ୍ର ଓ ଅଶୋକ ପୂଜାହାରୀ ଯୋଗଦାନ କରିଥିଲେ। 'ହଳଧର ସାହିତ୍ୟ ଆର୍ ଜୀବନୀ କୋଶଲାଞ୍ଚଲର ଭାଷା, ସାହିତ୍ୟ ସାଙ୍ଗେ ଆମର ମାଟିର ଅସ୍ମିତା ଲାଗି ଉଲଗୁଲାନ' ଶୀର୍ଷକରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଗୋରେଖ ନାଥ ସାହୁ, ଡ. ସୁବାସ ମେହେର, ଡ. ଲୋହିତାକ୍ଷ ଯୋଶୀ, ଲାଲଚନ୍ଦ ବଗର୍ତ୍ତି ଓ ଶିବପ୍ରସାଦ ସା ଯୋଗଦାନ କରି ସମ୍ବଲପୁରୀ କୋଶଲି ଭାଷାରେ ପ୍ରାଥମିକ ସ୍ତରରେ ଶିକ୍ଷାଦାନ ଆବଶ୍ୟକତା ଶୀର୍ଷକରେ ଆଲୋଚନା କରିଥିଲେ। ସେହିପରି ହଳଧରଙ୍କ ସ୍ୱାଭିମାନକୁ ଅନୁକରଣ କରିବା ସହିତ ସାଙ୍ଗଠନିକ ଆବଶ୍ୟକତା ସଂକ୍ରାନ୍ତରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ଅଧ୍ୟାପକ ସୁଶାନ୍ତ ମିଶ୍ର, ଅଶୋକ କୁମାର ପୂଜାହାରୀ ଓ ରାଜମଣି ସାହୁ ଯୋଗଦାନ କରିଥିଲେ। ଅଧ୍ୟାପକ ମୋହନ ସାହୁ, ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ସଂଯୋଜକ ପ୍ରଶାନ୍ତ ମାଝୀ ଓ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଆଲୋଚନାଚକ୍ର ସଞ୍ଚାଳନ କରିଥିଲେ। ଅପରାହ୍ନ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିପ୍ଲବୀ କବି ନୀତିଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ହରିଲାଲ ସାହୁ ମଞ୍ଚାସୀନ ଥିଲେ। ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହଳଧର ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ଲୋକନୃତ୍ୟ, ଲୋକଗୀତ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପଦ୍ମନାଭ ପଧାନ, ପ୍ରଶାନ୍ତ ମାଝୀ, ସୁନିଲ ପୁରୋହିତ, ପାଣ୍ଡବ କର୍ଣ୍ଣ, ଅଜିତ ପତି, ଦୀପକ ଦାଶ, ଆକାଶ ପଣ୍ଡା, ଦୀପକ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବରଗଡ଼ରେ ଇଦ୍-ଉଲ୍-ଫିତର



ପିଲାମାନେ ପରସ୍ପରକୁ ଇଦ୍ ଅଭିନନ୍ଦନ ଜଣାଉଛନ୍ତି।

**ବରଗଡ଼,୩୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ସହରରେ ସୋମବାର ଇଦ୍-ଉଲ୍-ଫିତର୍ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲିମ ସମ୍ପ୍ରଦାୟର ଲୋକେ ମାସେ ବ୍ୟାପୀ ରମଜାନ ମାସକୁ ଉପବାସ ରହି ପାଳନ କରିଥିଲେ। ରବିବାର ସନ୍ଧ୍ୟାରେ ଚନ୍ଦ୍ର ଦେଖି ସୋମବାର ମୁସଲମାନ ସମ୍ପ୍ରଦାୟର ଭଉଣୀ, ଭାଇମାନେ ପ୍ରେମ ଓ ଭାଇଚାରାର ପର୍ବ ଇଦ୍ ଉଲ୍ ଫିତର ଆନନ୍ଦଉଲ୍ଲାସର ସହ ପାଳନ କରିଥିଲେ। ମୁସଲିମ ସମ୍ପ୍ରଦାୟର ସମସ୍ତ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ବରଗଡ ଡ୍ୟାମ କଲୋନିସ୍ଥିତ ଇଦ୍‌ଗାହ ପଡିଆରେ ସମବେତ ହୋଇଥିଲେ। ସେଠାରେ ବରଗଡ ସୁନ୍ନି ବରେଲବୀ ଜାମା ମସଜିଦର ମୌଲାନା ମହମ୍ମଦ କିସମତ ଅଲି ରିଜବୀଙ୍କ ଅଧ୍ୟକ୍ଷତାରେ ସାମୂହିକ ନମାଜ ପାଠ ହୋଇଥିଲା। କାର୍ଯ୍ୟକ୍ରମରେ ଏହି ପର୍ବର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ମୁସଲମାନ ସମ୍ପ୍ରଦାୟକୁ ଅବଗତ କରାଯିବା ସହିତ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା ହୋଇଥିଲା। ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସୁନ୍ନି ଜାମା ମସ୍‌ଜିଦ କମିଟି ଅଧ୍ୟକ୍ଷ ଶେଖ୍ ଅସଗର, ସମ୍ପାଦକ ଏମ୍‌ଡି ନିଜାମ, ଏମ୍‌ଡି ନଇମ, ଜାନିସାର ଅନସାରୀ, ମହମ୍ମଦ ଭିକି, ଶେଖ ନଜିମୁଦ୍ଦିନ, ମହମ୍ମଦ ନଇମ, ଶେଖ ନସିମୁଦ୍ଦିନ, ଗୁଲାମ ଗୌସ, ଗୁଲାମ ରସୁଲ, ମହମ୍ମଦ ଅସ୍କାଲାନି, ଶେଖ୍ ଜାଫର, ଶେଖ ସବଦର, ଶେଖ ମୁର୍ତ୍ତୁଜା, ମହମ୍ମଦ ଆଲାଦ୍ଦିନ, ମହମ୍ମଦ ବବଲୁ, ମହମ୍ମଦ ଜମୀର, ମହମ୍ମଦ ଜିଆଉଲ୍, ମହମ୍ମଦ ଅସଲମ, ନାସିର ଖାନ, ମହମ୍ମଦ ଲତିଫ, ମହମ୍ମଦ ଇସଲାମ, ମହମ୍ମଦ ମାସୁମ, ମହମ୍ମଦ ରାଜୁ, ମହମ୍ମଦ ଜାଫର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଘରେ ଘରେ ମିଠା, ପିଠାପଣା ଆଦି ସ୍ୱାଦିଷ୍ଟ ଖାଦ୍ୟ ଖାଇ ସମସ୍ତେ ପର୍ବ ପାଳନ କରିଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷରେ ଚରିତ୍ର ଗଠନକୁ ଗୁରୁତ୍ୱ

**ବରଗଡ଼,୩୧।୩(ପ୍ରେମାନନ୍ଦ ଖମାରୀ)**

ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ ଆନୁକୂଲ୍ୟରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ଉନ୍ନୀତ ବିଦ୍ୟାଳୟ, କର୍ଲାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ, ଅତାବିରା ଶାଖାର ସଦସ୍ୟ ତଥା ବିଜ୍ଞାନ ଶିକ୍ଷକ ବାଳମୁକୁନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଭୁବନେଶ୍ୱରର ପ୍ରାଧ୍ୟାପକ ସପ୍ତର୍ଷି ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ ଜନ କଲ୍ୟାଣମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସେ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ସେ ବିଭିନ୍ନ ପରୀକ୍ଷଣ ଓ ପ୍ରଦର୍ଶନ ମାଧ୍ୟମରେ ଉତ୍ତମ ଚରିତ୍ର ଗଠନ କରି ଜୀବନର ମୂଲ୍ୟବୋଧ ଉପଲବ୍ଧି କରିବା ପାଇଁ ଛାତ୍ରୀଛାତ୍ରମାନଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଥିଲେ। ଅମ୍ବାଭୋନା ଏବିଇଓ ମୋହନ ଚରଣ ମହାନ୍ତ, ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ସିଆର୍‌ସିସି କେଦାର ନାଏକ, ପରିବେଶକର୍ମୀ ଗଣେଶ ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲ୍ୟାବସ୍ଥାରୁ ସମସ୍ତେ ପ୍ରୟାସ କଲେ ଭବିଷ୍ୟତରେ ଜଣେ ସୁନାଗରିକ ହେବା ସହ ପରିବାର, ସମାଜ ଓ ଦେଶ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଶୋଭାରାମ ସାହୁ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷକ ନରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରଧାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ଶିକ୍ଷକବୃନ୍ଦ।



ମୁସଲିମ ସମାଜ ପକ୍ଷରୁ ଇଦ୍-ଉଲ-ଫିତର ପର୍ବ ପାଳନ କରାଯାଉଛି।

## ଅତାବିରାରେ ଇଦ୍-ଉଲ୍-ଫିତର

**ସରଣ୍ଡା,୩୧।୩(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରାରେ ସ୍ଥାନୀୟ ମୁସଲିମ ସମାଜ ତରଫରୁ ସୋମବାର ଇଦ୍-ଉଲ-ଫିତର ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଅତାବିରା ଇଦଗାହ ପଡ଼ିଆରେ ମୁସଲିମ ସମାଜର ସମସ୍ତ ବୟସ୍କ, ତରୁଣ ନମାଜ ପାଠ କରିଥିଲେ। ଏହାସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ସମସ୍ତଙ୍କୁ ମିଠା ପ୍ରସାଦ ବଣ୍ଟନ କରାଯାଇଥିଲା। ପବିତ୍ର ରମଜାନ ମାସରେ ତିରିଶ ଦିନ ନିର୍ଜଳା ଉପବାସ ରହି ଶେଷ ଦିନରେ ଏହି ପର୍ବ ପାଳନ କରାଯାଏ।

## ଦୁର୍ଘଟଣାରେ ଜଣେ ଗୁରୁତର

**ବାଉଁଶୁଣୀ,୩୧।୩ (ଦେବାଶିଷ ନେପାକ)**

ସୋମବାର ସକାଳେ ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ମାଳତୀ ଗୋଛାପଡା ଗ୍ରାମ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ମନମୁଣ୍ଡା ଥାନା ଗୁନ୍ଦୁଲିଆ ଗ୍ରାମର ବାବୁଲୁ ନାଏକ କୌଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେଇ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାରୁ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି ।

## ନାଟକ ଦ୍ୱାରା ସମାଜରେ ପରିବର୍ତ୍ତନ ସମ୍ଭବ

**ସରଣ୍ଡା,୩୧।୩(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟରେ ଆର୍ଟ ଏଣ୍ଡ ଆର୍ଟିଷ୍ଟ ବାବେବିରା ତରଫରୁ ବିଶ୍ୱନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ନାଟ୍ୟ ସଂସଦ ସଭାପତି ବିକ୍ରମ କେଶରୀ ସାହୁ ସଭାପତିତ୍ୱ କରିଥିଲେ। ଜ୍ୟୋତିବିହାର ପ୍ରଦର୍ଶନ କଳା ବିଭାଗର ସହକାରୀ ପ୍ରଫେସର ଅରବିନ୍ଦ କୁମାର ପଣ୍ଡା ମୁଖ୍ୟଅତିଥି, ନର୍ସିଂ କଲେଜ ଭିମ୍‌ସାରର ଅଧ୍ୟକ୍ଷ ଲୀଳାରାଣୀ ସ୍ୱାଇଁ ମୁଖ୍ୟବକ୍ତା, ଲରମ୍ଭା ଉଚ୍ଚ ବିଦ୍ୟାୟଳୟର ଶିକ୍ଷକ ବିନୟ କୁମାର ନାୟକ, ସମ୍ପାଦକ ଓମ୍‌କାରନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ସମାଜର ଦର୍ପଣ ଓ ନାଟକ ଦ୍ୱାରା ସମାଜରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ବୋଲି ଆଲୋଚନା କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ମନୋଜ କୁମାର ଭୋଇଙ୍କ ନିର୍ଦ୍ଦେଶିତ ନାଟକ 'ବଉଁଶବୁଡା'କୁ ଖଇରପାଲି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଏଥିସହ ସୌମ୍ୟରଞ୍ଜନ ନାଏକଙ୍କ ନିର୍ଦ୍ଦେଶିତ ନାଟକ ମିଠୁର କଥାକୁ ଆର୍ଟ ଏଣ୍ଡ ଆର୍ଟିଷ୍ଟର କଳାକାରମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। କଲେଜର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରଭାକର ସାହୁ, ମହେନ୍ଦ୍ର ବଗର୍ତ୍ତି, ଜଗଦୀଶ ଡନସନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡ. ଅଜିତ କୁମାର ନାଥ ପରିଚାଳନା କରିଥିବା ବେଳେ ମନୋଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପବିତ୍ର ମାହାଣା, ପ୍ରମୋଦ ଚନ୍ଦ୍ର ସେଠ, ସିଦ୍ଧେଶ୍ୱର ପ୍ରଧାନ, ପାଟମଞ୍ଜରୀ ସାହୁ, ଅମୃତ ବାରିକ, ଶଙ୍କର ବାରିକ, ଅଚ୍ୟୁତ ନାଏକ, ପ୍ରମୋଦ ଦାଶ, ମନୀଷ ପ୍ରଧାନ, ଭୀମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।





ବିଶ୍ୱ ନାଟ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଲରମ୍ଭା କଲେଜରେ ବିଶ୍ୱ ନାଟ୍ୟ ଦିବସ ପାଳିତ**

## ଡଭା କଲେଜ ସ୍କାଉଟର ଦୁର୍ଗମ ପର୍ବତାରୋହଣ

**ଝାରବନ୍ଧ, ୩୧।୩(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଡଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଜୁନିୟର କଲେଜ)ର ଇଂଲିଶ ଅଧ୍ୟାପକ ତଥା ରୋଭର ସ୍କାଉଟ୍ ଲିଡର ସରୋଜ ସାହୁ ଓ ମଳୟ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ୮ଜଣ ରୋଭର ଓ ୯ଜଣ ରେଞ୍ଜର ସୁନ୍ଦରଗଡ଼ ଜିଲାର ଏକ ଶିବିରରେ ଯୋଗଦାନ କରିଥିଲେ। ସେମାନେ କୁତ୍ରା ପିଏମ୍‌ଶ୍ରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିବିରରେ ପାଞ୍ଚଦିନ ବ୍ୟାପୀ ଅବସ୍ଥାନ କରିଥିଲେ। ଶିବିରାର୍ଥୀମାନେ ଲିଟିବେଡା, ଜୁରାଜମ, ଚୁନିବେଡା, କୁକୁରଡୁଙ୍ଗୁରି ପରି ଦୁର୍ଗମ ପର୍ବତ ଆରୋହଣ କରିଥିଲେ। ଶିବିରରେ ଅଗ୍ନି ନିରାପତ୍ତା, ପ୍ରାଥମିକ ଚିକିତ୍ସା, ଏଡସ ସଚେତନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରଶଂସିତ ହୋଇଥିଲେ। ପୂର୍ବରୁ ରୋଭର ସ୍କାଉଟ ଲିଡର ସାହୁଙ୍କ ନେତୃତ୍ୱରେ ଉକ୍ତ ଶିବିରାର୍ଥୀ ରାଜ୍ୟ ସମେତ ରାଜ୍ୟ ବାହାରେ ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଶିବିରରେ ଯୋଗ ଦେଇଥିବା ଶିବିରାର୍ଥୀ।

## ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

**ପାଇକମାଳ,୩୧।୩(ବଢ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ବଇଦପାଲିରେ ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ଏଥିରେ ଟିକସ ଭୋଇ ଓ ହେମଲତା ଭୋଇ କର୍ତ୍ତା ଥିବାବେଳେ ମିତ୍ରଭାନୁ ଦେବତା ମୁଖ୍ୟ ପୂଜକ ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞରେ ବଇଦପାଲି, ପିପଲଛଣ୍ଡି, ଜଟାକନ୍ଧାର, ବାଲସୀ, ବର୍ହାକଣ୍ଟା, ଗୁଡେଶିରା ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣାହୁତି ପରେ ଡୋଲାମଣି ମାହାରଙ୍କ ପରିଚାଳନାରେ ବୈଠକୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଯଜ୍ଞ କମିଟିର ମନୋଜ ପୁରୋହିତ, ସରୋଜ ଭୋଇ, କୁଞ୍ଜ ବିହାରୀ ପ୍ରଧାନ, ଏକାଦଶିଆ ସାହୁ, ସଜନ ଅଗ୍ରୱାଲ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

## ବିକାଶ ଶିକ୍ଷାନୁଷ୍ଠାନରେ ସେମିନାର

**ବରଗଡ,୩୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ ପକ୍ଷରୁ କ୍ୱାଣ୍ଟମ୍ ଟେକ୍ନୋଲୋଜି ଏବଂ ନାନୋଚିପ୍ ଟେକ୍ନୋଲୋଜି ବିଷୟରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆମେରିକାର ଜ୍ୟାକ୍‌ସନ ଷ୍ଟେଟ୍ ୟୁନିଭର୍ସିଟିର ଗବେଷଣାରେ କାର୍ଯ୍ୟରତ ରୋଶନ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ୱାଣ୍ଟମ୍ ଟେକ୍ନୋଲୋଜି ଏବଂ ନାନୋଚିପ୍ ଟେକ୍ନୋଲୋଜିର ନୂତନ ଉନ୍ନତି ବିଷୟରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ଉପସ୍ଥିତ ଥିଲେ। ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଉପାଧ୍ୟକ୍ଷ ଦୀପକ କୁମାର ନାୟକ, ବିସିଏ ବିଭାଗୀୟ ମୁଖ୍ୟ ସରସ୍ୱତୀ ଦାସ, ଅଧ୍ୟାପକ ବିଜୟ କୁମାର ବିଭାର, ମୌସୁମୀ ସ୍ୱାଇଁ, ଦୀପକ କୁମାର ରଣା ଏବଂ ଅନ୍ୟ ଶିକ୍ଷକଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୱେଷା ଅଭିଶିକ୍ତା କାର୍ଯ୍ୟକ୍ରମ ଢୁଲାଇଥିବାବେଳେ ବିସିଏ ଚତୁର୍ଥ ସେମିଷ୍ଟାରର ଛାତ୍ରୀ ଆରାଧନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସେମିନାର ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷାପ୍ରଦ ଏବଂ ଉପଯୋଗୀ ହୋଇଥିଲା। ଏହା ଏକ ନୂତନ ଅଭିଜ୍ଞତା ଏବଂ ବୃହତ୍ ସ୍ତରରେ ଚିନ୍ତା ଓ ଗବେଷଣାକୁ ପ୍ରେରିତ କରିଥିଲା।



ସେମିନାରରେ ଉପସ୍ଥିତ ଛାତ୍ରୀଛାତ୍ର।

# ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବଙ୍କ ଭରସା

**ବରଗଡ଼,୩୧।୩(ପ୍ରେମାନନ୍ଦ ଖମାରୀ)**

- ୧୫୨୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- ହିତାଧିକାରୀ ପିଛା ମିଳିବ ୧.୨୦ଲକ୍ଷ ଟଙ୍କା

ବରଗଡ଼ ଗୋରୁ ମାର୍କେଟ୍ ପରିସରରେ ରବିବାର ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ, ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ହୋଇ ରହିଛି। ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ନାହିଁ। ଏଭଳି ସ୍ଥିତିରେ ଅନ୍ତ୍ୟୋଦୟ ଗୃହ ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହିତ ବଞ୍ଚିବାକୁ ଆଶା, ଭରସା ଯୋଗାଇ ଦେବ। ସମସ୍ତଙ୍କୁ ପକ୍କାଘର ମିଳିବ। ଏହି ଯୋଜନାରେ ସବୁଠାରୁ ଗରିବ ଏବଂ ଅସହାୟ ଲୋକଙ୍କୁ ଘର ଯୋଗାଇ ଦିଆଯିବ ବୋଲି ଏମ୍‌ପି ପୁରୋହିତ କହିଥିଲେ।

ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ରେ ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଆହୁରି ଜୋରଦାର୍ କରାଯାଇ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ ହୋଇଛି। ଏହାଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହିତ ବଞ୍ଚିବାକୁ ଆଶା, ଭରସା ଯୋଗାଇ ଦେବ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାର ୧୫୨୧ଜଣ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ଘର ତିଆରି ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଅମ୍ବାଭୋନା ବ୍ଲକର ୭୪, ଅତାବିରା ବ୍ଲକର ୧୦୮, ବରଗଡ଼ ବ୍ଲକର ୧୦୦, ବରପାଲି ବ୍ଲକର ୨୧୭, ଭଟଲି ବ୍ଲକର ୮୯, ଭେଡ଼େନ ବ୍ଲକର ୧୫୦, ବିଜେପୁର ବ୍ଲକର ୧୬୪, ଗାଇସିଲେଟ ବ୍ଲକର ୧୮୫, ଝାରବନ୍ଧ ବ୍ଲକର ୧୬୫, ପାଇକମାଳ ବ୍ଲକର ୧୩୧, ରାଜବୋଡ଼ାସମ୍ବର ବ୍ଲକର ୪୮ ଏବଂ ସୋହେଲା ବ୍ଲକର ୯୦ହିତାଧିକାରୀ ରହିଛନ୍ତି। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି।





ଜଣେ ହିତାଧିକାରୀଙ୍କୁ ଅତିଥିମାନେ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।



ଲକ୍ଷ୍ନୌର ଇଦ୍‌ଗାରେ ଅନୁଷ୍ଠିତ ଇଦ୍-ଉଲ୍-ଫିତର ପର୍ବର ଏକ କାର୍ଯ୍ୟକ୍ରମରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଏବଂ ଇମାମ ମୌଲାନା ଖାଲିଦ ରାଶିଦ ଫିରଙ୍ଗି ମାହାଲି ସମର୍ଥକଙ୍କ ଅଭିବାଦନ ଗ୍ରହଣ କରୁଛନ୍ତି।

# କୋଟିଆର ୨୧ଅଞ୍ଚଳ ଆନ୍ଧ୍ରକୁ ଦେବ ଭାଜପା ସରକାର: କାଡାମ

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)

କେନ୍ଦ୍ରରେ ସରକାରକୁ ବଞ୍ଚାଇବା ପାଇଁ ଭାଜପାର ଡବଲ ଇଞ୍ଜିନ ସରକାର ଯୌତୁକ ହିସାବରେ କୋଟିଆର ୨୧ ଅଞ୍ଚଳକୁ ଆନ୍ଧ୍ର ହାତକୁ ଟେକିଦେବା ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଆଶଙ୍କା କରିଛନ୍ତି। ଏକ ଖବରଦାତା ସମ୍ମିଳନୀ କରି କାଡାମ କହିଛନ୍ତି, କୋଟିଆରେ ଆନ୍ଧ୍ର ପ୍ରତିଦିନ ଅନୁପ୍ରବେଶ କରୁଛି। କିନ୍ତୁ ଓଡ଼ିଶା ସରକାର ନୀରବ ଅଛନ୍ତି। ଏହି ନୀରବତା କୋଟିଆ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଏବେ ଆନ୍ଧ୍ର ସରକାର କୋଟିଆରେ ପାଣିଟାଙ୍କି କରି ଲୋକଙ୍କୁ ପାଣି ଦେଲେଣି। ରାଜ୍ୟର ସୀମା ସୁରକ୍ଷିତ ନାହିଁ। ରାଜ୍ୟବାସୀ ଭାଜପାକୁ ୨୦ ସାଂସଦ ଦେଇଛନ୍ତି। ଭାଜପା ଇସ୍ତାହାରରେ କହିଥିଲା, ଡବଲ ଇଞ୍ଜିନ ସରକାର ଆସିଲେ ଓଡ଼ିଶାର ସ୍ୱତନ୍ତ୍ର ବିକାଶ ହେବ। କିନ୍ତୁ ଓଡ଼ିଶାର ଯିଏ କ୍ଷତି କରୁଛି କେନ୍ଦ୍ର ସରକାରକୁ ବଞ୍ଚାଇବା ପାଇଁ ତାଙ୍କୁ ପୁରସ୍କାର ଦିଆଯାଉଛି। କିନ୍ତୁ



ରାମଚନ୍ଦ୍ର କାଡାମ

ଜୀବନ ଥିବା ଯାଏ ଏହା କରାଇ ଦିଆଯିବ ନାହିଁ ବୋଲି କାଡାମ କହିଛନ୍ତି। ସେ ପୁଣି କହିଛନ୍ତି, କୋଟିଆର ସବୁ ଗାଁରେ ଓଡ଼ିଶା ଦିବସ ପାଳନ ହେବ। ଏହି ଅଞ୍ଚଳର ୨୦ ହଜାରରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରାଯିବ। ରାଜ୍ୟର ସୀମା ଓ ମହିଳାମାନେ ଅସୁରକ୍ଷିତ। ତେଣୁ ଓଡ଼ିଆ ପକ୍ଷ ପାଳନ କ'ଣ ପାଇଁ ବୋଲି ରାମଚନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳାର ବିପର୍ଯ୍ୟସ୍ତ ସ୍ଥିତି, ଅସୁରକ୍ଷିତ ମହିଳା, ସରକାର ଓ ପୋଲିସର ଭୂମିକା ଉପରେ ସରକାର ଉତ୍ତର ରଖୁନାହାନ୍ତି। ରାଜ୍ୟର ମହିଳା ନିର୍ଯାତନା ବଢ଼ି ଚାଲିଥିବା ବେଳେ ସେମାନେ ଚୁପ୍ ଅଛନ୍ତି। ଲଗାତର ୧୬ ଦିନ ଧରି ବିଧାନସଭାରେ ଗୃହ କମିଟି ଓ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ଆନ୍ଦୋଳନ କରିବା ପରେ ବି କିଛି ପଦକ୍ଷେପ ସରକାର ନେଇନାହାନ୍ତି। ମହିଳା ସୁରକ୍ଷା ପ୍ରସଙ୍ଗରେ ବାରମ୍ବାର ପ୍ରଶ୍ନ ଉଠାଇବା ସତ୍ତ୍ୱେ ମଧ୍ୟ ଗୃହ କମିଟି ହେଲାନି କି ବିଧାନସଭାରେ ମୁଖ୍ୟମନ୍ତ୍ରୀ ପଦେ କହିଲେନାହିଁ। ୨୭ରେ ଯେଉଁ ବିଧାନସଭା ଘେରାଉ କରାଗଲା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଲା। ପୂର୍ବ ସରକାର ସମୟରେ ଭାଜପା ଆନ୍ଦୋଳନ କରିଥିଲା। ବିଧାନସଭାରେ ଭାଜପା ଡାଲି ଆଉ ଚପଲ ବାଚସ୍ପତିଙ୍କ ଉପରକୁ ଫିଙ୍ଗିଥିଲା। ସେମାନେ ମଧ୍ୟ ଘଣ୍ଟ ବାଡ଼େଇ ପ୍ରତିବାଦ କରିଥିଲେ। ତେବେ ବର୍ତ୍ତମାନ ଭାଜପା ବିରୋଧୀଙ୍କ ଆନ୍ଦୋଳନକୁ କାହିଁକି ସହିପାରୁନି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ପାରାଦୀପର ସୁପର ସ୍ପେଶିଆଲିଟି ହସ୍ପିଟାଲ

# ନେତାଙ୍କ କଥାରେ ରହୁନି ତାଳମେଳ

ପାରାଦୀପ,୩୧।୩ (ଶରତ ରାଉତ)

- ଜିଲାରେ ମେଡିକାଲ କଲେଜ ହେବ: ମୁଖ୍ୟମନ୍ତ୍ରୀ
- ବିଧାନସଭାରେ ମନାକଲେ ସ୍ୱାସ୍ଥ୍ୟ ମନ୍ତ୍ରୀ
- ୨୦୨୪ରେ ଏମ୍‌ପି ଲୋକ ସଭାରେ ମେଡିକାଲ କଲେଜ ଖୋଲିବା ପ୍ରସଙ୍ଗ ଉଠେଇଥିଲେ

ଜଗତ୍‌ସିଂହପୁର ଜିଲା ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ହେବ ବୋଲି ସରକାରୀ ଭାବେ ୨୦୧୩ରୁ ଘୋଷଣା କରାଗଲାଣି। ଏବେବି ସେମିତି ସରକାରୀ ଭାବେ ଘୋଷଣା କରାଯାଇଛି। ବାସ୍ତବରେ ଏପରି ହସ୍ପିଟାଲ କେବେ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଗତ ୨ ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି, ରାଜ୍ୟର ୮ଟି ଜିଲାରେ ମେଡିକାଲ କଲେଜ ହେବ। ସେଥିରେ ଜଗତ୍‌ସିଂହପୁର ଜିଲାର ନାମ ଅଛି। କିନ୍ତୁ ଗତ ୧୭।୩।୨୦୨୫ରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବିଧାନସଭାରେ ପାରାଦୀପର ସୁପର ସ୍ପେଶିଆଲିଟି ହସ୍ପିଟାଲ ସମ୍ପର୍କରେ ପ୍ରଶ୍ନ (ଏସ୍‌ଏକ୍ୟୁ ୩୮୧) କରିଥିଲେ। ଜବାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ହେବାର ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ। ଏଏମ୍‌ଏନ୍‌ଏସ୍(ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍) ନାମକ ଘରୋଇ କମ୍ପାନୀ ଏକ ମଲ୍ଟି ସ୍ପେଶାଆଲିଟି ହସ୍ପିଟାଲ ଓ ନର୍ସିଂ କଲେଜ କରିବା ପାଇଁ ଆବେଦନ କରିଛି। ଏଥିପାଇଁ ସଂପୃକ୍ତ କମ୍ପାନୀ ରାଜ୍ୟ ସରକାରଙ୍କୁ ୫ ଏକର ଜାଗା ମାଗିଛି। ଏହି ଜମି ଦେବା ପାଇଁ ରାଜସ୍ୱ ବିଭାଗକୁ ସୁପାରିସ୍ କରାଯାଇଛି।

ଅପରପକ୍ଷେ ଜଗତ୍‌ସିଂହପୁର ଏମ୍‌ପି ଡା. ବିଭୁପ୍ରସାଦ ତରାଇ ୩୦।୭।୨୦୨୪ରେ ଜଗତ୍‌ସିଂହପୁର ଜିଲାରେ ଏକ ମେଡିକାଲ କଲେଜ ଖୋଲିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍‌ପ୍ରସାଦ ନଡ୍ଡାଙ୍କୁ ଲୋକ ସଭାରେ ପ୍ରଶ୍ନ(ରୁଲ ନଂ.୩୭୭) କରିଥିଲେ। ଏହାର ଜବାବରେ ମନ୍ତ୍ରୀ ନଡ୍ଡା ଲିଖିତ ସୂଚନା(ଚିଠି ନଂ. ୧୪୦୧୭/୫୮/୨୦୨୪) ଦେଇଥିଲେ ଯେ, ଏପରି ପ୍ରସ୍ତାବ ରାଜ୍ୟ ସରକାର ଦେଲେ ଆମେ ବିଚାର କରିବୁ। ଏଥିରେ ଯେଉଁ ଅର୍ଥ ଲାଗିବ ସେଥିରେ କେନ୍ଦ୍ର ସରକାର ୬୦% ଓ ରାଜ୍ୟ ସରକାର ୪୦% ବହନ କରିବେ। ଏବେ ସେହି ପ୍ରଶ୍ନ ଆଧାରରେ ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ବୋଲି ଏମ୍‌ପି ତରାଇ କହିଛନ୍ତି।

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୨୦୧୩ରେ ତତ୍କାଳୀନ ଅଧ୍ୟକ୍ଷ ସୁଧାଂଶୁ ମିଶ୍ର ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବା ପାଇଁ ଘୋଷଣା କରିଥିଲେ। ଏହାପରେ ପାରାଦୀପ ବନ୍ଦର ହସ୍ପିଟାଲ ପକ୍ଷରୁ ଏଥିପାଇଁ ପ୍ରାଥମିକ କାର୍ଯ୍ୟ କରାଯାଇଥିଲା। ଏନେଇ ୩ଟି ଘରୋଇ ହସ୍ପିଟାଲ ପକ୍ଷରୁ ଅଲଗା ଭାବେ ସର୍ଭେ କରାଯାଇଥିଲା। ସେତେବେଳେ ଏହି କାମ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥିଲା। ଶେଷରେ ସମସ୍ତ ୩ ଘରୋଇ ହସ୍ପିଟାଲ ରିପୋର୍ଟ ଦେଇଥିଲେ ଯେ, ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇଁ ଆବଶ୍ୟକ ରୋଗୀ ହେବେନାହିଁ। ତା'ପରଠାରୁ ପାରାଦୀପ ବନ୍ଦର ପକ୍ଷରୁ ଚାଲିଥିବା ପ୍ରୟାସ ଶୀତଳଭଣ୍ଡାରରେ ରହିଯାଇଛି। ୨୦୧୬ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ପାରାଦୀପ ଗସ୍ତ ବେଳେ ମଧ୍ୟ ସମାନ କଥା ଉଠାଇଥିଲେ। ପରେ କୁଜଙ୍ଗ ଓ ପାରାଦୀପର ଏକାଧିକ ସଙ୍ଗଠନ ତରଫରୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ଦାବିରେ ରାସ୍ତା ଅବରୋଧ କରାଯିବା ସହ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ରାଜନୈତିକ ଦଳ ତରଫରୁ ନିର୍ବାଚନ ସମୟରେ ଏହାକୁ ମଧ୍ୟ ପ୍ରସଙ୍ଗ କରାଯାଇଛି। ଏବେ ସମାନ ଘଟଣା ଘୋଷଣା ହେବାପରେ କେବଳ ଖବର ଶିରୋନାମା ପାଲଟିଛି ବୋଲି ପାରାଦୀପ ଗଡ଼ ପଞ୍ଚାୟତର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶ୍ରୀବଲ୍ଲଭ କର କହିଛନ୍ତି।

# ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜାଲିଆତି ପାଇଁ ବହୁ ଲକ୍ଷ ଦଳିତ ଯୁବକଙ୍କ ଭାଗ୍ୟ ଅନ୍ଧକାର ଭିତରକୁ ଠେଲିହୋଇଯାଇଛି। ମହାଲିଙ୍ଗ ଜାଲ୍ ଜାତି ପ୍ରମାଣପତ୍ର ଦେଇ ପୂର୍ବରୁ ସରକାରୀ ଚାକିରି ସହ ସୁବିଧା ହାତେଇଛନ୍ତି। ଜାଲ୍ ସାର୍ଟିଫିକେଟ୍ ବଳରେ ମୁକେଶ ବିଧାୟକ ତଥା ମନ୍ତ୍ରୀ ହୋଇଛନ୍ତି। ତାଙ୍କୁ ମନ୍ତ୍ରୀ ପଦରୁ ତୁରନ୍ତ ବହିଷ୍କାର କରିବା ସହ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଉ ବୋଲି କଂଗ୍ରେସ ନେତା ଅଭିଷେକ ମହାନନ୍ଦ ଦାବି ହେଉଛି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଷେକ କହିଛନ୍ତି, ୨୦୦୨ରେ ସରକାର ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିଥିବାବେଳେ ଏହାର ବହୁବର୍ଷ ପୂର୍ବରୁ ମନ୍ତ୍ରୀ ମହାଲିଙ୍ଗ କେଉଁ ଆଧାରରେ ନିଜକୁ ଅନୁସୂଚିତ



କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଅଭିଷେକ ମହାନନ୍ଦ(ମଝି) ଓ ଅନ୍ୟମାନେ।

ଜାତିର ପରିଚୟ ଦେଇ ଜାଲ୍ ପ୍ରମାଣପତ୍ର ଦ୍ୱାରା ସରକାରୀ ଚାକିରି କରିଥିଲେ ବୋଲି କଂଗ୍ରେସ ନେତା ଅଭିଷେକ ମହାନନ୍ଦ ପ୍ରଶ୍ନ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାଁରେ ସାଙ୍ଘାତିକ ଅଭିଯୋଗ ଆସିଛି। ବିଧାନସଭା ଚାଲିଥିବା ବେଳେ ଜଣେ ମହିଳା ବାଚସ୍ପତିଙ୍କ ଉପସ୍ଥିତିରେ ମନ୍ତ୍ରୀ କିଭଳି ଗୁଣ୍ଡାଗର୍ଦ୍ଦି କରିବା ସହ ଖରାପ ଭାଷାରେ ଗାଳିଗୁଲଜ ଭଳି ଅଶୋଭନୀୟ ଆଚରଣ ପ୍ରଦର୍ଶନକଲେ ସେକଥା ସମସ୍ତେ ଦେଖିଛନ୍ତି। ପବିତ୍ର ଗୃହରେ ମନ୍ତ୍ରୀ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ସମଗ୍ର ମହିଳା ଜାତିକୁ ଅସମ୍ମାନିତ କରିଛି। ଏନେଇ ମନ୍ତ୍ରୀଙ୍କ ମତାମତ ଲୋଡ଼ାଯାଇଥିବା ବେଳେ ତାଙ୍କ ପ୍ରତିକ୍ରିୟ ମିଳିପାରି ନାହିଁ।

## ଅପରାଧ

# ଲୁହା ତାୱାରେ ପିଟି ସ୍ତ୍ରୀ, ପୁଅଙ୍କୁ ହତ୍ୟା

ଷଢ଼େଇକଳା (ଝାଡ଼ଖଣ୍ଡ), ୩୧।୩

ନିଶା ସେବନ କରିବା ନିଜର କ୍ଷତି ସହ ଅନେକ ସମୟରେ ବହୁ ପରିବାରରେ ଅଶାନ୍ତି ସୃଷ୍ଟିର ମୂଳ କାରଣ ପାଲଟିଥାଏ। ଏପରି କି ନିଶା ସେବନ କରୁଥିବା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ଭୁଲିଯାଇ ବଡ଼ ଅଘଟଣ ମଧ୍ୟ ଘଟାଇଥାନ୍ତି। ଏଭଳି ଏକ ଘଟଣା ଝାଡ଼ଖଣ୍ଡ ଷଢ଼େଇକଳା ଅଞ୍ଚଳରେ ଘଟିଛି। ନିଶା ସେବନକୁ ବିରୋଧ କରିବାରୁ ସ୍ତ୍ରୀଙ୍କ ସହ ଝଗଡ଼ା କରିବା ଏବଂ ପରେ ସ୍ତ୍ରୀ ଏବଂ ୫ବର୍ଷର ପୁଅକୁ ଲୁହା ତାୱାରେ ପିଟି ହତ୍ୟା କରିଛନ୍ତି ଜଣେ ଯୁବକ। ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସୁଖରାମ ମୁଣ୍ଡାଙ୍କୁ ଗିରଫ କରିଛି।



ମିଳିଥିବା ସୂଚନାନୁସାରେ, ଷଢ଼େଇକଳାର କପାଳି ଫାଣ୍ଡି ଅଞ୍ଚଳରେ ଅଭିଯୁକ୍ତ ସୁଖରାମ ସ୍ତ୍ରୀ ପାର୍ବତୀ ଦେବୀ ଏବଂ ୫ବର୍ଷର ପୁଅ ଗଣେଶ ମୁଣ୍ଡାଙ୍କ ସହ ରୁହନ୍ତି। ସୁଖରାମ୍ ଅନେକ ସମୟରେ ନିଶାସେବନ କରନ୍ତି, ଯାହାକୁ ନେଇ ପରିବାରରେ କଳହ ସୃଷ୍ଟି ହୋଇଥାଏ। ସୋମବାର ସକାଳେ ଉଭୟ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ କୌଣସି ଏକ କଥାକୁ କେନ୍ଦ୍ରକରି ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ରରୂପ ନେବାରୁ ସୁଖରାମ ଉତ୍‌କ୍ଷିପ୍ତ ହୋଇ ଲୁହା ତାୱାରେ ସ୍ତ୍ରୀ ପାର୍ବତୀ ଏବଂ ପୁଅ ଗଣେଶଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଏପରି କି ଲୁହା ତାୱାରେ ପିଟି ରକ୍ତାକ୍ତ କରିବା ପରେ ଏକ ବ୍ଲେଡ୍‌ରେ ଗଳା କାଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମା'ପୁଅଙ୍କ ଚିତ୍କାର ଶୁଣି କେତେଜଣ ପଡ଼ୋଶୀ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା'ପୁଅ ପଡ଼ିଥିବା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାବେଳକୁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅଭିଯୁକ୍ତ ସ୍ୱାମୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ହତ୍ୟାରେ ବ୍ୟବହୃତ ଲୁହା ତାୱା ଏବଂ ଏକ ବ୍ଲେଡ୍ ଜବତ କରିଛି। ଏଥିସହ ନିକଟସ୍ଥ ଗ୍ରାମରୁ ଅଭିଯୁକ୍ତ ସୁଖରାମଙ୍କୁ ଗିରଫ କରି ଅଧିକ ପଚରାଉଚରା କରୁଛି। ପଡ଼ୋଶୀଙ୍କ କହିବା ହେଲା, ସୁଖରାମ ଅଧିକାଂଶ ସମୟରେ ନିଶା ସେବନ କରି ଘରେ ପାଟିତୁଣ୍ଡ କରିଥାନ୍ତି। ପାର୍ବତୀ ଏହାକୁ ବିରୋଧ କରିବାରୁ ତାଙ୍କୁ ମାରଧର ମଧ୍ୟ କରିଥାନ୍ତି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ମାରିବା ସହ ୫ବର୍ଷର ନିରୀହ ଶିଶୁ ପୁତ୍ରକୁ ମାରିଦେବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଏହା ସମସ୍ତଙ୍କୁ ଚକିତ କରିଛି ବୋଲି କହିଛନ୍ତି। ଅପରପକ୍ଷରେ ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି ବୋଲି କପାଳି ଫାଣ୍ଡି ଅଧିକାରୀ ସୋନୁ କୁମାର ସୂଚନା ଦେଇଛନ୍ତି।

# ଦଣ୍ଡନାଚ ସ୍ଥଳରେ ଯୁବକଙ୍କୁ ହତ୍ୟା

## ଜେଲଗଲେ ବାପ-ପୁଅ: ଛୁରି, କାର୍ ଜବତ

ବ୍ରହ୍ମପୁର,୩୧।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଦୁଇ ଦିନରେ ୩ଟି ହତ୍ୟା ଘଟଣା ଘଟିଥିବାରୁ ପୋଲିସର ଚିନ୍ତା ବଢ଼ିଯାଇଛି। ରବିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜେନାସାହିରେ ଦଣ୍ଡନାଚ ସ୍ଥଳରେ ଏକ ମୁଣ୍ଡ ଗଡ଼ିଛି। ବାପ-ପୁଅ ମିଶି ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତକ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବେଲଗାଁର ଜଗଦୀଶ ପାଣିଗ୍ରାହୀ (୨୨)। ପୋଲିସ ସୋମବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବାପ ଉକ୍ତ ଗ୍ରାମ ବେଲେଶ୍ୱରସାହିର ତ୍ରିନାଥ ପାଣିଗ୍ରାହୀ(୭୩) ଓ ତାଙ୍କ ପୁଅ ପ୍ରଦୀପ କୁମାର ପାଣିଗ୍ରାହୀ(୩୭)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଛୁରି, ତ୍ରିନାଥଙ୍କ ଏକ କାର ଜବତ ହୋଇଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ., ସାଇଣ୍ଟିଫିକ ଅଫିସର, ବଡବଜାର ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବରୁ ଏକ ବିବାଦକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।



ଅଭିଯୁକ୍ତ ବାପା-ପୁଅ।

ଜେନାସାହିର ଶାନ୍ତନୁ କୁମାର ସାହୁଙ୍କ ମାନସିକ ପୂଜା ଥିବାରୁ ରବିବାର ତାଙ୍କ ଦାଣ୍ଡରେ ବେଲଗାଁ ଦଳ ଦଣ୍ଡନାଚ ପରିବେଷଣ କରିବାକୁ ଆସିଥିଲେ। ସନ୍ଧ୍ୟାରେ କୌଣସି କାରଣକୁ ନେଇ ଦଣ୍ଡନାଚର ନାଟ ଅଧିକାରୀ ତ୍ରିନାଥ ପାଣିଗ୍ରାହୀଙ୍କ ସହ ଜଗଦୀଶଙ୍କ ଝଗଡା ହୋଇଥିଲା। ପରେ ରାତି ପ୍ରାୟ ସାଢ଼େ ୨ଟା ବେଳେ ସାହିରେ ନାଟକ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଜଗଦୀଶ ପହଞ୍ଚି ତ୍ରିନାଥଙ୍କ ସହ ପୁଣି ଝଗଡା କରିଥିଲେ। ସେ ଏକ ମାରଣାସ୍ତ୍ରରେ ତ୍ରିନାଥଙ୍କ ମୁଣ୍ଡକୁ ପିଟିଥିଲେ। ନାଟକ ପାଇଁ କଳାକାରମାନଙ୍କ ପାଖରେ ଥିବା ତ୍ରିନାଥଙ୍କ ପୁଅ ପ୍ରଦୀପ ଏହି ଖବର ପାଇ ସେଠାରେ ପହଞ୍ଚିଥିଲେ। ଜଗଦୀଶଙ୍କୁ ତ୍ରିନାଥ ଭିଡ଼ି ଧରିଥିବା ବେଳେ ପ୍ରଦୀପ ଏକାଧିକ ଥର ଛୁରି ଭୁସିଥିଲେ। ନାଟକର ଅନ୍ୟ କର୍ମକର୍ତ୍ତାମାନେ ସେମାନଙ୍କୁ ଛଡ଼ାଇ ଆହତ ଜଗଦୀଶ ଓ ତ୍ରିନାଥଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ସେଠାରେ ଜଗଦୀଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପେଟ ଓ ପିଠିରେ ୧୦ ଥର ଛୁରି ମରାଯାଇଥିବା ପୋଲିସ କହିଛି। ପୋଲିସ ମେଡିକାଲରୁ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ବାପ-ପୁଅଙ୍କୁ କାବୁ କରିଥିଲା। ମୃତ ଜଗଦୀଶଙ୍କ ଭାଇ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୧୩୭/୨୫ରେ ମାମଲା ରୁଜୁ ହୋଇଛି।

# ଆଦିବାସୀ ଯୁବତୀ ୮ ମାସର ଗର୍ଭବତୀ

## ପ୍ରେମ, ପ୍ରତାରଣା, ଧୋକା, ଯୁବକ ଫେରାର

ପାଟଣା,୩୧।୩ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ପ୍ରେମ, ପ୍ରତରଣା ପରେ ଧୋକା ଘଟଣା ସାମ୍ନାକୁ ଆସିଛି। ଜଣେ ୧୯ ବର୍ଷୀୟା ଆଦିବାସୀ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଅଭିଯୁକ୍ତ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏବେ ଯୁବତୀ ଜଣକ ୮ମାସର ଗର୍ଭବତୀ ଥିବା ବେଳେ ଏ ନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ମୁତାବକ, ଯୁବତୀ ଜଣକ ଭୁବନେଶ୍ୱରର ଏକ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କମର୍ସରେ ପଢୁଥିବା ବେଳେ ପାଟଣା ବ୍ଲକ୍ ସରସକୋଲା ଗ୍ରାମର ରାଜେଶ ପଇଦାଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରେ ରାଜେଶ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ୮ ମାସର ଗର୍ଭବତୀ ହେବା ପରେ ପରିବାର ଲୋକେ ଜାଣି ଯୁବକଙ୍କ ସହ ବିବାହ କରାଇବାକୁ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ମାତ୍ର ଯୁବକ ଜଣକ ଯୁବତୀଙ୍କ ପରିବାର ନୀଚଜାତିର କହି ବିବାହ କରିବାକୁ ମନା କରିଦେଇଥିଲେ। ପୀଡ଼ିତାଙ୍କ ବାପା ଗତ ୧୯ ତାରିଖରେ ଏ ନେଇ ପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ୨୩ ତାରିଖରେ ପରିବାର ଲୋକେ ଯୁବତୀଙ୍କୁ ଧରି କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଦାଗୁଡୁଙ୍କୁ ଭେଟିଥିଲେ। ରବିବାର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୁବତୀଙ୍କ ଡାକ୍ତରୀ ପରୀକ୍ଷା ସହ ଅଲଟ୍ରା ସାଉଣ୍ଡ୍ କରିଛି। ପୋଲିସ ଅଭିଯୁକ୍ତଙ୍କୁ ଖୋଜୁ ନ ଥିବା ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ସହାୟତା କରୁ ନ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି, ଥାନାରେ ଏକ ମାମଲା(ନଂ.୫୩/୨୫) ରୁଜୁ ହୋଇଛି। ଘଟଣା ପ୍ରଘଟ ହେବା ପରେ ଅଭିଯୁକ୍ତ ହାଇଦ୍ରାବାଦ ଚାଲିଯାଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପୋଲିସ ପ୍ରସ୍ତୁତ ଅଛି। ଏକ ଟିମ୍ ଏହା ଉପରେ କାର୍ଯ୍ୟ କରୁଛି ବୋଲି ମହାକୁଡ଼ କହିଛନ୍ତି।

# ପର୍ଯ୍ୟଟକ ବେଶରେ ଗଞ୍ଜେଇ ଚୋରା ଚାଲାଣ

କୋରାପୁଟ ଜିଲାରେ ଗଞ୍ଜେଇ ଚୋରା କାରବାର ଦିନକୁ ଦିନ ବଢ଼ିବା ସହ ଏହାକୁ ଚାଲାଣ କରିବାର ଉପାୟ ମଧ ବଦଳିଲାଣି। ଅଭିଯୁକ୍ତମାନେ ପାରମ୍ପରିକ ପଦ୍ଧତି ନ ଆପଣାଇ ପୋଲିସ କିମ୍ବା ଅବକାରୀ ବିଭାଗ ଯେପରି କିଛି ସନ୍ଦେହ ନ କରିପାରିବ, ସେଭଳି ନୂଆ ନୀତି ଆପଣାଉଛନ୍ତି। ଏହି ଚୋରା ଚାଲାଣରେ ଏବେ ଯୁବତୀମାନଙ୍କୁ ବ୍ୟବହାର କରାଯାଉଛି। ଯୁବତୀଯୁବକମାନେ ପର୍ଯ୍ୟଟକ ବେଶରେ ଆସି ନିଜର ଲଗେଜ୍ ବ୍ୟାଗ୍‌ରେ ଗଞ୍ଜେଇ ଚାଲାଣ କରି ବାହାର ରାଜ୍ୟକୁ ନେଉଛନ୍ତି। ସୋମବାର ଏଭଳି ୨ଟି ଘଟଣା କୋରାପୁଟ ରେଳଷ୍ଟେଶନରେ ଧରାପଡ଼ିଛି। ଉଭୟ ଘଟଣାରେ ୨ଜଣ ଯୁବତୀଙ୍କ ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି।

## କୋରାପୁଟ ଷ୍ଟେଶନରୁ ୩୦ କେଜି ଗଞ୍ଜେଇ ଜବତ, ୨ ମହିଳାଙ୍କ ସହ ଜଣେ ଗିରଫ

କୋରାପୁଟ,୩୧।୩
(ଅମିତାଭ ବେହେରା)

କୋରାପୁଟକୁ ପର୍ଯ୍ୟଟକ ହୋଇ ଆସୁଛନ୍ତି। ଗଲା ବେଳେ ଗଞ୍ଜେଇ ନେଇ ଫେରୁଛନ୍ତି। ୨୦୨୪ ଜାନୁଆରୀରୁ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ୨୩ଜଣଙ୍କୁ ଏହି ମାମଲାରେ ଗିରଫ କରାଯାଇଥିବା ଜିଆରପି ଥାନା ପକ୍ଷରୁ ସୂଚନା ମିଳିଛି। ଗତ ୩ ମାସ ମଧ୍ୟରେ ୬ଜଣଙ୍କୁ ଗିରଫ କରାଗଲାଣି। ସୋମବାର ସକାଳେ କୋରାପୁଟ ଷ୍ଟେଶନରୁ ଜିଆର୍‌ପି ଓ ଆର୍‌ପିଏଫ ପକ୍ଷରୁ ଅଲଗା ଅଲଗା ସମୟରେ ଗୋଟିଏ ସୁଟକେଶ ଓ ୨ ବ୍ୟାଗ୍‌ରୁ ୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାକୁ କୋଲକାତା ଏବଂ ବିଶାଖାପାଟଣାକୁ ଚାଲାଣ କରାଯାଉଥିବା ଜିଆର୍‌ପି ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଏନେଇ ଜିଆରପି ଥାନାରେ ୨ଟି ପୃଥକ୍ ମାମଲା(ନଂ.୮/୨୫ ଓ ନଂ.୯/୨୫) ରୁଜୁ କରାଯାଇଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ୨ଜଣ ଯୁବତୀ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ କୋଲକାତା ଯିବା ପାଇଁ କୋରାପୁଟ ଷ୍ଟେଶନରେ ଅପେକ୍ଷା କରିଥିଲେ। ସେମାନଙ୍କ ପାଖରେ ଗଞ୍ଜେଇ ଥିବା ଜିଆର୍‌ପି ସୂଚନା ପାଇ ଚଢ଼ାଉ କରିଥିଲା। ସେମାନଙ୍କ




ଗିରଫ ୨ ଅଭିଯୁକ୍ତ।

ସୁଟକେଶ୍ ଯାଞ୍ଚ ପରେ ୨୦ କେଜି ଗଞ୍ଜେଇ ଜବତ ହୋଇଥିଲା। ସେମାନେ ହେଲେ ଉତ୍ତରପ୍ରଦେଶ ଇଥୁଆ ଜିଲା ଦୟାଲପୁରର ମୁସ୍କାନ(୩୦) ଓ ବିହାର କାହୁନିୟାର ଖୁସି କୁମାରୀ। ସେମାନଙ୍କ ସହ ଜଣେ ନାବାଳିକା ରହିଥିବା ସୂଚନା ମିଳିଛି। ସେହିପରି କିରଣ୍ଡୁଲ-ବିଶାଖାପାଟଣା ପାସେଞ୍ଜରକୁ ଅପେକ୍ଷା କରିଥିବା ଜଣେ ଯୁବକଙ୍କ ଦୁଇଟି ବ୍ୟାଗ୍‌ରୁ ୧୦କେଜି ଗଞ୍ଜେଇ ଜବତ ହୋଇଥିଲା। ସେ ହେଲେ ଉତ୍ତରପ୍ରଦେଶ ନାରାୟଣପୁରର ଅଙ୍କୁର ସିଂ(୧୯)। ଏହି ଗଞ୍ଜେଇ ବ୍ୟାଗ୍‌କୁ ସେ ବିଶାଖାପାଟଣା ନେଇ ଯିବାକୁ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଓଆଇସି ମହନ୍ତ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ରଘୁନାଥଙ୍କ ଶତକ, ସୟଦ ଜାକିଙ୍କୁ ୫ ଉଇକେଟ

## କଳାହାଣ୍ଡି କପ୍

**ଭୁବନେଶ୍ୱର, ୩୧।୩ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବିଭିନ୍ନ ଖେଳପଡ଼ିଆରେ ଚାଲିଥିବା କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର 'ଏ', ଅନୁଗୋଳ, ରାଉରକେଲା, ମାଲକାନଗିରି, ସମ୍ବଲପୁର 'ଏ', ଝାରସୁଗୁଡ଼ା, ଭଦ୍ରକ, କଟକ 'ବି' ଓ ଗଞ୍ଜାମ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି । ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଭୁବନେଶ୍ୱର 'ଏ' ୧୪୪ ରନରେ ଦେବଗଡ଼କୁ ହରାଇ ଦେଇଛି । ଏଥିରେ ୧୨୦ ବଲ୍‌ରୁ ୧୨୪ ରନ କରିଥିବା ବିଜୟୀ ଦଳର ରଘୁନାଥ ମଲ୍ଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଗୋଳ ୨୬ରନରେ ବଲାଙ୍ଗୀରକୁ ପରାସ୍ତ କରିଛି । ଏଥିରେ ରାକେଶ ବିଶ୍ୱାଳ (୪୫ ରନ ଓ ୧ ଉଇକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଖୋର୍ଦ୍ଧା ଗ୍ରାଉଣ୍ଡରେ ପୁରୀ ବିପକ୍ଷରେ ରାଉରକେଲା ୧୬୫ ରନରେ ବିଜୟ ଲାଭ କରିଛି । ଏଥିରେ ରାଉରକେଲାର ଶୁଭଙ୍କର ବିଶ୍ୱାସ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ସେ ମ୍ୟାଚରେ ୧୦୪ ବଲ୍‌ରେ ୧୨୨ରନ କରିଥିଲେ । ଜଟଣୀ ରେଲୱେ ଗ୍ରାଉଣ୍ଡରେ ମାଲକାନଗିରି ୫ ଉଇକେଟରେ ବାଲେଶ୍ୱରକୁ ପରାଜିତ କରିଛି । ଏଥିରେ ବିଜୟ ଦଳର ଦୀନେଶ ହାଲ୍‌ବା (୧୩ ରନ ଓ ୩ ଉଇକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ସନ ସାଇନ୍ ଗ୍ରାଉଣ୍ଡରେ ବରଗଡ଼ ବିପକ୍ଷରେ ସମ୍ବଲପୁର 'ଏ'୧୫୬ ରନରେ ବିଜୟୀ ହୋଇଛି । ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ସୟଦ ଜାକି ତାଙ୍କ ୭ ଓଭର ବୋଲିଂରେ ୩ ମେଡେନ ସହ ୧୨ ରନ ବିନିମୟରେ ୫ଉଇକେଟ ଅକ୍ତିଆର କରିଛନ୍ତି । ସେହିପରି ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୬ ଉଇକେଟରେ ସୋନପୁରକୁ ହରାଇ ଦେଇଛି । ଏଥିରେ ୬୧ ରନ କରି ଅପରାଜିତ ରହିଥିବା ମହମ୍ମଦ ଶାହ ଅର୍ମାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଅଡ଼ଶପୁର ଗ୍ରାଉଣ୍ଡରେ ଭଦ୍ରକ ୬ ଉଇକେଟରେ ରାୟଗଡ଼ାକୁ ହରାଇ ଦେଇଛି । ଏଥିରେ କ୍ଷମାସାଗର ବଳ (୫୨* ରନ ଓ ୩ ଉଇକେଟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।ରେଲୱେ ଷ୍ଟାଡିୟମ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ କଟକ 'ବି' ୨୪ ରନରେ କିଟ୍‌କୁ ପରାସ୍ତ କରିଛି । ଏଥିରେ ତାପସ ଲେଙ୍କା (୩/୩୩) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି । ସେହିପରି ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଗଞ୍ଜାମ ୫ ଉଇକେଟରେ ଢେଙ୍କାନାଳକୁ ହରାଇ ଦେଇଛି । ଏଥିରେ ବିଜୟୀ ଦଳର ଅଭିନୀତ ପଟ୍ଟନାୟକ (୩/୧୮) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।


ରଘୁନାଥ ମଲ୍ଲ



କ୍ଷମାସାଗର ବଳ


ସୟଦ ଜାକି

# ଖୋର୍ଦ୍ଧା ଜିଲା ସ୍କୁଲ ରନର ଅପ୍


ଟ୍ରଫି ସହ ରନର୍ ଅପ୍ ଖୋର୍ଦ୍ଧା ଜିଲା ଦଳ ।

## ଓଡ଼ିଶା ରାଜ୍ୟ ସ୍କୁଲ ସ୍ତରୀୟ ଜୁଡ଼ୋ

**ଭୁବନେଶ୍ୱର, ୩୧।୩ (ବିଜୟ ରଣା)**

ପ୍ରଥମ ଓଡ଼ିଶା ରାଜ୍ୟ ସ୍କୁଲସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା କଟକସ୍ଥିତ ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର ସ୍କୁଲରୁ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ଖୋର୍ଦ୍ଧା ଜିଲା ସ୍କୁଲ ୨୨ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୭ ବ୍ରୋଞ୍ଜ ପଦକ ସହ ରନରଅପ୍ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଜୁଡୋ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଦେବାଶିଷ କର ଓ ସମ୍ପାଦକ ସିହାନ ନିତାଇ ଶଙ୍କର ଗୁଇଁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

# ଚନ୍ଦନ ସିନିୟର ଚାମ୍ପିୟନ ଅଫ୍ ଚାମ୍ପିୟନ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

## ଅଲ୍ ଓଡ଼ିଶା ଓପନ୍ ବାହୁକୁସ୍ତି

**ଭୁବନେଶ୍ୱର ୩୧।୩ (ବିଜୟ ରଣା)**

କଟକ ଚୌଧୁରୀ ବଜାର ସ୍ଥିତ କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ ଆନୁକୂଲ୍ୟରେ ମଠସାହିର ମାଁ ମଙ୍ଗଳା ପୂଜାକମିଟି ଓ ବାପୁଜୀ କ୍ଲବର ମିଳିତ ଉଦ୍ୟମରେ ଅଲ୍ ଓଡ଼ିଶା ଓପନ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୁନିୟର ୫୦ କେ.ଜି. ବଦ୍ରି ରାଜ, ୬୦ କେ.ଜି. ପୀୟୁଷ ପ୍ରଧାନ, ୭୦ କେ.ଜି. ମଳୟ ରାଉତ, ୮୦ କେ.ଜି. ରାମ ଦାସ, ୯୦ କେ.ଜି. ଆଦିତ୍ୟ ନାୟକ, ସିନିୟର ୫୫ କେ.ଜି. ସଞ୍ଜିତ୍ ନାୟକ, ୬୦ କେ.ଜି. ଆଲୋକ ମହାପାତ୍ର, ୬୫ କେ.ଜି. ରାହୁଲ୍ ମୁଖୀ, ୭୦ କେ.ଜି. ବିକି ନାୟକ, ୭୫ କେ.ଜି. ଚିନ୍ମୟ ରାଉତ, ୮୦ କେ.ଜି. ଆକାଶ ମୁଖୀ, ୮୫ କେ.ଜି. ଦେବାଶିଷ ଦାସ, ୯୦ କେ.ଜି. ମୁକେଶ ମାହାର୍, ୧୦୦ କେ.ଜି. ଚନ୍ଦନ ମହାପାତ୍ର, ୧୧୦ କେ.ଜିରୁ ଉର୍ଦ୍ଧ୍ୱ ବିଜୟ ରାଜ ମୁଖୀ, ମହିଳା ୫୦ କେ.ଜି. ମଧୁସ୍ମିତା ସେନାପତି, ୬୦ କେ.ଜି. ଦୀପାଳି ନାୟକ, ୭୦ କେ.ଜି. ଦେବସ୍ମିତା ଗୋସ୍ୱାମୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଜୁନିୟର ବିଭାଗରେ ଚାମ୍ପିୟନ ଅଫ୍ ଚାମ୍ପିୟନ ଆଦିତ୍ୟ ନାୟକ, ମହିଳା ଚାମ୍ପିୟନ ଅଫ୍ ଚାମ୍ପିୟନ ମଧୁସ୍ମିତା ସେନାପତି, ସିନିୟର ବିଭାଗରେ ଚାମ୍ପିୟନ ଅଫ୍ ଚାମ୍ପିୟନ ଚନ୍ଦନ ମହାପାତ୍ର କୃତୀତ୍ୱ ଅର୍ଜନ କରି ସିଲଭର ବେଲ୍ଟ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ବିଧାୟିକା ସୋଫିଆ ଫିର୍‌ଦୋସ୍ ଓ ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ସବିତା ନାୟକ ଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଇଂ. ମହମ୍ମଦ ମୋକିମ୍, ଅତିଥି ଭାବେ ବନଲତା ପ୍ରଧାନ, ଗଗନ ଓଝା, ସଞ୍ଜୟ ଶର୍ମା, ସ୍ମୃତି ପଟ୍ଟନାୟକ, ରାମଚନ୍ଦ୍ର ଗୋଛାୟତ, ସତ୍ୟଦୀପ ସାହୁ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମା'ମଙ୍ଗଳା ପୂଜାକମିଟିର ସଂପାଦକ ଅନୀଲ୍ କୁମାର ନାୟକ, ସଭାପତି ମଧୁସୂଦନ ଘଡ଼େଇ, ରାଜେନ୍ଦ୍ର ଘଡ଼େଇ, ଅଭିମନ୍ୟୁ ନାୟକ ଏବଂ ବାପୁଜୀ କ୍ଲବ୍‌ର ସଭାପତି ସୁବାଷ ନାୟକ, ସଂପାଦକ ସହଦେବ ନାୟକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ ।






# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ: ମଣିପୁର ଚାମ୍ପିୟନ



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

**ଭୁବେନଶ୍ୱର,୩୧।୩ (ଅନାଦି କର)**

କଟକର ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଆୟୋଜିତ ୨୬ତମ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତାରେ ୨୮ଟି ରାଜ୍ୟରୁ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ମଣିପୁର ୩୫ ପଏଣ୍ଟ ହାସଲ କରି ବିଜେତା ହୋଇଥିବା ବେଳେ ହରିୟାଣା ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ଉପବିଜେତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଲୋକ ସଭା ସାଂସଦ ଭର୍ତ୍ତୃହରି ମହତାବ ଏବଂ ସମ୍ମାନିତ ଅତିଥି ଭବେ ଓଡ଼ିଆ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ଶ୍ରୀତମ ଦାସ, ଜାତୀୟ ଫେନ୍‌ସିଂ ସଂଘ ସମ୍ପାଦକ ରାଜୀବ ମେହେଟା, ରାଜ୍ୟ ଫେନସିଂ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପ ସଭାପତି ରମେଶ ମଲ୍ଲିକ, କୋଷାଧକ୍ଷ ପୁଲିନ ମହାପାତ୍ର, ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ନୀତା ଫୁଟ୍‌ବଲ ଏକାଡେମୀକୁ ହରାଇଲା ଶ୍ରୀଭୂମି ଏଫ୍‌ସି

**ବାରାକ୍‌ପୁର, ୩୧।୩ (ପି.ଟି.)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲୁଏଲ୍)ର ସୋମବାର ମ୍ୟାଚରେ ଓଡ଼ିଶାର ନୀତା ଫୁଟ୍‌ବଲ ଏକାଡେମୀକୁ ୪-୨ ପରାସ୍ତ କରି ଶ୍ରୀଭୂମି ଏଫ୍‌ସି । ଗତ ୩ଟି ଗେମ୍‌ରେ ଦଳର ଏହା ପ୍ରଥମ ବିଜୟ । ମ୍ୟାଚରେ ଆୟୋଜକ ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୩-୧ରେ ଆଗୁଆ ରହିଥିଲା । ଦଳ ପକ୍ଷରୁ ମୌସୁମି ମୁର୍ମୁ (୩୩ତମ ଓ ୪୫+୨ ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ସାଣ୍ଡ୍ରା ଏଟିଙ୍ଗା (୪୨ତମ) ଓ ବାଲା ଦେବୀ (୫୨ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ନୀତା ଏକାଡେମୀ ତରଫରୁ ମନୀଷା ନାୟକ (୩୪ତମ) ଓ ଜୁଲି କିଷାନ (୫୮ତମ) ଗୋଲ ଦେଇଥିଲେ ।


# Classified Everyday 0674-2580101, 9692975378


AUTOMOBILE

**SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254

Tata Ultra 41 Seater Bus for Sale. Contact Details: 7077714312. D-3476

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ । ରଙ୍ଗୀନ ଟ୪୨୦/– ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ ।


REAL ESTATE

**SALE**

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ । (Outright). 9348232008. D-76250

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।




Newly open Jyoti SPA positively health benefits (Expert therapist). 8458067955. D-76904

**Newly opened spa in puri. Professional body massage available. 9861984834.** D-3394

**LOST**

ଘୋଷଣାନାମା– ମୁଁ ମଞ୍ଜୁଲତା ରାଉତ, ସ୍ୱା– ଯୁଧିଷ୍ଠିର ରାଉତ, ନୂଆଭୁବନ, ଭୁବନ, ଢେଙ୍କାନାଳ ମୋର ଦଲିଲ 433/2000 ହଜିଯାଇଛି, ତାହା ଥାନାରେ ଜଣାଯାଇଛି । ଧ-୩୪୮୩

**AFFIDAVIT**

I, Smt. Jayshree Pani, wife of Abhaya Kumar Pani, in my Passport No.-N5579044 my husband name is wrongly mentioned Abhaya Kumra Pani instead of the correct name Abhaya Kumar Pani, Village-Bijigol, P.O.-Bijigol, P.S.-NTPC Town Police Station, Dist.-Anugul, PIN-759117, Odisha declare by this affidavit No.-185, dtd.20.03.2025 that now onwards my husband name shall be written as Abhaya Kumar Pani for all future purposes. D-3485

By virtue of an affidavit sworn before Notary, Kendrapara, dated 19.02.2025, I, Baburam Behera, Village: P.O.-Arehikana, P.S.- Aul, Dist.-Kendrapara, PIN-754231 declare that I have changed my daughter's name from Puspalata Behera to Bijaya Laxmi Behera. Henceforth she shall be known as Bijaya Laxmi Behera for all purposes.
Baburam Behera
D-3482

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିତ୍ୟାନନ୍ଦ ବେହେରା**
ରାମେଶ୍ୱରପୁର, ଧାମନଗର, ଭଦ୍ରକ
ଆବିର୍ଭାବ : ୨୯।୦୯।୧୯୫୨
ତିରୋଧାନ : ୨୨।୦୩।୨୦୨୫

ହେ ପରମପୂଜ୍ୟ ପିତା, ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ । ଆପଣ ଛାଡ଼ି ଯାଇଥିବା ସ୍ମୃତି, ଭଲପାଇବା ସବୁଦିନ, ସବୁସମୟରେ ମନେପଡୁଛି, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେବା ସହିତ ସ୍ୱର୍ଗଧାମ ପ୍ରାପ୍ତି ହେଉ, ଏତିକି ହିଁ ଆମମାନଙ୍କର କାମନା ।

ଶୋକସନ୍ତପ୍ତ: କନିଷ୍ଠ ଭ୍ରାତା-ଭ୍ରାତୃବଧୂ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ: ପିଣ୍ଟୁ, ଚନ୍ଦନ, ଅଖନ, ସୋନୁ, ଖୁସି, ଲକି, ନାତି-ଅଭି, ପ୍ରତ୍ୟୁଷ, ରିଆନ୍ସ, ଦିବ୍ୟରଞ୍ଜନ, ନାତୁଣୀ- ପ୍ରାଚୀ, ଅଭିଲିପ୍ସା, କଣ୍ଟେଇ, ରାଜଶ୍ରୀ, ବନ୍ଧୁବାନ୍ଧବ ଓ ବେହେରା ପରିବାରବର୍ଗ ।
ଧ-୩୪୮୪

**୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଅଲେଖ ପ୍ରଧାନ**
ଆବିର୍ଭାବ: ୧୯୪୯
ତିରୋଧାନ: ୨୦୦୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ପୁତ୍ର ମନମୋହନ, ଅମର, ବିନ୍ଦୁସାଗର, ନାତି ଅଂଶୁମାନ, ଅଙ୍କିତ୍, ବିଭୁ, ଇପସିତ୍, ନାତୁଣୀ ଦୀପ୍ତି, ଆରତ୍ତୁ, ଜ୍ୟୋତି, ବନ୍ଧୁ ଓ ପ୍ରଧାନ ପରିବାରବର୍ଗ।
ଧ-୩୪୮୬


# ନରେନ୍ଦ୍ର ଭାରତୀୟ ଦଳର ନେତୃତ୍ୱ ନେବେ

**ନୂଆଦିଲ୍ଲୀ,୩୧।୩(ପି.ଟି.):** ବ୍ରାଜିଲର ଫଜ ଡୋ ଆଇଗୁଆକୁରେ ହେବାକୁ ଯାଉଥିବା ଉଦ୍‌ଘାଟନୀ ବିଶ୍ୱ ବକ୍ସିଂ କପ୍ ଟୁର୍ନାମେଣ୍ଟରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ନରେନ୍ଦ୍ର ବେରୱାଲ ୧୦ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ । ଗତ ଫେବୃଆରୀରେ ଅନ୍ତର୍ଜାତୀୟ ବକ୍ସିଂ ଫେଡେରେଶନ ଭାବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିଠାରୁ ସ୍ୱୀକୃତି ପାଇବା ପରେ ୱାର୍ଲ୍ଡବକ୍ସିଂ (ଡବ୍ଲ୍ୟୁବି) ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ଏହା ପ୍ରଥମ ଟୁର୍ନାମେଣ୍ଟ ହେବ । ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ । କିନ୍ତୁ ଭାରତ କେବଳ ପୁରୁଷ ବକ୍ସରଙ୍କୁ ପଠାଇଛି । କାରଣ ମହିଳାଙ୍କ ଜାତୀୟ ଚାମ୍ପିୟନଶିପ ଗୁରୁବାର ଶେଷ ହୋଇଥିଲା । ତେବେ ଡବ୍ଲ୍ୟୁବି ଦ୍ୱାରା ନୂଆ ଓଜନ କ୍ୟାଟେଗୋରୀ ଅଣାଯିବା ପରେ ଭାରତୀୟ ବକ୍ସରମାନେ ପ୍ରଥମ ଥର ପାଇଁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି । ପ୍ରତ୍ୟେକ ଓଜନ କ୍ୟାଟେଗୋରୀରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବକ୍ସରଙ୍କୁ ଏକ ସପ୍ତାହ ଲମ୍ବା କ୍ୟାମ୍ପ ଲାଗି ବ୍ରାଜିଲ ପଠାଯାଇଥିଲା । ଅନଫିଟ୍ ଥିବା ସୁମିତ (୮୫କେଜି)ଙ୍କ ବ୍ୟତୀତ ସମସ୍ତ ଜାତୀୟ ଚାମ୍ପିୟନ ଟୁର୍ନାମେଣ୍ଟରେ ଭାଗ ନେବେ । ଦଳରେ ନିଶାନ୍ତ ଦେବ ଓ ଅମିତ ପଙ୍ଘାଲଙ୍କୁ ସାମିଲ କରାଯାଇ ନାହିଁ । କାରଣ ସେମାନେ ଦୁହେଁ ପେସାଦାର ପାଲଟି ଯାଇଛନ୍ତି । ୬ ଦିନିଆ ଟୁର୍ନାମେଣ୍ଟରେ ୧୯ ଦେଶର ୧୩୦ ବକ୍ସର ଭାଗ ନେବେ ।

# ଫିଟ୍‌ନେସ୍ ହାବିଟ୍

**ନିଜକୁ ଫିଟ୍ ରଖିବା ପାଇଁ ହେଲେ ଲାଇଫ୍ ଷ୍ଟାଇଲରେ କିଛି ଭଲ ଅଭ୍ୟାସକୁ ଆପଣାଇ ନିଅନ୍ତୁ...**

⏭ ଅତ୍ୟଧିକ ଖାଇବା, କମ୍ ଖାଇବା, ବାହାରୁ ମଗାଇ ଖାଇବା, ଠିକ୍ ସମୟରେ ନ ଖାଇବା ଓ ନ ଉଠିବା ଏସବୁ ନେଗେଟିଭ୍ ହାବିଟ୍ ବା ଖରାପ ଅଭ୍ୟାସ। ତେଣୁ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏସବୁ ଅଭ୍ୟାସକୁ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ।

⏭ ଠିକ୍ ସମୟରେ ଶୋଇବାକୁ ଚେଷ୍ଟା କରନ୍ତୁ ଓ ଠିକ୍ ସମୟରେ ଉଠନ୍ତୁ। ଫିଟ୍‌ନେସ୍ ପାଇଁ ଏହା ସର୍ବପ୍ରଥମ ଆବଶ୍ୟକତା କହିଲେ ଭୁଲ୍ ହେବ ନାହିଁ। ଶୋଇବା ସମୟ ଠିକ୍ ରହିଲେ ପୂରା ଦିନ ଆପଣ ଆକ୍ଟିଭ ରହିପାରିବେ। ଭଲ ନିଦ ପାଇଁ ଶୀଘ୍ର ଶୋଇବାକୁ ଯାଆନ୍ତୁ ଓ ଶୋଇବା ପୂର୍ବରୁ କିଛି ଯୋଗ କରନ୍ତୁ।

⏭ ସକାଳୁ ଶୀଘ୍ର ଉଠିବା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଆୟୁର୍ବେଦ ଅନୁସାରେ ବ୍ରାହ୍ମ ମୁହୂର୍ତ୍ତରେ ଉଠିବା ବହୁତ ଭଲ। ତେଣୁ ଶୀଘ୍ର ଉଠିବା ପାଇଁ ପ୍ରଥମେ ମନ ଦୃଢ କରିବାକୁ ହେବ। ଏହାପରେ ସେହି ଅନୁସାରେ କିଭଳି ଉଠିପାରିବେ ବ୍ୟବସ୍ଥା କରନ୍ତୁ।

⏭ ସକାଳୁ ପ୍ରଥମେ ଗରମ ପାଣି ପିଅନ୍ତୁ। ଗରମ ପାଣିରେ ଲେମ୍ବୁ ଓ ମହୁ ମଧ ମିଶାଇ ପିଇପାରିବେ। ଦିନକୁ ଅତି କମ୍‌ରେ ୩ ଲିଟର ପାଣି ପିଅନ୍ତୁ।

⏭ ସକାଳ ୮ଟାରୁ ୯ଟା ମଧ୍ୟରେ ସବୁଦିନ ଜଳଖିଆ ଖାଇବାକୁ ଚେଷ୍ଟା କରନ୍ତୁ। ଏପରି ଅଭ୍ୟାସ ଫଳରେ ଦିନସାରା ଆକ୍ଟିଭ ରହିପାରିବେ। ତେବେ ହେଲ୍‌ଦି ଜଳଖିଆ ନିମନ୍ତେ ଦଲିଆ, ଓଟ୍‌ସ, ରୁଟି ଆଦି ଖାଇପାରିବେ।



# ସୁନ୍ଦର ଦିଶିବ ଧଳା ପୋଷାକ

**ଧଳା ପୋଷାକରେ ଖୁବ୍‌ଶୀଘ୍ର ଦାଗ ଲାଗିଯାଏ ଓ ସହଜରେ ଛାଡ଼େନାହିଁ। ଦାଗ ଛଡ଼ାଇ ଏହାର ଶୁଭ୍ରତା ନୂଆ ଭଳି ରଖିବା ପାଇଁ ଜାଣି ରଖନ୍ତୁ କିଛି ଉପାୟ...**



⏩ ଧଳା ପୋଷାକକୁ ସଫା କରିବା ପାଇଁ ଠିକ୍ ଉପାୟ ବ୍ୟବହାର କରନ୍ତୁ। ପ୍ରଥମେ କପଡ଼ା ଭିଜାଇବା ପାଇଁ ଏକ ପାତ୍ର ଅବା ବାଲ୍‌ଟିରେ କିଛି ଉଷୁମ ପାଣି ନିଅନ୍ତୁ। ଏହି ପାଣିରେ ୨ ବଡ଼ ଚାମଚ ବେକିଂ ସୋଡ଼ା, ଗୋଟିଏ ଲେମ୍ବୁ ରସ ଓ ୨ ଚାମଚ ଭିନେଗାର ପକାଇ ମିଶାନ୍ତୁ। ସେହି ପାଣିରେ ଧଳା କପଡ଼ାକୁ ଭିଜାଇ ରଖିଦିଅନ୍ତୁ। ଏହିଭଳି ଭାବରେ ପ୍ରାୟ ୧୦ ରୁ ୧୨ ଘଣ୍ଟା ଭିଜାଇ ରଖି ଦିଅନ୍ତୁ। ଏହାପରେ ପାଣିରୁ କାଢ଼ି ଡିଟରଜେଣ୍ଟ କିମ୍ବା ସାବୁନ ଲଗାଇ ସଫା କରି ଦିଅନ୍ତୁ। ଏହିଭଳି ଭାବରେ ଅଧିକ ଲୁଗାକୁ ଭିଜାଇ ପୁଣି ୱାଶିଂ ମେଶିନ କିମ୍ବା ହାତରେ ସଫା କରିପାରିବେ। ତେବେ ସଫା କରିବା ପରେ ସବୁବେଳେ ଲୁଗାକୁ ଛାଇ ସ୍ଥାନରେ ଶୁଖାନ୍ତୁ।

⏩ ଧଳା ଲୁଗାରେ ଯଦି ଦାଗ ଲାଗିଯାଉଛି, ତେବେ ସଙ୍ଗେ ସଙ୍ଗେ ସଫା କରି ଦିଅନ୍ତୁ। ଦାଗ ବେଶି ରହିବ ନାହିଁ। ପରେ ଧୋଇବେ ଭାବି ବେଶି ଦିନ ରଖିଦେଲେ ଦାଗ ସହଜରେ ଛାଡ଼ିବ ନାହିଁ।

⏩ ଧଳା ପୋଷାକକୁ ମେଶିନ ବଦଳରେ ବାହାରେ ସଫା କରନ୍ତୁ, ଫଳରେ କେଉଁଠାରେ ଦାଗ ଲାଗିଥିଲେ ଅଧିକ ସମୟ ହାତରେ ସଫା କରି ଛଡ଼ାଇ ପାରିବେ।

⏩ ତେବେ ସଫା କରିବାବେଳେ କୌଣସି ପ୍ରକାରର କ୍ଲୋରିନ୍ କିମ୍ବା ବ୍ଲିଚିଂ ବ୍ୟବହାର କରନ୍ତୁ ନାହିଁ। ଏହା ପୋଷାକକୁ ଖରାପ କରିଦେବ।

⏩ ଧଳା ପୋଷାକର ରଙ୍ଗ ସୁନ୍ଦର ରଖିବା ପାଇଁ ଆପଣ ଲଣ୍ଡ୍ରି ବୁଷ୍ଟର ବ୍ୟବହାର କରିପାରିବେ। କିନ୍ତୁ ଅତ୍ୟଧିକ ଡିଟରଜେଣ୍ଟ କିମ୍ବା ଲଣ୍ଡ୍ରି ବୁଷ୍ଟର ବ୍ୟବହାର କରନ୍ତୁ ନାହିଁ।

⏩ କୌଣସି ରଙ୍ଗିନ ପଲିଥିନ୍ କିମ୍ବା ଜରି ବ୍ୟାଗ୍‌ରେ ଧଳା ପୋଷାକ ରଖନ୍ତୁ ନାହିଁ। କେବଳ ଧଳା ସୂତା ବ୍ୟାଗ କିମ୍ବା ଆଲମିରା ଭିତରେ ଘୋଡ଼ାଇ ରଖନ୍ତୁ। ଦାମୀ ପୋଷାକଗୁଡ଼ିକୁ ଠିକ୍ ଭାବରେ ସଜାଡ଼ି ଭିତରେ ରଖନ୍ତୁ, ଯେଉଁଠାରେ ବାହାରର ଧୂଳି କିମ୍ବା ମଇଳା ଲାଗିବ ନାହିଁ।

# ପିଲାଙ୍କ ପାଇଁ ପ୍ଲାନିଂ

**ପିଲା ଠିକ୍ ସମୟରେ ସ୍କୁଲ ଯିବେ, ଘରର ସବୁ କାମ ବି ଯଥା ସମୟରେ ହେବ। ଏସବୁ ପାଇଁ ସଚେତନ ଥା'ନ୍ତି ଗୃହିଣୀ। କେତେବେଳେ କ'ଣ କରିବାକୁ ହେବ ସେନେଇ ତିଆରି କରିଥାନ୍ତି ନିଜର ଅଲିଖିତ ରୁଟିନ। ହେଲେ ଏଇ କାର୍ଯ୍ୟସୂଚୀକୁ ଏବେ ପୁଣିଥରେ ବଦଳାଇବାକୁ ହେବ, କାହିଁକି ନା ପିଲାଙ୍କର ଏବେ ଆରମ୍ଭ ହୋଇଛି ସକାଳୁଆ ସ୍କୁଲ...**



କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଘରକାମ ପାଇଁ ରୁଟିନ୍ ତିଆରି ନ କଲେ ସବୁଥିରେ ପଛୁଆ ହୋଇଯାନ୍ତି। ତେଣୁ କେଉଁ କାମକୁ କେଉଁ ସମୟରେ କରିବାକୁ ହେବ ସେନେଇ ପୂର୍ବରୁ ସବୁକିଛି ପ୍ରସ୍ତୁତ କରିବାକୁ ହୁଏ। ଏବେ ପିଲାଙ୍କ ସ୍କୁଲ ଟାଇମ୍ ପରିବର୍ତ୍ତନ ହୋଇଥିବାରୁ ନିଜ କାମ କରିବା ଷ୍ଟାଇଲ୍ ବି ବଦଳାଇ ଦେଇଛନ୍ତି ମହିଳା। ତେବେ ସବୁ କାମକୁ ସୁଚାରୁରୂପେ କରିବା ପାଇଁ ପ୍ଲାନିଂ କରିବା ଜରୁରୀ।

**ମାନସିକ ପ୍ରସ୍ତୁତି:** ଘରର ସବୁ କାମ କିପରି କରିବେ ସେନେଇ ପ୍ରଥମେ ମାନସିକ ପ୍ରସ୍ତୁତି ଦରକାର। ଅର୍ଥାତ୍ ଆସନ୍ତାକାଲି କ'ଣ କରିବା ପାଇଁ ଚାହୁଁଛନ୍ତି ସେନେଇ ମନରେ ଭାବିବାକୁ ହେବ। ସେହି ଅନୁସାରେ ପିଲା ପାଇଁ ଟିଫିନ କ'ଣ କରିବେ କିମ୍ବା ସ୍କୁଲ ବ୍ୟାଗ ସଜାଡ଼ିବେ ଏସବୁ ନେଇ ପୂର୍ବ ରାତିରୁ ହିଁ ପ୍ରସ୍ତୁତି କରିଦେଲେ ସୁବିଧା ହୋଇଥାଏ। ସେହିଭଳି ଘରେ ଯଦି ବୟସ୍କ କିମ୍ବା ଗୁରୁଜନ ଥାନ୍ତି ସେମାନଙ୍କ ପାଇଁ ସକାଳୁ କିଭଳି ପ୍ରସ୍ତୁତି କରିବାକୁ ହେବ ସେକଥା ବି ଭାବିବା ଦରକାର। ନଚେତ୍ ପିଲାଙ୍କ ପାଇଁ ଅନ୍ୟମାନଙ୍କର ଅବହେଳା ହେଲେ ପାରିବାରିକ ସନ୍ତୁଳନ ବି ବିଗିଡ଼ି ଯାଇପାରେ।







**କିଛି କାମ ଆଗୁଆ :** ସକାଳୁଆ ସ୍କୁଲ ହେଲେ ସବୁ କାମ ଆଗୁଆ କରିବାକୁ ହେବ। କିଛି କାମ ତ ପୂର୍ବଦିନ ରାତିରୁ ବି କରିବାକୁ ହେବ। ଉଦାହରଣ ସ୍ୱରୂପ ପିଲାଙ୍କ ପାଇଁ କେଉଁ ଜଳଖିଆ କରିବେ ସେଥିପାଇଁ ଆବଶ୍ୟକ ଜିନିଷ ସବୁ ଏକାଠି କରି ରଖିବା ଓ କୌଣସି ସାମଗ୍ରୀ ନ ଥିଲେ ତାହା ଯୋଗାଡ଼ କରି ରାତିରୁ ରଖିଦେଲେ ସୁବିଧା ହେବ। ତା' ଛଡ଼ା ପିଲାଙ୍କୁ ଉଠାଇବା କିଛି ସମୟ ପୂର୍ବରୁ ନିଜକୁ ଉଠିବାକୁ ହେବ। ତେବେ ପରିସ୍ଥିତି ଅନୁସାରେ କେତେ ସମୟ ଆଗରୁ ଉଠିଲେ କାମ ଠିକ୍‌ଭାବେ ହୋଇପାରିବ ସେକଥା ନିଜକୁ ହିଁ ନିଷ୍ପତ୍ତି ନେବାକୁ ହେବ। ଏଭଳି ଭାବରେ ଆଗୁଆ କିଛି କାମ କରି ରଖିବା ବୁଦ୍ଧିମତୀ ଗୃହିଣୀଙ୍କ ଲକ୍ଷଣ ହୋଇଥାଏ।

**ପିଲାଙ୍କୁ ଶିଖାନ୍ତୁ:** ସକାଳୁଆ ସ୍କୁଲ ହେଲେ ଘରକାମର ରୁଟିନ୍ ବଦଳାଇବାକୁ ହୁଏ ଗୃହିଣୀଙ୍କୁ। କର୍ମଜୀବୀ ହୋଇଥିଲେ ସେମାନଙ୍କୁ ବି ପିଲାଙ୍କ ସମୟ ସହିତ ଆଡ୍‌ଜଷ୍ଟ କରିବାକୁ ପଡ଼ିଥାଏ। ତେବେ ଏଭଳି କ୍ଷେତ୍ରରେ କିଛି କାମ ପିଲାଙ୍କୁ ନିଜେ କରିବାକୁ କୁହନ୍ତୁ। ଯେମିତି କି ନିତ୍ୟକର୍ମ କରିବା, ନିଜ ଡ୍ରେସ ନିଜେ ପିନ୍ଧିବା, ସ୍କୁଲ ବ୍ୟାଗ ସଜାଡ଼ିବା ଇତ୍ୟାଦି ଏଭଳି କିଛି କାମ ସବୁ ପିଲାଙ୍କୁ ନିଜେ କରିବା ପାଇଁ କୁହନ୍ତୁ। ସେଥିପାଇଁ ସେମାନଙ୍କୁ ପୂର୍ବରୁ ଶିଖାନ୍ତୁ। ଏହା ଫଳରେ ଆପଣଙ୍କ ଟାଇମ୍ ମ୍ୟାନେଜମେଣ୍ଟ ଭଲଭାବରେ ହୋଇପାରିବ।

## ଏମାନେ କ'ଣ କରନ୍ତି



**ରାତିରେ ଶୀଘ୍ର ଖାଉଛି:** ପିଲାଙ୍କର ସକାଳୁଆ ସ୍କୁଲ ହେବା ମାତ୍ରେ ମତେ ଆହୁରି ଘଣ୍ଟାଏ ଆଗରୁ ଉଠିବାକୁ ହେବ। ପ୍ରଥମେ ନିଜର ନିତ୍ୟକର୍ମ ସାରି ପିଲାଙ୍କୁ ଉଠାଇ ତାଙ୍କୁ ରେଡି କରିବାକୁ ହେବ। ସେଥିପାଇଁ ମୁଁ ପ୍ଲାନିଂ କରି ସାରିଛି। ଅଳ୍ପ ସମୟ ସ୍କୁଲ ହେବ, ତେଣୁ ହାଲ୍‌କା ଜଳଖିଆ କରିବି। ସକାଳୁ ପିଲାଙ୍କୁ ଉଠାଇବା ମୋ ପାଇଁ ସବୁଠୁ କଷ୍ଟ। ତେଣୁ ଏବେଠାରୁ ଆମ ଘରେ ସମସ୍ତେ ରାତି ଖାଇବା ଶୀଘ୍ର ଖାଇବା ଆରମ୍ଭ କରିଛୁ। ରାତିରେ ଶୀଘ୍ର ଶୋଇଲେ ସକାଳୁ ଠିକ୍‌ଭାବେ କାମ ହୋଇପାରିବ। ତେଣୁ ଆଜିଠୁ ଆମର ରାତି ଖାଇବାର ଟାଇମ୍ ବଦଳାଇଛି।

*– ଭାଗ୍ୟଲକ୍ଷ୍ମୀ ସାହୁ, ଗୃହିଣୀ, ନୟାପଲ୍ଲୀ ବ୍ରିଟ କଲୋନି, ଭୁବନେଶ୍ୱର*



**ରାତିରୁ ସଜାଡ଼ି ରଖିବି:** ମୋ ପୁଅ ଓ ଝିଅ ଦୁଇଜଣଯାକ ହାଇସ୍କୁଲରେ ପଢ଼ିଲେଣି। ତେଣୁ ସେମାନେ ଏବେ ନିଜ କାମ ସବୁ ନିଜେ କରି ପାରୁଛନ୍ତି। ସେଥିପାଇଁ ସକାଳୁଆ ସ୍କୁଲ ହେଲେ ମତେ ଏତେ ଅସୁବିଧା ହବନି। ମୁଁ କେବଳ ସେମାନଙ୍କୁ ସକାଳୁ ଉଠାଇ ଦେବି। ଉଠିବା ପରେ ସେମାନେ ନିଜେ ତାଙ୍କର ସବୁ ନିତ୍ୟକର୍ମ କରି ରେଡି ହୋଇଯିବେ। ମତେ ଖାଲି ଟିଫିନ୍ ତିଆରି କରି ଦେବାକୁ ହେବ। ତେଣୁ ରାତିରୁ ଜଳଖିଆ ପାଇଁ କ'ଣ କରିବି ସଜାଡ଼ି ରଖିଦେବି। ସକାଳୁ ଗାଧୁଆପାଧୁଆ ସାରି ଶୀଘ୍ର ଜଳଖିଆ ତିଆରି କରିଦେବି। ଶୀଘ୍ର ଉଠିଲେ ଘରର ସବୁ କାମ ବି ଶୀଘ୍ର ସରିଯାଏ। ତେଣୁ ବହୁତ ଭଲ ଲାଗେ। ପିଲାମାନେ ସ୍କୁଲ ଯିବାପରେ ଠାକୁର ପୂଜା କରିବି ଆଉ ଦିନବେଳା ଅଧିକ ସମୟ ରେଷ୍ଟ କରିବି।

*– ଅନୁରାଧା ମହାନ୍ତି, ଗୃହିଣୀ, ଜାଗୁଳା, ଧାମରା, ଭଦ୍ରକ*



**ଶୀଘ୍ର ଉଠିବି:** ସକାଳୁଆ ସ୍କୁଲ ଆରମ୍ଭ ହେଲେ ମୋର କାମର ଚାପ ବହୁତ ବଢ଼ିଯିବ। କାହିଁକି ନା ମୋ ଝିଅ ଏବେ ଛୋଟ ଆଉ ସେ ସକାଳୁ ଉଠିବା ପାଇଁ ବହୁତ ହଇରାଣ କରୁଛି। ତାକୁ ଉଠାଇବା ପରେ ବ୍ରଶ କରାଇବା ଖୁଆଇ ଦେବା ସବୁ କାମ ମତେ କରିବାକୁ ହେବ। ତା'ପରେ ସ୍କୁଲ ଡ୍ରେସ ପିନ୍ଧାଇ ଟିଫିନ ପ୍ୟାକ୍ କରି ମୁଁ ବି ଛାଡ଼ିବାକୁ ଯିବି। ସେପଟେ ସ୍ୱାମୀଙ୍କର ସକାଳ ଶିଫ୍ଟ ଥିବାରୁ ତାଙ୍କ ପାଇଁ ବି କିଛିଟା ପ୍ରସ୍ତୁତି କରିବାକୁ ହେବ। ତେଣୁ ସବୁକାମ ପାଇଁ ରାତିରୁ ମୁଁ ସଜାଡ଼ି ରଖିବା ଆରମ୍ଭ କରିଛି। ଆଉ ଠିକ୍ ସମୟରେ ଉଠିଗଲେ ସବୁ କାମ ସହଜ ହୋଇଯିବ। ତେଣୁ ଆଗୁଆ ଉଠିବା ଅଭ୍ୟାସ କରିଛି।

*– ହରପ୍ରିୟା ମହାରଣା, କର୍ମଜୀବୀ, ଜଗନ୍ନାଥ ନଗର, ଝାରପଡ଼ା, ଭୁବନେଶ୍ୱର*



**ମର୍ନିଂୱାକ୍ କରିବିନି:** ଏଥର ମର୍ନିଂୱାକ୍ ବନ୍ଦ କରି ଦେଇଛି। କାରଣ ସକାଳୁ ଆଗ ସ୍କୁଲ ପାଇଁ ଛୁଆଙ୍କୁ ରେଡି କରିବାକୁ ହେବ। ତେବେ ସନ୍ଧ୍ୟାବେଳେ କିଛି ସମୟ ୱାକ୍ କରିବୁ ବୋଲି ପଡ଼ୋଶୀମାନଙ୍କ ସହିତ କଥା ହୋଇଛି। ପ୍ରଥମେ ବଡ଼ଝିଅ ସକାଳୁ ସ୍କୁଲ ଯିବା ପରେ ନିଜ କାମ ଓ ଘରେ ଠାକୁର ପୂଜା, ରୋଷେଇ ସବୁ କରିବାକୁ ହେବ। ତା'ପରେ ସାନଝିଅର ସବୁକାମ ବି ମତେ କରିବାକୁ ହଉଛି। ତେବେ ପିଲାଙ୍କ ପାଇଁ ଯାହା କରିବାକୁ ହେବ ସେଥିପାଇଁ ଆଗୁଆ ଭାବି ଦେଇଥାଏ। ଏବେ ତ ସ୍କୁଲରେ ସେମିତି ବିଧିବଦ୍ଧ ପାଠପଢ଼ା ହୋଇନି। ତେଣୁ ସ୍କୁଲ ବ୍ୟାଗ ସଜାଡ଼ିବା କି ହୋମୱର୍କ ଆଦିର ଏତେ ଚାପ ନାହିଁ। ତେଣୁ ବେଶି ଚିନ୍ତା କରୁନି। ବରଂ ସକାଳୁ ଶୀଘ୍ର ଉଠି ସବୁ କରି ଦେବି। ସନ୍ଧ୍ୟାରେ ମର୍ଣିଂୱାକ୍ ସହିତ ଝିଅକୁ ଡ୍ୟାନ୍ସ କ୍ଲାସରେ ଛାଡ଼ିବାକୁ ଯିବି।

*– ରେବତୀ କୁମାରୀ ଦାଶ, ଡିଏଚ୍‌ପିଏଲ୍ ସାହୁ ରେସିଡେନ୍ସି, ରଙ୍ଗମାଟିଆ, ଭୁବନେଶ୍ୱର*

ସୌନ୍ଦର୍ଯ୍ୟ

# ହେଲୋଗ୍ରାଫିକ୍ ଆଇ ଲାଇନର

**ଆଜିକାଲିର ଟ୍ରେଣ୍ଡି ମେକ୍‌ଅପ୍‌ରେ ହେଲୋଗ୍ରାଫିକ୍ ଆଇ ଲାଇନର ଖୁବ୍ ପସନ୍ଦ କରୁଛନ୍ତି ଟିନ୍‌ଏଜର। ଆଖିକୁ ଏକ ଗ୍ଲାମରସ୍ ଲୁକ୍ ଦେବାପାଇଁ ଏହି ପ୍ରକାର ଷ୍ଟାଇଲକୁ ଆପଣେଇବାକୁ ଚାହୁଁଥିଲେ ଜାଣନ୍ତୁ କିଛି କଥା...**






⏭ସାଧାରଣଭାବେ ଆଇଲାଇନରଠାରୁ ଏହା ଭିନ୍ନ। ଏହି ପ୍ରକାର ମେକ୍‌ଅପ୍‌ରେ ଆକର୍ଷଣୀୟ ଲୁକ୍ ଦେବାପାଇଁ ମଲ୍‌ଟି କଲର ବ୍ୟବହାର କରାଯାଏ, ଯାହା ଆଖିକୁ ଏକ ଭିନ୍ନ ଲୁକ୍ ଦେଇଥାଏ।

⏭ଏହି ଷ୍ଟାଇଲିସ୍ ଲୁକ୍ ଆପଣାଇବାକୁ ଚାହୁଁଥିଲେ ନିଜ ଫ୍ୟାଶନ୍ କିଟ୍ ଭିତରେ ହେଲୋଗ୍ରାଫିକ୍ ଆଇଲାଇନର୍ ନିଶ୍ଚୟ ରଖନ୍ତୁ। ଆଖିକୁ ଅଧିକ ସୁନ୍ଦର କରିବା ପାଇଁ ଏହି ରଙ୍ଗ ବେରଙ୍ଗର ଆଇଲାଇନର୍ ଏକ ସୁନ୍ଦର ବିକଳ୍ପ ହୋଇପାରିବ।

⏭ପ୍ରଥମେ ଆଇ ପ୍ରାଇମର ଲଗାନ୍ତୁ। ଏହା ବଦଳରେ ହାଲ୍‌କା କଂସିଲର୍ ମଧ୍ୟ ଲଗାଇପାରିବେ। ଆଇଲାଇନରକୁ ଅଧିକ ସମୟ ସୁନ୍ଦର ରଖିବା ପାଇଁ ଏହାକୁ ନିଶ୍ଚୟ ଲଗାନ୍ତୁ।

⏭ଆଇଲାଇନର ଲଗାଇବା ପାଇଁ ଏହାପରେ ଆଇଲିଡ୍ ଉପରେ ଏକ ଲାଇନ୍ କରନ୍ତୁ। ଲାଇଟ୍ କଲରର ବେଶ୍ ଲଗାଇବା ପରେ ଭଲ କ୍ୱାଲିଟିର ହେଲୋଗ୍ରାଫିକ ଆଇଲାଇନର ସାହାଯ୍ୟରେ ଏକ ପତଳା ଲାଇନ୍ କରନ୍ତୁ। ଆପଣଙ୍କୁ ମୋଟା ଆଇଲାଇନର ପସନ୍ଦ ଥିଲେ ଡବଲ ଲେୟାର କରନ୍ତୁ। ଏହାପରେ ମସ୍କରା ଲଗାନ୍ତୁ।

⏭ଯଦି ଡିଫାଇଣ୍ଡ ଲୁକ୍ ଚାହୁଁଛନ୍ତି ତେବେ କଳା କିମ୍ବା ବ୍ରାଉନ ରଙ୍ଗର ଆଇଲାଇନରରେ ବେସ୍ କରନ୍ତୁ। ଡବଲ ଲାଇନର ଷ୍ଟାଇଲ ଆପଣଙ୍କୁ କ୍ଲାସିକ ଆଇଲାଇନର ଓ ହେଲୋଗ୍ରାଫିକ ଟ୍ୱିଷ୍ଟ ସହିତ ଯୋଡ଼ିବାର ଏକ ମୌକା ଦେଇଥାଏ। ଏହା ଫଳରେ ଆଖିରେ ଡିପ୍‌ନେସ୍ ଦେଖାଯାଇଥାଏ ଓ ଆଖି ଅଧିକ ସୁନ୍ଦର ଦେଖାଯାଏ।

⏭ଡବଲ ଆଇଲାଇନର ଟେକ୍‌ନିକ୍ ଚାହୁଁଥିଲେ ଆଇଲିଡ୍ ବେସ୍ ପାଇଁ କ୍ଲାସିକ ବ୍ଲାକ କିମ୍ବା ଡିପ୍ ବ୍ଲୁ ବ୍ୟବହାର କରନ୍ତୁ। ଆଇଲାଇନର ଲଗାଇବାବେଳେ ପ୍ରଥମେ ଏକ ପତଳା ଲାଇନ କରନ୍ତୁ। ଏହାପରେ ହେଲୋଗ୍ରାଫିକ ଆଇଲାଇନରରେ ଆଉ ଏକ ଲାଇନ୍ କରନ୍ତୁ। ତେବେ ତଳ ଲାଇନ୍ ତୁଳନାରେ ଉପର ଲାଇନ୍ ହାଲ୍‌କା ହେବା ଦରକାର। ତେବେ ଏହାକୁ ବେଶି ସମୟ ରଖିବାକୁ ଚାହୁଁଥିଲେ ଏଥିରେ ସେଟିଂ ସ୍ପ୍ରେର ଲାଇଟ୍ କୋଟ୍ ଲଗାନ୍ତୁ। ଏହା ୟୁନିକ ଓ ଗ୍ଲାମରସ୍ ଲୁକ୍ ଦେଇପାରିବ।

## ଖାଦ୍ୟରୁଚି // ପାଳଙ୍ଗ କବାବ

ଆବଶ୍ୟକ ସାମଗ୍ରୀ
ପାଳଙ୍ଗ ଶାଗ– ୨ କପ୍, ଆଳୁ– ୨ରୁ ୩ଟି, ମଟର– ଅଧାକପ୍, କ୍ୟାପସିକମ୍– ୨ଟି, ଦହି– ୧ କପ୍, କଞ୍ଚାଲଙ୍କା– ୨ଟି, ଅଦା– ଖଣ୍ଡେ, ଗରମ ମସଲା– ଅଧା ଛୋଟ ଚାମଚ, ଗୁଜୁରାତି ଗୁଣ୍ଡ– ଅଳ୍ପ, ଆମଚୁର ପାଉଡର– ଅଧା ଛୋଟ ଚାମଚ, ବେସନ– ୩ ବଡ଼ ଚାମଚ, ତେଲ– ୩ ବଡ଼ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ।

ପ୍ରସ୍ତୁତି ପ୍ରଣାଳୀ–
ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ପାଳଙ୍ଗ ଶାଗକୁ ଭଲଭାବେ ଧୋଇ ଛୋଟ ଛୋଟ କାଟି ରଖନ୍ତୁ। ଏହାପରେ କଡ଼େଇରେ ଅଳ୍ପ ପାଣି ଦେଇ ଶାଗକୁ ଅଧା ସିଝାଇ ପାଣିରୁ ଛାଣି ରଖନ୍ତୁ। ଏବେ କଡ଼େଇ ଗରମ କରି ସେଥିରେ ତେଲ ପକାଇ ରସୁଣକୁ ଛେଚି ପକାନ୍ତୁ। ଅଳ୍ପ ଭାଜି ହେବା ପରେ ସେଥିରେ ମଟର ଓ କ୍ୟାପ୍ସିକମ୍ ପକାଇ ଅଳ୍ପ ଭାଜନ୍ତୁ। ଏହାପରେ ପାଳଙ୍ଗ ଶାଗ ସହିତ କଞ୍ଚାଲଙ୍କା, ମଟର ଓ କ୍ୟାପ୍ସିକମ୍‌କୁ ଗ୍ରାଇଣ୍ଡରରେ ଦରଦର କରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ମିଶ୍ରଣରେ ଏବେ ସିଝାଆଳୁ ପକାନ୍ତୁ। ଏହାପରେ ସେଥିରେ ଅଦାକୁ କୋରି ପକାନ୍ତୁ। ଗରମ ମସଲା, ଧନିଆ ଗୁଣ୍ଡ, ହଳଦୀ, ଲୁଣ, ଆମ୍‌ଚୁର ପାଉଡର, ଧନିଆପତ୍ର ଓ ବେସନକୁ ଅଳ୍ପ ଭାଜି ସେଥିରେ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଚକଟି ହାତରେ କବାବ ଭଳି ଆକାର ଦେଇ ପ୍ଲେଟରେ ରଖନ୍ତୁ। ଏସବୁକୁ କଡ଼େଇରେ ତେଲ ପକାଇ ମଧ୍ୟମ ଆଞ୍ଚରେ ଭାଜି ଦିଅନ୍ତୁ। ଏହାକୁ ତେଲରେ ମଧ ଛାଣିପାରିବେ। ଏବେ ପ୍ରସ୍ତୁତ ହୋଇଥିବା କବାବକୁ ଟମାଟୋ ଚଟଣି ସହିତ ଖାଆନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧/୨୦୨୫ Bhubaneswar, Tuesday, April 1/ 2025

# ପଏଣ୍ଟ ଖାତା ଖୋଲିଲା ମୁମ୍ବାଇ

**ମୁମ୍ବାଇ,୩୧।୩**

ପଦାର୍ପଣକାରୀ ଅଶ୍ୱନୀ କୁମାରଙ୍କ ଘାତକ ବୋଲିଂ ଓ ରିଆନ ରିକଲଟନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍ଆଇ) ୮ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହି ବିଜୟ ସହ ମୁମ୍ବାଇ ତା'ର ପଏଣ୍ଟ ଖାତା ଖୋଲିଛି। ପଦାର୍ପଣ ମ୍ୟାଚରେ ପ୍ରଥମ ଭାରତୀୟ ଭାବେ ଅଶ୍ୱନୀ ୪ ଉଇକେଟ ନେଇଛନ୍ତି।

ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କୋଲକାତା ୧୬.୨ ଓଭରରେ ୧୧୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଙ୍ଗକ୍ରିଶ ରଘୁବଂଶୀ ୨୬, ରମନଦୀପ ସିଂ ୨୨, ମନୀଷ ପାଣ୍ଡେ ୧୯, ରିଙ୍କୁ ସିଂ ୧୭, ଅଧିନାୟକ ଅଜିଙ୍କ୍ୟ ରାହାନେ ୧୧ ରନ କରିଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରିନଥିଲେ। ମୁମ୍ବାଇ ପକ୍ଷରୁ ପଦାର୍ପଣକାରୀ ଅଶ୍ୱନୀ କୁମାର ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ଚହର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମୁମ୍ବାଇ ମାତ୍ର ୧୨.୫ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରୋହିତ ଶର୍ମା ୧୩ ଓ ୱିଲ ଜ୍ୟାକ୍ସ ୧୬ ରନ କରି ଆଉଟ ହୋଇଥିଲେ। ରିକଲଟନ ୪୧ ବଲରେ ୪ ଚୌକା ଓ ୫ ଛକା ସହିତ ୬୨ ରନ ଓ ସୂର୍ଯ୍ୟକୁମାର ୯ ବଲରେ ୩ ଚୌକା ଓ ୨ ଛକା ସହିତ ୨୭ ରନ କରି ମ୍ୟାଚ ଫିନିଶ କରିଥିଲେ। କେକେଆର ପକ୍ଷରୁ ରସେଲ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୧୬.୨ ଓଭରରେ ୧୧୬/ଅଲଆଉଟ (ଆଙ୍ଗକ୍ରିଶ ରଘୁବଂଶୀ-୨୬, ମନୀଷ ପାଣ୍ଡେ-୧୯, ଅଶ୍ୱନୀ କୁମାର-୪/୨୪, ଦୀପକ ଚହର-୨/୧୯, ମୁମ୍ବାଇ ଇଣ୍ଡିଆନ୍ସ: ୧୨.୫ ଓଭରରେ ୧୨୧/୨ (ରିୟାନ ରିକଲଟନ-୬୨*, ସୂର୍ଯ୍ୟକୁମାର ଯାଦବ-୨୭*, ଆନ୍ଦ୍ରେ ରସେଲ-୨/୩୫)।



ପଦାର୍ପଣରେ ୪ ଉଇକେଟ ନେଇ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଅଶ୍ୱନୀ କୁମାର।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୬୩ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୫୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | ୦.୩୦୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ଲକ୍ଷ୍ନୌ ବନାମ ପଞ୍ଜାବ**

**ସ୍ଥାନ: ଲକ୍ଷ୍ନୌ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଜୋକୋଭିଚ୍‌ଙ୍କୁ ହରାଇ ଟାଇଟଲ ଜିତିଲେ ମେନ୍‌ସିକ୍

**ମାୟାମି ଗାର୍ଡେନ୍ସ, ୩୧।୩ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକାଭିଚ୍‌ଙ୍କୁ ୭-୬ (୪), ୭-୬ (୪)ରେ ହରାଇ ଚେକ୍‌ରିପବ୍ଲିକର ୧୯ ବର୍ଷୀୟ ଜାକବ୍ ମେନ୍‌ସିକ୍ ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏହା ତାଙ୍କର ପ୍ରଥମ ଏଟିପି ଟାଇଟଲ। ଏହି ମ୍ୟାଚ ୨ ଘଣ୍ଟା ୩ ମିନିଟ ଧରି ଚାଲିଥିଲା। ମେନସିକ୍‌ଙ୍କ ବିଜୟ ଦ୍ୱାରା ୩୭ ବର୍ଷୀୟ ଜୋକୋଭିଚ୍‌ଙ୍କୁ ୧୦୦ତମ କ୍ୟାରିୟର ଟାଇଟଲ ଏବଂ ମାୟାମି ଓପନ୍‌ରେ ରେକର୍ଡ ୭ମ ଟାଇଟଲ ରେକର୍ଡକୁ ପୁଣି ଅପେକ୍ଷା କରିବାକୁ ପଡ଼ିବ। ଫାଇନାଲ ମ୍ୟାଚ ପୂର୍ବରୁ ଜୋକଭିଚ୍‌ଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଆର୍ଦ୍ରତା ଓ ପରେ ବର୍ଷା ଯୋଗୁ କୋର୍ଟରେ ଖସଡ଼ା ଦେଖାଦେଇଥିଲା। ପୁନଶ୍ଚ ଜୋକୋଭିଚ୍‌ଙ୍କ ଆଖିରେ କିଛି ସମସ୍ୟା ଦେଖା ଦେଇଥିଲା। ଏହିସବୁ ବିଭିନ୍ନ କାରଣରୁ ମ୍ୟାଚ ପ୍ରାୟ ସାଢେ ୫ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ମ୍ୟାଚ ପରେ ୬ଫୁଟ୍ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ୫୪ତମ ର୍ୟାଙ୍କିଙ୍ଗପ୍ରାପ୍ତ ବେନ୍‌ସିକ୍ କହିଛନ୍ତି, ସେ ପିଲାଦିନରୁ ଜୋକୋଭିଚ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ। ଏହି ସର୍ବୀୟ ଷ୍ଟାରଙ୍କ ଯୋଗୁ ଟେନିସ ଖେଳ ପ୍ରତି ସେ ଅନୁପ୍ରାଣିତ ହୋଇଥିଲେ। ଜୋକୋଭିଚ ଏଠାରେ ୨୦୧୯ପରଠାରୁ ଏଠାରେ ଖେଳି ନାହାନ୍ତି। ତେଣୁ ତାଙ୍କ ଖେଳ ଦେଖିବା ଲାଗି ସ୍ଥାନୀୟ ତାଙ୍କ ସମର୍ଥକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ, ଜୋକୋଭିଚ୍ ୨୪ ଗ୍ରାଣ୍ଡସ୍ଲାମ ବିଜେତା।



ଟ୍ରଫି ସହ ଚାମ୍ପିୟନ ଜାକବ୍ ମେନ୍‌ସିକ୍ (ଡାହାଣ)।

# ପରାଗଙ୍କୁ ୧୨ ଲକ୍ଷ ଜରିମାନା

**ଗୁଆହାଟୀ, ୩୧।୩ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ୬ରନ ବିଜୟ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ର୍ୟାନ ପରାଗଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଛି। ରବିବାର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୧୮୨/୯ କରିଥିଲା। ଦଳ ପରେ ସିଏସ୍‌କେକୁ ୧୭୬/୬ରେ ସୀମିତ କରିଦେଇଥିଲା। ପରାଗ ଚଳିତ ସିଜନରେ ତାଙ୍କ ଦଳକୁ ପ୍ରଥମ ବିଜୟ ଆଣିଦେଇଥିଲେ। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁସାରେ ସର୍ବନିମ୍ନ ଓଭର ରେଟ୍ ନିୟମ ଉଲ୍ଲଂଘନ ହୋଇଛି। ଏଥିପାଇଁ ପରାଗଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଥିବା ଆଇପିଏଲ୍ କହିଛି। ରାଜସ୍ଥାନ ରୟାଲ୍ସ ଏହାର ଟୁର୍ନାମେଣ୍ଟ ଓପନର ସନରାଇଜର୍ସ ହାଇଦ୍ରାବାଦଠାରୁ ହାରିଯାଇଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ଏପ୍ରିଲ ୫ରେ ମୁଲାନପୁରରେ ପଞ୍ଜାବ କିଙ୍ଗ୍ସକୁ ଭେଟିବ।

## ଧୋନୀ ପୂରା ୧୦ ଓଭର ବ୍ୟାଟିଂ କରିପାରିବେ ନାହିଁ

**ଗୁଆହାଟୀ,୩୧।୩ (ପି.ଟି.):** ମହେନ୍ଦ୍ର ସିଂ ଧୋନୀ ପୂରା ୧୦ ଓଭର ବ୍ୟାଟିଂ କରିପାରିବେ ନାହିଁ। କାରଣ ତାଙ୍କ ଆଣ୍ଠୁ ଭଲ ନାହିଁ। ଏଥିଯୋଗୁ ମ୍ୟାଚ ପରିସ୍ଥିତିକୁ ଆଧାର କରି ସେ ବ୍ୟାଟିଂ ପୋଜିଶନ ଧାର୍ଯ୍ୟ କରନ୍ତି। ରାଜସ୍ଥାନ ରୟାଲ୍ସଠାରୁ ଚେନ୍ନାଇ ସୁପର କିଙ୍ଗ୍ସର ପରାଜୟ ପରେ ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ଏହା କହିଛନ୍ତି। ଗତ ସପ୍ତାହରେ ଚେପକଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଠାରୁ ସିଏସ୍‌କେ ୫୦ ରନ ବ୍ୟବଧାନରେ ପରାଜୟ ପରେ ନଂ-୯ରେ ବ୍ୟାଟିଂ ଆସିବା ପାଇଁ ଧୋନୀଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା।



72198 21111 | BAJAJ SECURE
*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍‌ସର୍ ଓ ପ୍ଲାଟିନା ଭାରିଆଣ୍ଟସ ସକାଶେ । ମୂଲ୍ୟ ରିଭିଜନ୍ ବନାମ ବତାଯାଇଥିବା ପଲ୍‌ସର୍ ଭାରିଆଣ୍ଟସ ଙ୍କ 31 ମାର୍ଚ୍ଚ 2025 ରେ ଥିବା ଏକ୍ସ-ଶୋରୁମ୍ ମୂଲ୍ୟ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ନିଜ ବର୍ଗ ଭିତରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନ ସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।
Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 8895885325, Dungripali 8114817298, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 7381052046Patnagarh 9937301752, Padampur 9437417977, Gaisilet 9437417977, Barpali 9036128538, Junagarh 9437092196, Muniguda 9124600099, Padampur 9668826075 Rajkhariar 9437188542, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 7381052046, Tarbha 7381052046, Lathor 8018785694, Kantamanjhi 7205911835, Narla 9337025341, Charbahal 7008814195.

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ